NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
5 JULY 2025
ଶନିବାର
୫ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 51 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୫୧ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର







ପୋର୍ଟ ଅଫ୍ ସ୍ପେନ୍: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଶର ସର୍ବୋଚ୍ଚ ଜାତୀୟ ପୁରସ୍କାର 'ଦି ଅର୍ଡର ଅଫ୍ ଦି ରିପବ୍ଲିକ୍ ଅଫ୍ ତ୍ରିନିଦାଦ୍ ଏବଂ ଟୋବାଗୋ' ସମ୍ମାନରେ ସମ୍ମାନିତ କରୁଛନ୍ତି ତ୍ରିନିଦାଦ ଏବଂ ଟୋବାଗୋ ରାଷ୍ଟ୍ରପତି କ୍ରିଷ୍ଟିନେ କଙ୍ଗାଲୁ।

# ହିମାଚଳ ବିପର୍ଯ୍ୟୟ: ୬୯ ମୃତ, ୪୦୦ କୋଟିର କ୍ଷତି

**ଶିମଲା,୪।୭/ଏଜେନ୍ସି:** ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ସାଙ୍ଗକୁ ମୌସୁମୀ ବର୍ଷାଜନିତ ବିପ୍ଳାତ ବିପୁଳ କ୍ଷୟକ୍ଷତି ଆଣିଛି। ଗତ ୧୩ ଦିନ ମଧ୍ୟରେ ରାଜ୍ୟରେ ସାଧାରଣ ଜୀବନଯାତ୍ରା ବହୁମାତ୍ରାରେ ପ୍ରଭାବିତ ହୋଇଛି। ପ୍ରବଳ ବର୍ଷା, ଭୂସ୍ଖଳନ ଯୋଗୁ ବର୍ତ୍ତମାନ ସୁଦ୍ଧା ୬୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଏବେ ବି ନିଖୋଜ ରହିଛନ୍ତି। ଫଳରେ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଏହା ସହିତ ଏହି ପ୍ରାକୃତିକ ଦୁର୍ବିପାକ ଯୋଗୁ ରାଜ୍ୟରେ ପ୍ରାୟ ୪୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି।

ଜୁନ ୨୦ରୁ ଜୁଲାଇ ୩ ମଧ୍ୟରେ ହୋଇଥିବା ବର୍ଷାରେ ରାଜ୍ୟର ମଣ୍ଡି ଜିଲା ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛି। ବହୁ ଘରଦ୍ୱାର ଭୁଶୁଡ଼ି ପଡ଼ିଛି। ଅନେକ ଗାଡ଼ିମୋଟର ମାଟିତଳେ ଦବିଯିବା ସହିତ ବନ୍ୟାଜଳରେ ଭାସିଯାଇଛି। ଏବେ ବି କ୍ଷତିଗ୍ରସ୍ତଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରାଜ୍ୟବ୍ୟାପୀ ୨୫୦ରୁ ଅଧିକ ରାସ୍ତାଘାଟ ଏବେ ବି ବନ୍ଦ ରହିଛି। ୫୦୦ରୁ ଅଧିକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ଅବସ୍ଥାରେ ଅଛି। ଅନ୍ୟାନ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ, ବିଳାସପୁରରେ ୬, ଚମ୍ବାରେ ୬, ହମିରପୁରରେ ୨, କାଙ୍ଗଡ଼ାରେ ୧୩, କିନ୍ନୌରରେ ୨, କୁଲୁରେ ୪, ଲାହୌଲ ସ୍ପିତିରେ ୧, ଶିମଲାରେ ୫, ସିରମୌରରେ ୧, ସୋଲାନରେ ୨ ଏବଂ ଉନା ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି। ସେହିପରି ଏପର୍ଯ୍ୟନ୍ତ ୧୦୯ ଜଣ ଆହତ ହୋଇଛନ୍ତି, ଯେଉଁମାନଙ୍କର ଚିକିତ୍ସା ଚାଲିଛି। ଏହା ସହ ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ନିରନ୍ତର ଜାରି ରହିଛି। କିନ୍ତୁ ଖରାପ ପାଗ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ପ୍ରବଳ ବର୍ଷା ଯୋଗୁଁ ୨୮୭ ଗୃହପାଳିତ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଛି ଯାହା ଗ୍ରାମୀଣ ଅର୍ଥନୀତିକୁ ଏକ ବଡ଼ ଆଘାତ ଦେଇଛି। ଏସବୁ ଭିତରେ ଭାରତ ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସତର୍କତା ଜାରି କରାଯାଇଛି। ପ୍ରବଳ ବର୍ଷା ଲାଗି ରହିବା ସାଙ୍ଗକୁ ଭୂସ୍ଖଳନ ଘଟିବାର ସମ୍ଭାବନା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।



### ଥଲାପତି ବିଜୟ 'ଟିଭିକେ'ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

## ବିଜେପି କିମ୍ବା ଏଆଇଏଡିଏମ୍‌କେ ସହ ହେବନି ମେଣ୍ଟ: ବିଜୟ

**ଚେନ୍ନାଇ,୪।୭/ଏଜେନ୍ସି:** ଅଭିନେତାରୁ ରାଜନେତା ପାଲଟିଥିବା ଥଲାପତି ବିଜୟ ତାମିଲନାଡୁ ନିର୍ବାଚନ ପାଇଁ ବ୍ୟସ୍ତ ଅଛନ୍ତି। ତାମିଲଗା ଭେଟ୍ରି କାଝଗମ (ଟିଭିକେ) ନାମରେ ସେ ନିଜର ଏକ ରାଜନୈତିକ ଦଳ ମଧ୍ୟ ଗଠନ କରିଛନ୍ତି, ଯାହାକି ଆଗାମୀ ୨୦୨୬ ବିଧାନସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଛି। ଏସବୁ ମଧ୍ୟ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଥଲାପତି ବିଜୟ ହିଁ ଦଳର ମୁଖ୍ୟମନ୍ତ୍ରୀ ଚେହେରା ସାଜିବେ।



ଶୁକ୍ରବାର ଟିଭିକେ ପକ୍ଷରୁ ଏନେଇ ବିଧିବଦ୍ଧ ଘୋଷଣା କରାଯାଇଛି। ଟିଭିକେ ଦଳର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଗୃହୀତ ଏକ ସ୍ୱତନ୍ତ୍ର ପ୍ରସ୍ତାବ ପାରିତ ହୋଇଛି। ଏଥିରେ ଏହାର ପ୍ରତିଷ୍ଠାତା ବିଜୟଙ୍କୁ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ନାମିତ କରାଯାଇଛି। ବିଜୟ କହିଛନ୍ତି, ତାଙ୍କ ଦଳ ୨୦୨୬ ତାମିଲନାଡୁ ନିର୍ବାଚନ ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଡିଏମ୍‌କେ କିମ୍ବା ବିଜେପି ସହିତ ମେଣ୍ଟ କରିବ ନାହିଁ। ବିଜେପି ତାମିଲନାଡୁରେ କେବେ ବି ଆଗକୁ ବଢିବ ନାହିଁ। ଆମେ ଡିଏମ୍‌କେ କିମ୍ବା ଏଆଇଏଡିଏମକେ ପରି ନୁହେଁ ଯେ ରାଜନୈତିକ ଲାଭ ପାଇଁ ବିଜେପି ସହ ମେଣ୍ଟ କରିନେବ। ଦଳଗତ ସଂକଳ୍ପ ଅନୁଯାୟୀ, ଟିଭିକେ ଡିଏମ୍‌କେ, ଏଆଇଏଡିଏମକେ ଏବଂ ବିଜେପିର ଶିବିରରେ ନଥିବା ଦଳଗୁଡ଼ିକର ମେଣ୍ଟର ନେତୃତ୍ୱ ନେବ। ଥଲାପତି ବିଜୟ କହିଛନ୍ତି, କେନ୍ଦ୍ରର ଶାସକ ଦଳ 'ଶସ୍ତା ରାଜନୀତି' ଏବଂ 'ରାଜନୈତିକ ଲାଭ' ପାଇଁ 'ସାମ୍ପ୍ରଦାୟିକ ଆଧାରରେ ଲୋକଙ୍କୁ ବିଭାଜିତ' କରିବାକୁ ଚେଷ୍ଟା କରୁଛି।

### କୋଲକାତା ଆଇନ୍ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

## ୪ ଅଭିଯୁକ୍ତଙ୍କୁ ନେଇ ରିକ୍ରିଏସନ୍ କଲା ପୁଲିସ୍

**କୋଲକାତା ,୪।୭/ଏଜେନ୍ସି:** କୋଲକାତା ଆଇନ୍ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ପୁଲିସ୍ ଶୁକ୍ରବାର ସମସ୍ତ ୪ ଅଭିଯୁକ୍ତଙ୍କୁ ନେଇ ଘଟଣାର ରିକ୍ରିଏସନ୍ କରିଥିବା ସୂଚନା ମିଳିଛି। କସବା ଅଞ୍ଚଳରେ ଥିବା ଲ' ମହାବିଦ୍ୟାଳୟକୁ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ରଙ୍କ ସହ ଅନ୍ୟ ୩ ଅଭିଯୁକ୍ତ ପ୍ରମିତ ମୁଖାର୍ଜୀ, ଜୈବ ଅହମ୍ମଦ ଏବଂ ସୁରକ୍ଷା କର୍ମୀ ପିନାକୀ ବାନାର୍ଜୀଙ୍କୁ ନେଇଥିଲା ଏବଂ ଅପରାଧ ଦୃଶ୍ୟର ପୁନଃଦୃଶ୍ୟାୟନ କରିବାକୁ କହିଥିଲା। ପ୍ରକାଶ ଗତ ୨୫ ତାରିଖରେ ମନୋଜିତ୍ ମିଶ୍ର ଯିଏକି ଏହି ଆଇନ୍ କଲେଜର ଜଣେ ପୂର୍ବତନ ଛାତ୍ର ନିଜର ବାକି ୩ ସହଯୋଗୀଙ୍କ ସହ ମିଶି ଜଣେ ଆଇନ୍ ଛାତ୍ରୀଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ୍ ଦର୍ଶାଇଛି ଯେ, 'ଅପରାଧ ଦୃଶ୍ୟର ପୁନଃନିର୍ମାଣ ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆଜି ଏହାକୁ ଶେଷ କରାଯାଇଛି। ଏହି ରିକ୍ରିଏସନ୍ ପ୍ରକ୍ରିୟା ୪ ଘଣ୍ଟା ଧରି ଚାଲିଥିଲା। ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ପୁନଃନିର୍ମାଣ ପ୍ରକ୍ରିୟା କରାଯାଇଥିଲା। ରିକ୍ରିଏସନ୍ ପରେ ଅଭିଯୁକ୍ତଙ୍କୁ ପୁଣି ପୋଲିସ ଷ୍ଟେସନକୁ ନିଆଯାଇଥିଲା। ଦିନ ସମୟରେ, ଡିଟେକ୍ଟିଭ୍ ଡିପାର୍ଟମେଣ୍ଟର କର୍ମଚାରୀମାନେ ସମଗ୍ର ପ୍ରତିଷ୍ଠାନର ୩ଡି ମ୍ୟାପିଂ କରିଥିଲେ। ପ୍ରକାଶ, ୩ଡି ମ୍ୟାପିଂ ହେଉଛି ବିଭିନ୍ନ କୌଶଳ ବ୍ୟବହାର କରି ବାସ୍ତବ-ବିଶ୍ୱ ବସ୍ତୁ, ଭୂଦୃଶ୍ୟ କିମ୍ବା ଗଠନର ତ୍ରି-ପରିମାଣୀୟ ମଡେଲ ତିଆରି କରିବାର ପ୍ରକ୍ରିୟା। ଏହା ଅପରାଧ ଦୃଶ୍ୟର ଏକ ବିସ୍ତୃତ ଏବଂ ସଠିକ୍ ପୁନଃନିର୍ମାଣ ପ୍ରଦାନ କରି ତଦନ୍ତକୁ ଯଥେଷ୍ଟ ବୃଦ୍ଧି କରେ। ପ୍ରକାଶ, ଗଣଦୁଷ୍କର୍ମ ଘଟଣାରେ କୋଲକାତା ପୁଲିସ୍‌ର ଗୁଇନ୍ଦା ବିଭାଗ ତଦନ୍ତ କରୁଛି।

### କେବଳ ପାକିସ୍ତାନ ନୁହେଁ, ଆଉ ୨ ଦେଶ ବିରୋଧରେ ବି ଲଢ଼ିଥିଲା ଭାରତ

# 'ସୀମା ଗୋଟିଏ, ଶତ୍ରୁ ୩'

- ପାକିସ୍ତାନକୁ ଭାରତର ପ୍ରତ୍ୟେକ ଗତିବିଧି ସମ୍ପର୍କରେ ରିଅଲ ଟାଇମ୍ ଇନ୍‌ପୁଟ୍ ଦେଉଥିଲା ଚୀନ୍
- ତୁର୍କୀ ବି ପାକିସ୍ତାନକୁ ପୂର୍ଣ୍ଣ ସହଯୋଗ କରୁଥିଲା

**ନୂଆଦିଲ୍ଲୀ,୪।୭/ଏଜେନ୍ସି:** ଭାରତୀୟ ସେନାର ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ରାହୁଲ ଆର୍. ସିଂହ ଶୁକ୍ରବାର ଏକ ବଡ଼ ସୂଚନା ଦେଇଛନ୍ତି। ଏଫଆଇସିସିଇ (ଫେଡରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବରସ୍ ଅଫ୍ କମର୍ସ ଏବଂ ଇଣ୍ଡଷ୍ଟ୍ରୀ)ର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଭାରତୀୟ ସେନାର ଅପରେସନ୍ ସିନ୍ଦୂର' ସମ୍ପର୍କରେ ଶତ୍ରୁ ଦେଶଙ୍କ ପକ୍ଷରୁ ଯେଉଁ ଗୁପ୍ତ ଯୋଜନା ସବୁ କରାଯାଇଥିଲା ସେସମ୍ପର୍କରେ ସୂଚନା ଦେଇଛନ୍ତି। ଲେଫ୍ଟନାଣ୍ଟ ଜେନେରାଲ୍ ଶ୍ରୀ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର' ସମୟରେ ଭାରତ କେବଳ ପାକିସ୍ତାନ ସହ ଯୁଦ୍ଧ ଲଢ଼ିନଥିଲା ବରଂ ଅନ୍ୟ ୨ ଦେଶଙ୍କ ଷଡଯନ୍ତ୍ର ତଥା ରଣନୀତିକୁ ମଧ୍ୟ ସଫଳତାର ସହ ମୁକାବିଲା କରିଥିଲା। ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଆକ୍ରମଣ ପ୍ରତିଆକ୍ରମଣ ସମୟରେ ଚୀନ୍ ପାକିସ୍ତାନକୁ ଭାରତର ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସ୍ଥିତାବସ୍ଥା ତଥା ଗତିବିଧି ସମ୍ପର୍କରେ ରିଅଲ ଟାଇମ୍ ଇନ୍‌ପୁଟ୍ ବା ଲାଇଭ ଅପଡେଟ୍ ଦେଉଥିଲା ଏବଂ ତୁର୍କୀ ପାକିସ୍ତାନକୁ ଡ୍ରୋନ୍ ଯୋଗାଇଦେଉଥିଲା। ଏସମ୍ପର୍କରେ ସେତେବେଳେ ଜଣାପଡିଥିଲା ଯେତେବେଳେ ପାକିସ୍ତାନ ଏବଂ ଭାରତ ପକ୍ଷରୁ ସାମରିକ (ଡିଜିଏମ୍‌ଓ)ସ୍ତରୀୟ ଆଲୋଚନା ଆରମ୍ଭ ହୋଇଥିଲା। ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ପାଇଁ ବାରମ୍ବାର ଅନୁରୋଧ କରାଯାଇଥିଲା। ଏହି ସମୟରେ ପାକିସ୍ତାନର ଡିଜିଏମ୍‌ଓମାନେ ଭୁଲ୍‌ବଶତଃ ହେଉ ବରଂ ପ୍ରକାଶ କରିଦେଇଥିଲେ ଯେ, ସେମାନେ ଜାଣିଛନ୍ତି ଯେ, ଭାରତ



ପାଖରେ ଗୁରୁତ୍ୱପୂର୍ଣ୍ଣ ଭେକ୍ଟର ପ୍ରସ୍ତୁତ ରହିଛି ଏବଂ ସେସବୁ କାର୍ଯ୍ୟକ୍ଷମ କରାଯିବା ଦିଗରେ ପ୍ରସ୍ତୁତି ଚାଲିଛି। ତେବେ ସେସବୁକୁ ପଛକୁ ନେବାକୁ ପାକିସ୍ତାନର ଡିଜିଏମ୍‌ଓମାନେ ଅନୁରୋଧ କରିଥିଲେ। ପାକ୍ ଡିଜିଏମ୍‌ଓଙ୍କ ଏପ୍ରକାର କଥାବାର୍ତ୍ତାରେ ଭାରତ ଡିଜିଏମ୍‌ଓମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କାରଣ ଭାରତ ନିଜ ଭେକ୍ଟର ଅଭିଯାନକୁ ସମ୍ପୂର୍ଣ୍ଣ ରୂପେ ଗୋପନୀୟ ରଖିଥିଲା। ପାକିସ୍ତାନ ପାଖରେ ଏସବୁ ସୂଚନା ପାଇବା ପାଇଁ କୌଣସି ସାଧନ ମଧ୍ୟ ନାହିଁ। ଏହାର ଅର୍ଥ ଚୀନ୍ ହିଁ ଏସବୁ ଇନ୍‌ପୁଟ୍ ପାକିସ୍ତାନକୁ ଦେଇଥିଲା।

ଲେଫ୍ଟନାଣ୍ଟ ଜେନେରାଲ୍ ଶ୍ରୀ ସିଂହଙ୍କ କହିବାନୁସାରେ ସୀମାରେଖା ଗୋଟିଏ, କିନ୍ତୁ ଭାରତ ପାଇଁ ୩ ଶତ୍ରୁ ରହିଛନ୍ତି। ଏହି ୩ ଶତ୍ରୁଙ୍କ ମଧ୍ୟରେ ପାକିସ୍ତାନ ଆଗରେ ରହିଥିବା ବେଳେ ଚୀନ୍ ଏବଂ ତୁର୍କୀ ପଛରେ ରହି ଭାରତ ବିରୋଧୀ ସମର୍ଥନ ଯୋଗାଉଛନ୍ତି। ପାକିସ୍ତାନ ପାଖରେ ଥିବା ୧୦୦% ପ୍ରତିରକ୍ଷା ସାମଗ୍ରୀ ତଥା ଉପକରଣଗୁଡ଼ିକ ମଧ୍ୟରୁ ୮୧% ଉପକରଣ କେବଳ ଚୀନ୍ ନିର୍ମିତ। ସବୁଠୁ ବଡ଼ କଥା ହେଉଛି, ଅପରେସନ୍ ସିନ୍ଦୂର ସମୟରେ ମଧ୍ୟ ଚୀନ୍ ପାକିସ୍ତାନ ଜରିଆରେ ଭାରତ ବିରୋଧରେ କେବଳ ନିଜ ସାମରିକ ଉପକରଣଗୁଡ଼ିକୁ ପରୀକ୍ଷା ହିଁ କରିଛି। ଏପରି କରି ଚୀନ୍, ପାକିସ୍ତାନ ସହ ବେଇମାନି କରିଛି ବୋଲି କୁହାଯାଇପାରିବ। ପାକିସ୍ତାନକୁ ବା ପାକିସ୍ତାନର ଭୌଗୋଳିକ ସ୍ଥିତାବସ୍ଥାକୁ ଚୀନ୍ କେବଳ ନିଜର ଏକ ପରୀକ୍ଷଣ ସ୍ଥଳ (ଲାଇଭ୍ ଲ୍ୟାବ୍) ବୋଲି ହିଁ ବିବେଚନା କରୁଛି। କିନ୍ତୁ ପାକିସ୍ତାନ ଚୀନ୍‌ର ଏହି ଚାଲାକିକୁ ବୁଝିପାରୁନାହିଁ। ପାକିସ୍ତାନକୁ ସମ୍ପୂର୍ଣ୍ଣ ରୂପେ ଚୀନ୍ ନିଜ କବଳିତ କରି ରଖିଛି। ଶ୍ରୀ ସିଂହ କହିଛନ୍ତି, ଚୀନ୍ ପରେ ପାକିସ୍ତାନକୁ ସମର୍ଥନ କରିବାରେ ତୁର୍କୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତେବେ ଆମକୁ ଏଦିଗ ପ୍ରତି ଶୀଘ୍ର କାମ କରିବାକୁ ପଡିବ। ଆମକୁ ଆମର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ହେବ। ଆମକୁ ଭବିଷ୍ୟତ ପାଇଁ ଏବେଠୁ ପ୍ରସ୍ତୁତି କରିବାକୁ ପଡିବ।



## ଲଣ୍ଡନ୍‌ରେ ପାର୍ଟି କରୁଛନ୍ତି ବିଜୟ ମାଲ୍ୟା ଓ ଲଳିତ ମୋଦୀ

**ଲଣ୍ଡନ,୪।୭/ଏଜେନ୍ସି:** ବ୍ୟାପକ ଅର୍ଥ ହେରଫେର ଅଭିଯୋଗରେ ଛନ୍ଦି ହୋଇ ଗିରଫଦାରୀ ଭୟରେ ଭାରତ ଛାଡି ପଳାଇଥିବା ଲଳିତ ମୋଦୀ ଏବଂ ବିଜୟ ମାଲ୍ୟାଙ୍କୁ ଲଣ୍ଡନରେ ପାର୍ଟି କରୁଥିବାର ଦେଖିବାକୁ ମିଳିଛି। ପାର୍ଟିରେ ଉଭୟ ଲଳିତ ଏବଂ ମାଲ୍ୟା ଗୀତର ତାଳେ ତାଳେ ହାତ ଧରାଧରି ହୋଇ ନାଚିବା ସହିତ ମଉଜମଜଲିସ୍ କରୁଥିଲେ। ଲଳିତ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡଲରେ ଏହି ପାର୍ଟିର ଏକ ଭିଡିଓ ଅପଲୋଡ୍ କରିବା ପରେ ଏହା ଭାଇରାଲ୍ ହୋଇଛି। ପାର୍ଟିରେ ୩୧୦ରୁ ଅଧିକ ଅତିଥି ଯୋଗ ଦେଇଥିଲେ, ଯେଉଁଥିରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର କ୍ରିସ୍ ଗେଲ୍ ମଧ୍ୟ ସାମିଲ ଥିଲେ।

### ଦଲାଇଲାମା ଚୟନ ପ୍ରସଙ୍ଗରେ ଚୀନ୍‌ର ଚେତାବନୀ

## 'ତିବ୍ବତ୍ ଆମ ଆଭ୍ୟନ୍ତରୀଣ ପ୍ରସଙ୍ଗ, ଭାରତ ଦୂରେଇ ରହୁ'

**ବେଜିଂ, ନୂଆଦିଲ୍ଲୀ,୪।୭/ଏଜେନ୍ସି:** ନୂଆ ଦଲାଇଲାମା ଚୟନ ପ୍ରସଙ୍ଗକୁ ନେଇ ଭାରତ-ଚୀନ୍ ମଧ୍ୟରେ ଉତ୍ତେଜକ ପରିସ୍ଥିତି ଉତ୍ପନ୍ନ ହୋଇଛି। ଦିନକ ପୂର୍ବେ ଭାରତ ପକ୍ଷରୁ କୁହାଯାଇଥିଲା ଯେ, ପରବର୍ତ୍ତୀ ଦଲାଇ ଲାମା ଚୟନ ପ୍ରସଙ୍ଗ ସମ୍ପୂର୍ଣ୍ଣ ରୂପେ ଏବେର ଦଲାଇ ଲାମାଙ୍କ ନିଜସ୍ୱ ଅଧିକାରଗତ ନିଷ୍ପତ୍ତି। ଏଥିରେ ତୃତୀୟ ପକ୍ଷର କୌଣସି ହସ୍ତକ୍ଷେପକୁ ଭାରତ ବରଦାସ୍ତ କରିବ ନାହିଁ। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ ଯେ, ଦଲାଇ ଲାମା ତାଙ୍କ ଇଚ୍ଛା ଅନୁଯାୟୀ ତାଙ୍କ ଉତ୍ତରାଧିକାରୀ ବାଛିବା ଉଚିତ୍। ଦଲାଇ ଲାମାଙ୍କ ସ୍ଥିତି କେବଳ ତିବ୍ବତୀୟଙ୍କ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱରେ ଥିବା ତାଙ୍କର ସମସ୍ତ ଅନୁଗାମୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଉତ୍ତରାଧିକାରୀ ଚୟନ କରିବାର ଅଧିକାର କେବଳ ତାଙ୍କର ରହିଛି। ଭାରତର ଏପ୍ରକାର ବିବୃତ୍ତି ପରେ ଚୀନ୍ ପ୍ରତିକ୍ରିୟାଶୀଳ ହୋଇପଡିଛି। ଶୁକ୍ରବାର ଚୀନ୍, ଭାରତକୁ ଚେତାବନୀ ଦେଇ କହିଛି ଯେ, ତିବ୍ବତ ସମ୍ପୂର୍ଣ୍ଣ ରୂପେ ଚୀନ୍‌ର ଆଭ୍ୟନ୍ତରୀଣ ପ୍ରସଙ୍ଗ। ଭାରତ ଏଥିରେ ବୟାନବାଜି ନକରିବା ଉଚିତ୍। ନଚେତ୍



ଏହା ଦୁଇ ଦେଶ ମଧ୍ୟରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ଚୀନ୍‌ର ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି ଯେ, ଭାରତ ତିବ୍ବତ ସହ ଜଡିତ ପ୍ରସଙ୍ଗ ଉପରେ ସତର୍କତାର ସହ କାର୍ଯ୍ୟ କରିବା ଉଚିତ୍ ଯାହାଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କରେ ଚାଲିଥିବା ସୁଧାର ପ୍ରଭାବିତ ହେବ ନାହିଁ। ନିଙ୍ଗ୍‌ଙ୍କ କହିବାନୁସାରେ ଭାରତ ୧୪ ତମ ଦଲାଇଲାମାଙ୍କ ଚୀନ୍ ବିରୋଧୀ ବିଚ୍ଛିନ୍ନତାବାଦୀ ସ୍ୱଭାବ ବିଷୟରେ ସ୍ପଷ୍ଟ ହେବା ଉଚିତ୍ ଏବଂ ଜିଜାଙ୍ଗ (ତିବ୍ବତ) ସହ ଜଡିତ ପ୍ରସଙ୍ଗରେ ଏହାର ପ୍ରତିବଦ୍ଧତାକୁ ସମ୍ମାନ କରିବା ଉଚିତ୍। ପ୍ରକାଶ, ଚୀନ୍ ତିବ୍ବତକୁ ଜିଜାଙ୍ଗ ବୋଲି ଉଲ୍ଲେଖ କରେ। ଚୀନ୍‌ରୁ ନିର୍ବାସିତ ହୋଇ ବୌଦ୍ଧଧର୍ମର ସର୍ବୋଚ୍ଚ ଆଧ୍ୟାତ୍ମିକ ସନ୍ଥ ତଥା ୧୪ତମ ଦଲାଇ ଲାମା ଭାରତର ଧର୍ମଶାଳାରେ ଡେରା ପକାଇଛନ୍ତି। ତେବେ ତାଙ୍କ ବୟସ ଏବେ ୯୦ ବର୍ଷ ଛୁଇଁଥିବାରୁ ତାଙ୍କ ପରେ ନୂଆ ଦଲାଇ ଲାମା କିଏ ହେବେ ଏବଂ କିପରି ହେବେ ସେନେଇ ତର୍କ ବିତର୍କ ଜାରି ରହିଛି।କିନ୍ତୁ ଚୀନ୍‌ର ଦାବି ହେଉଛି ନୂଆ ଦଲାଇ ଲାମା ଚୀନ୍‌ରୁ ହିଁ ଜଣେ କେହି ହେବେ ଏବଂ ଏଥିପାଇଁ ଚୀନ୍ ସରକାରଙ୍କ ମଞ୍ଜୁରୀ ଆବଶ୍ୟକ।

# ରୁଷ୍‌ର ପ୍ରଚଣ୍ଡ ଆକ୍ରମଣରେ କିଭ୍ ବିମାନବନ୍ଦର ଛାର୍‌ଖାର୍

**ମସ୍କୋ, କିଭ, ୪।୭/ଏଜେନ୍ସି:** ଟ୍ରମ୍ପଙ୍କ ସହ ଆଲୋଚନା ହେବାର କିଛି ସମୟ ମଧ୍ୟରେ ହିଁ ଶୁକ୍ରବାର ରୁଷ୍, ୟୁକ୍ରେନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିବା ସୂଚନା ମିଳିଛି। ରୁଷ୍‌ର ଏହି ଆକ୍ରମଣରେ ୟୁକ୍ରେନ୍‌ର ରାଜଧାନୀ କିଭ୍ ଛାରଖାର ହୋଇଯାଇଛି। କିଭ୍ ସ୍ଥିତ ଆବାସିକ ଅଞ୍ଚଳ ଏବଂ ବିଭିନ୍ନ ସହର ଉପରେ ରୁଷ୍ ସେନା ପକ୍ଷରୁ ଏହି ଆକ୍ରମଣ ହୋଇଛି। ୟୁକ୍ରେନ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ ଦୀର୍ଘ ୬ ଘଣ୍ଟା ଧରି ରୁଷ୍ ପକ୍ଷରୁ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇଛି। ଏଥିରେ କିଭ୍ ବିମାନବନ୍ଦର ତଥା ଅନ୍ୟ ବଡ଼ ବଡ଼ ଅଟ୍ଟାଳିକାଗୁଡ଼ିକ ମାତ୍ରାଧିକ କ୍ଷତିଗ୍ରସ୍ତ ହୋଇଛି। କ୍ଷେପଣାସ୍ତ୍ର ମାଡ଼ରେ ବିମାନବନ୍ଦରର ବହୁ ଅଞ୍ଚଳ ଧ୍ୱଂସ ହୋଇଛି।

କିଭ୍ ମେୟର ଭିଟାଲି କ୍ଲିଟସ୍କୋଙ୍କ ଅନୁଯାୟୀ, ଏହି ଆକ୍ରମଣରେ ଅତି କମରେ ୨୩ ଜଣ ଆହତ ହୋଇଛନ୍ତି, ଯେଉଁଥିରୁ ୧୪ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଭ୍ ସାମରିକ ପ୍ରଶାସନ ମୁଖ୍ୟ ତାଇମୁର କାଚେଙ୍କୋ କହିଛନ୍ତି ଯେ, ୫ଟି ଜିଲାର ୧୩ଟି ସ୍ଥାନରେ ଡ୍ରୋନ ଦ୍ୱାରା ଆକ୍ରମଣ ହୋଇଛି। ତେବେ ଅନେକ ଟାର୍ଗେଟକୁ ନିଷ୍ଫଳ କରାଯାଇଛି। ୟୁକ୍ରେନୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ୨ଟି କ୍ରୁଜ କ୍ଷେପଣାସ୍ତ୍ର ସମେତ ୨୭୯ ଟି ଡ୍ରୋନକୁ ଖସାଇ ଦେଇଥିବା ଦାବି କରିଛି। ଅନ୍ୟପକ୍ଷେ ରୁଷ୍ ପକ୍ଷରୁ ମଧ୍ୟ ଏହି ଆକ୍ରମଣ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ରୁଷ୍ ବାୟୁସେନା କହିଛି ଯେ, ରାତାରାତି ୫୫୦ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ସହିତ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା। ଏଥିମଧ୍ୟରୁ ଅଧିକାଂଶ ଶାହିଦ ଡ୍ରୋନ ଥିଲା, ଏହା ସହିତ ୧୧ ଟି କ୍ଷେପଣାସ୍ତ୍ର ମଧ୍ୟ ବ୍ୟବହାର କରାଯାଇଥିଲା।

୨୦୨୨ ଫେବ୍ରୁଆରୀରୁ ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି, ଯାହାକି ଏବେ

**ଟ୍ରମ୍ପଙ୍କ ନିସର୍ତ୍ତ ଯୁଦ୍ଧବିରତି ପ୍ରସ୍ତାବକୁ ମାନିଲେନି ପୁଟିନ୍**




ବି ଜାରି ରହିଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ତଥା ଅସ୍ତ୍ରବିରତି ପାଇଁ ହେଉଥିବା ଆଲୋଚନାରେ ସାମାନ୍ୟତମ ଅଗ୍ରଗତି ହେଉଥିବା ସମୟରେ ହଠାତ ୟୁକ୍ରେନ ପକ୍ଷରୁ ରୁଷ୍‌ର ଆଭ୍ୟନ୍ତରୀଣ ଅଞ୍ଚଳରେ ଗୁପ୍ତ ଡ୍ରୋନ ଦ୍ୱାରା ବଡ଼ ଧରଣର ଆକ୍ରମଣ କରାଯାଇ ରୁଷର ୪୧ ଯୁଦ୍ଧ ବିମାନକୁ ଧ୍ୱଂସ କରିଦିଆଯାଇଥିଲା। ଏହା ପରଠାରୁ ରୁଷ୍ ଅଧିକ ହିଂସ୍ର ହୋଇ ଆକ୍ରମଣ ଚଳାଇଛି। ଯୁଦ୍ଧ ହ୍ରାସ ପାଇବା ବଦଳରେ ଅଧିକ ତୀବ୍ର ହେବାରେ ଲାଗିଛି। ଶୁକ୍ରବାର ରୁଷ୍, ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପୂର୍ବରୁ ମଧ୍ୟ ୟୁକ୍ରେନ୍ ସେନା ରୁଷ୍ ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ରୁଷ୍‌ର ଜଣେ ନୌସେନା ଉପମୁଖ୍ୟ ପ୍ରାଣହରାଇଥିଲେ। ଏହାକୁ ନେଇ ରୁଷ୍ ଏବେ ଅଧିକ ପ୍ରତିଶୋଧପରାୟଣ ହୋଇପଡିଛି।

ଗୋଟିଏ ପଟେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ରୋକିବା ଦିଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରୟାସ ଜାରି ରଖିଛନ୍ତି। ଉଭୟ ଦେଶ ମଧ୍ୟରେ ଶାନ୍ତି ଆଲୋଚନା କରାଇବା ପାଇଁ ଟ୍ରମ୍ପ୍ ଉଭୟ ପକ୍ଷଙ୍କ ସହ ଆଲୋଚନା କରୁଛନ୍ତି। ଶୁକ୍ରବାର ମଧ୍ୟ ଟ୍ରମ୍ପ୍ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଘଣ୍ଟାଧିକ କାଳ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଅବଶ୍ୟ ଟ୍ରମ୍ପ୍ ଏବଂ ପୁଟିନ୍‌ଙ୍କ ମଧ୍ୟରେ ଆଲୋଚନା ସଫଳ ହୋଇନାହିଁ। ନିଜେ ଟ୍ରମ୍ପ୍ ଏସମ୍ପନର୍କରେ ସୂଚନା ଦେଇଛନ୍ତି। ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖିଛନ୍ତି ଯେ, ପୁଟିନ୍ ତାଙ୍କ (ଟ୍ରମ୍ପ) ନିସର୍ତ୍ତ ଅସ୍ତ୍ରବିରତିଜନିତ ଶାନ୍ତି ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି। ରୁଷ୍ ନିଜ ଲକ୍ଷ୍ୟ ହାସଲ କରିବ ବୋଲି ପୁଟିନ୍ ଆଲୋଚନାରେ ସ୍ପଷ୍ଟ କରିଛନ୍ତି। ମିଶନ୍ ସମାପ୍ତ ନହେବା ପର୍ଯ୍ୟନ୍ତ ୟୁକ୍ରେନ୍ ଉପରେ ଆକ୍ରମଣ ବନ୍ଦ ହେବ ନାହିଁ ବୋଲି ପୁଟିନ୍ ତାଙ୍କୁ କହିଥିବା ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି। ପ୍ରକାଶ, ଟ୍ରମ୍ପଙ୍କ ସହ ଫୋନ୍‌ରେ କଥା ହେବା ପାଇଁ ପୁଟିନ୍ ଏକ କାର୍ଯ୍ୟକ୍ରମ ଅଧାରୁ ଉଠି ଚାଲିଆସିଥିଲେ। ଚଳିତ ବର୍ଷ ବର୍ଷ ଟ୍ରମ୍ପ୍ ଏବଂ ପୁଟିନଙ୍କ ମଧ୍ୟରେ ଏହା ଷଷ୍ଠ ଆଲୋଚନା ଥିଲା। ଦୁଇ ନେତା ରୁଷ୍-ଆମେରିକା ସମ୍ପର୍କ, ମଧ୍ୟପ୍ରାଚ୍ୟ ପରିସ୍ଥିତି ଏବଂ ଏହି ସମସ୍ତ ପ୍ରସଙ୍ଗ ଉପରେ ଖୋଲାଖୋଲି ଆଲୋଚନା କରିଥିଲେ। ତଥାପି, ପୁଟିନ୍ ୟୁକ୍ରେନକୁ ଆମେରିକା ଆଉ ଅସ୍ତ୍ରଶସ୍ତ୍ର ଦେବନାହିଁ ପ୍ରସଙ୍ଗ ଉପରେ କୌଣସି ମନ୍ତବ୍ୟ ଦେଇନଥିଲେ।

## ନୌସେନା ଯୁଦ୍ଧ ବିମାନ ଉଡ଼ାଇବେ ଆସ୍ଥା ପୁନିଆ

**ନୂଆଦିଲ୍ଲୀ,୪।୭/ଏଜେନ୍ସି:** ପ୍ରଥମ ଥର ପାଇଁ ଦେଶର ଜଣେ ମହିଳା ପାଇଲଟ୍ ଭାରତୀୟ ନୌସେନାରେ ଜଣେ ଫାଇଟର ପାଇଲଟ୍ ହେବାର କୃତୀତ୍ୱ ହାସଲ କରିଛନ୍ତି। ରିପୋର୍ଟ ଅନୁସାରେ ସବ୍‌ଲେଫ୍ଟନାଣ୍ଟ ଆସ୍ଥା ପୁନିଆଙ୍କୁ ନୌସେନାରେ ଜଣେ ଫାଇଟର ପାଇଲଟ୍ ଭାବେ ନିଯୁକ୍ତ କରାଯାଇଛି।



ନୌସେନାରେ ଜଣେ ଫାଇଟର ପାଇଲଟ୍ ହେବାରେ ଆସ୍ଥା ପ୍ରଥମ ମହିଳା ସାଜିଛନ୍ତି। ଭାରତୀୟ ନୌସେନାରେ ମହିଳା ପାଇଲଟ୍ ଭାବେ ଆଜି ପର୍ଯ୍ୟନ୍ତ ଯେତେ ମହିଳା ନିଯୁକ୍ତି ପାଇଛନ୍ତି ସେମାନେ ଗୁଇନ୍ଦା ବିମାନ ଏବଂ ହେଲିକପ୍ଟର ଷ୍ଟ୍ରିମ୍‌ରେ ହିଁ କାମ କରୁଛନ୍ତି। କିନ୍ତୁ ଆସ୍ଥା ଏପରି ପ୍ରଥମ ମହିଳା ପାଇଲଟ୍ ଯିଏକି ଯୁଦ୍ଧ ବିମାନ ଉଡାଇବେ। ନୌସେନା ପକ୍ଷରୁ ସୋସିଆଲ ମିଡିଆରେ ଏନେଇ ସୂଚନା ଦିଆଯାଇଛି। ନିକଟରେ ଆସ୍ଥା ପୁନିଆ ଭାରତୀୟ ନୌସେନା ବାୟୁସେନା ଷ୍ଟେଶନରେ ଦ୍ୱିତୀୟ ବେସିକ୍ ହକ୍ କନଭର୍ସନ କୋର୍ସ ସମାପ୍ତ କରିଛନ୍ତି।

ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY 5 JULY 2025
ଶନିବାର ୫ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 51 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୫୧ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

• ରାଜ୍ୟରେ ସକ୍ରିୟ ମୌସୁମୀ

# ୭ ଯାଏ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:**

ରାଜ୍ୟରେ ଜାରି ରହିଛି ମୌସୁମୀ ପ୍ରବାହ । ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗର ବାୟୁମଣ୍ଡଳର ଉପରି ଭାଗରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟଜନିତ ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଓ ତା'ର ଆଖପାଖ ଅଞ୍ଚଳ ଦେଇ ୫.୮କିମି ଦୂରରେ ଦକ୍ଷିଣ ଆଡ଼କୁ ଗତି କରୁଛି । ଫଳରେ ରାଜ୍ୟରେ ଆଗାମୀ ୫ଦିନ ଧରି ଲଗାଣବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ଏପରିକି ମହାପ୍ରଭୁଙ୍କ ସୁନାବେଶ ସହ ଅଧରପଣା ଓ ନିଳାଦ୍ରୀ ବିଜେ ଆଡ଼କୁ ରାଜ୍ୟରେ ବର୍ଷା ଜାରି ରହିବ । ଆସନ୍ତା ୧୦ତାରିଖ ପରେ ଲଗାଣବର୍ଷାରେ ବ୍ରେକ୍ ଲାଗିପାରେ । ତେବେ ଆସନ୍ତା ୨୪ ଘଣ୍ଟା ପାଇଁ ରାଜ୍ୟର ଅଧାରୁ ଅଧିକ ଜିଲ୍ଲା ପାଇଁ ବଜ୍ରପାତଜନିତ ସତର୍କ ସୂଚନା ଦିଆଯାଇଛି । ଦକ୍ଷିଣ ଓଡ଼ିଶାର କୋରାପୁଟ, ନବରଙ୍ଗପୁର, ମାଲକାନଗିରି ସହ ନୂଆପଡ଼ା ଓ ଗଜପତି ସମେତ ଉପକୂଳ ଜିଲ୍ଲା ଗଞ୍ଜାମ ଓ ନୟାଗଡ଼, ଖୋର୍ଦ୍ଧା ପୁରୀକୁ ଛାଡ଼ିଦେଲେ ବାକି ସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏପରିକି ଅନ୍ୟ ସବୁ ଜିଲ୍ଲାଗୁଡ଼ିକରେ ବିଜୁଳି ଓ ବଜ୍ରପାତର ସତର୍କ ସୂଚନା ଦିଆଯାଇଥିବା ବେଳେ ବର୍ଷାର ପରିମାଣ ମଧ୍ୟ ପ୍ରବଳରୁ ଅତି ପ୍ରବଳ ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଏଗୁଡ଼ିକ ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼ , କନ୍ଧମାଳ , ବଲାଙ୍ଗୀର , ବୌଦ୍ଧ , ସୋନପୁର ଜିଲ୍ଲା ରହିଛି । ସେହିପରି ଆସନ୍ତାକାଲି ପାଇଁ ମଧ୍ୟ ଉତ୍ତର-ପଶ୍ଚିମ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର କିଛି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ଜିଲ୍ଲାଗୁଡ଼ିକ ହେଲା ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର,ଭଦ୍ରକ, ଯାଜପୁର, ▶▶ ୫

## ରାଜ୍ୟରେ ୬କୁ ବଢ଼ିବ ମହାନଗର ନିଗମ ସଂଖ୍ୟା

# ପୁରୀ ପୌରପାଳିକା ହେବ ମହାନଗର ନିଗମ

**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:**

ପୁରୀ ସହର ଓ ଆଖପାଖ ଅବସ୍ଥିତ ଗ୍ରାମପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଷସାରା ସହରକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଥିରେ ପୁରୀ ସଦର ଓ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ଗ୍ରାମପଞ୍ଚାୟତକୁ ସାମିଲ କରାଯିବ । ଫଳରେ ଏହିସବୁ ପଞ୍ଚାୟତବାସୀ ସହର ପରି ସୁବିଧା ପାଇପାରିବେ । ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଠାରୁ ଏହି ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ ।

ଶୁକ୍ରବାର ଲୋକସେବା ଭବନରେ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି ଯେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି । ବାହଡ଼ା ଯାତ୍ରା ପାଇଁ ମହାପ୍ରଭୁ ଆଜ୍ଞା ଦେଇସାରିଛନ୍ତି । ଏହି ଯାତ୍ରାକୁ ସୁଚାରୁରୂପେ ଏବଂ ସୁରକ୍ଷିତ ଢଙ୍ଗରେ ସମ୍ପନ୍ନ କରିବା ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସମସ୍ତେ ▶▶ ୫



**ସାମିଲ ହେବ ପୁରୀ ସଦର, ବ୍ରହ୍ମଗିରି ବ୍ଲକର ୮ ପଞ୍ଚାୟତ**

**ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ହେବ: ମୁଖ୍ୟମନ୍ତ୍ରୀ**

### ଖୁବ୍‌ଶୀଘ୍ର ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ୍, ଲାଇବ୍ରେରୀ, ଗବେଷଣା କେନ୍ଦ୍ର

ଓଡ଼ିଶା ସରକାର ପୁରୀ ଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ୍, ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗୋଟିଏ ପରିସରରେ ଏହା ନିର୍ମିତ ହେବ । ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ ଯେପରିକି ଏହାର ପୌରାଣିକ ମହତ୍ତ୍ୱ, ନୀଳବଧବଙ୍କ ଠାରୁ ମନ୍ଦିର ନିର୍ମାଣର ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ । ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, ମିନିଏଚର୍ ପ୍ରତିମୂର୍ତ୍ତି, ପଟ୍ଟଚିତ୍ର ଆଦି ମାଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ । ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନନ୍ୟ । ନୟାଗଡ଼ର ଘଞ୍ଚ ଜଙ୍ଗଲରେ ଏକଦା ଅଧିଷ୍ଠିତ ପ୍ରଭୁ ନୀଳମାଧବଙ୍କ ନୀଳକନ୍ଦରକୁ ଯାତ୍ରା ହେଉଛି ଅବିସ୍ମରଣୀୟ । ଜଗନ୍ନାଥ ଧାମର ସ୍ୱର୍ଣ୍ଣିମ ଇତିହାସ ଓ ପରମ୍ପରାକୁ ଅଗଣିତ ଲୋକକଥା, ଅନେକ କାହାଣୀ ଏବଂ ଐତିହାସିକ ଘଟଣାବଳୀ ସମୃଦ୍ଧ କରିଛି । ଏହି ସଂସ୍କୃତି ସହିତ ଅନେକ ଧର୍ମୀୟ ମହାନୁଭବ, ଲେଖକ, କବି, ଗାୟକ, ନୃତ୍ୟଶିଳ୍ପୀ, କାରିଗର ନିଜ ନିଜର ଅବଦାନ ଦେଇ ଆହୁରି ପରିପୁଷ୍ଟ କରିଛନ୍ତି । ମାତ୍ର ପରିତାପର ବିଷୟ ଯେ

**ପରିସରରେ ରହିବ ୩୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟ**

**ମୁକ୍ତାକାଶ ରଙ୍ଗମଞ୍ଚ ବି ନିର୍ମାଣ ହେବ**

ଆଜିର ଯୁବ ସମାଜ ତଥା ପୁରୀକୁ ଆସୁଥିବା ଭକ୍ତଗଣ ଜଗନ୍ନାଥ ସଂସ୍କୃତିର ଧନିକ ଇତିହାସ ବିଷୟରେ ବେଶୀ କିଛି ଜାଣନ୍ତି ନାହିଁ । ତା'ଠୁ ଦୁଃଖର ବିଷୟ ଯେ ଏହି ସଂସ୍କୃତି ଏବଂ ଇତିହାସକୁ ଜଣାଇବା ପାଇଁ ପୁରୀଠାରେ କିଛି ବ୍ୟବସ୍ଥା ଗତ ସାଢ଼େ ସାତ ଦଶନ୍ଧିରେ କରାଯାଇ ▶▶ ୫

### କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର

# ୫୯%କୁ ବୃଦ୍ଧି ପାଇବ ଡିଏ



**ନୂଆଦିଲ୍ଲୀ,୪।୭/ଏଜେନ୍ସି:**

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର । ମୋଦୀ ସରକାର ପୁଣିଥରେ ସେମାନଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି । ରିପୋର୍ଟ ଅନୁସାରେ ଭାରତ ସରକାର କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଜୁଲାଇ ୨୦୨୫ରୁ ମହଙ୍ଗା ଭତ୍ତା (ଡିଏ)ରେ ୪% ବୃଦ୍ଧି କରିବାର ସମ୍ଭାବନା ରହିଛି । ସରକାରଙ୍କ ଏହି ୪% ଡିଏ ବୃଦ୍ଧି ନିଷ୍ପତ୍ତି ସାକାର ହେଲେ ମହଙ୍ଗା ଭତ୍ତା ହାର ୫୫%ରୁ ୫୯%କୁ ବୃଦ୍ଧି ପାଇବ । ସାମ୍ନାକୁ ଆସିଥିବା ସାମ୍ପ୍ରତିକ ମୁଦ୍ରାସ୍ଫୀତି ତଥ୍ୟ ଆଧାରିତ ରିପୋର୍ଟରୁ ଏପ୍ରକାର ସମ୍ଭାବନା ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହୋଇଛି । କିନ୍ତୁ ଏବେ ଠୁ କୁହାଯାଉଛି ଯେ, ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଦୀପାବଳି ସମୟ ବେଳକୁ କେନ୍ଦ୍ର ସରକାର ଏସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିପାରନ୍ତି । ଡିଏ ଗଣନା ପାଇଁ ଆଧାର ସ୍ୱରୂପ ଅଖିଳ ଭାରତୀୟ ▶▶ ୫

# ଶୁଭାରମ୍ଭ ହେଲା 'ଡିଜିଟାଲ୍ ହୁଣ୍ଡି'

**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:**

'ଡିଜିଟାଲ୍ ହୁଣ୍ଡି'କୁ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସେ କହିଛନ୍ତି ଯେ ସାରା ବିଶ୍ୱର କୋଣ ଅନୁକୋଣର ଜଗନ୍ନାଥପ୍ରେମୀମାନେ ଇଚ୍ଛା କରି ବି ସୁବିଧାରେ ଜଗନ୍ନାଥଙ୍କ ପ୍ରତି ସମର୍ପଣ ପାଇଁ ଦାନ ଦେବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବର୍ତ୍ତମାନର ଅନ୍‌ଲାଇନ୍‌ର ବ୍ୟବସ୍ଥାରେ ଜଣେ ସାଧାରଣ ଭକ୍ତ ସମର୍ପଣ ଦେବା ଅତ୍ୟନ୍ତ କାଠିକର ପାଠ । ଦଶ ବର୍ଷ ତଳେ ଅର୍ଥାତ୍ ୨୦୧୫ ଜୁଲାଇ ୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଡିଜିଟାଲ୍ ଭାରତର ଶୁଭାରମ୍ଭ କରିଥିଲେ । ଏହି ଦଶବର୍ଷ ପୂର୍ତ୍ତି ଉପଲକ୍ଷେ ଆମ ସରକାର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତଗଣ ପ୍ରଦାନ କରୁଥିବା ଦାନକୁ ସହଜ, ସାବଲୀଳ କରିବା ପାଇଁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ କରି ଡିଜିଟାଲ୍-ହୁଣ୍ଡି-ସମର୍ପଣର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଦ୍ୱାରା ଭକ୍ତଗଣ ଅତି ସହଜରେ କ୍ୟୁଆର୍ କୋଡ୍ ବ୍ୟବହାର କରି ନିଜ ନିଜ ସମର୍ପଣ ଦେଇପାରିବେ ।

### ତେଲେଙ୍ଗାନା ବିସ୍ଫୋରଣ

# ୮ ମୃତକଙ୍କ ପରିବାରକୁ ୧୦ଲକ୍ଷ ଲେଖାଏଁ ସହାୟତା

**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:**

ତେଲେଙ୍ଗାନାର ସଙ୍ଗାରେଡ୍ଡି ଜିଲ୍ଲାରେ ଗତ ମାସ ୩୦ ତାରିଖ ଦିନ ଔଷଧ କାରଖାନାରେ ଘଟିଥିବା ବିସ୍ଫୋରଣରେ ୮ ଓଡ଼ିଆ ଶ୍ରମିକ ମୃତ୍ୟୁବରଣ କରିଥିଲେ । ଏଥିରେ ଦୁଃଖ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି । ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ମିଳିବ ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି ।

# ଓମ୍ନି-ହାଇୱା ଧକ୍କା: ୨ ମୃତ, ୪ ଗୁରୁତର

**କୋଇଡ଼ା,୪।୭/ଏନ୍ଏନ୍ଏସ୍:**



ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ ଏରିଆନ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି ।

କମଣ୍ଡ ସ୍ଥିତ ଷ୍ଟିଲ୍ ପ୍ଲାଣ୍ଟରେ କାର୍ଯ୍ୟରତ ଡିଜେ ସ୍କ୍ରାପ୍ ନାମକ ଠିକା ସଂସ୍ଥାର ୬ ଜଣ କର୍ମଚାରୀ କୋଇଡ଼ାରୁ ଏକ ଓମ୍ନି ଗାଡ଼ି (ଜେଏଚ୍ ୦୫ବିୟୁ ୩୪୧୬) ଯୋଗେ ପ୍ଲାଣ୍ଟ ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସହିତ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଓମ୍ନି ଚାଳକ ଅଭିମନ୍ୟୁ କୁମାର ଓ ସାଜନ କୁମାରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ କୋଇଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୪ ଗୁରୁତର ଆହତ ତଥା ରାହୁଲ କୁମାର ଶର୍ମା (୩୪), ଅର୍ଜୁନ କୁମାର ଯାଦବ (୩୨), ଶ୍ରୀକାନ୍ତ କୁମାର (୩୨) ଓ ସଞ୍ଜୟ ପ୍ରସାଦ (୨୯)ଙ୍କୁ ଉଦ୍ଧାର କରି କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଗୁରୁତର ଆହତଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା । ସମସ୍ତ ମୃତାହତ କେନ୍ଦୁଝର ଜିଲ୍ଲାର ବଡ଼ବିଲ ସହିତ ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତର ପ୍ରଦେଶର ବାସିନ୍ଦା ବୋଲି ଜଣାପଡ଼ିଛି । ଦୁର୍ଘଟଣା ଘଟାଇ ହାଇୱା ଡ୍ରାଇଭର୍ ଫେରାର୍ ଅଛି । ଘଟଣାସ୍ଥଳରେ କୋଇଡ଼ା ପୁଲିସ ତଦନ୍ତ ଆରମ୍ଭ କରିଛି । ଖୁବ୍‌ଶୀଘ୍ର ଡ୍ରାଇଭର୍ ଧରାପଡ଼ିବ ବୋଲି କୋଇଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି ।

# ୨୦ରେ ସ୍ପେଶାଲ୍ ଓଟିଇଟି ପରୀକ୍ଷା

**କଟକ,୪।୭/ଏନ୍ଏନ୍ଏସ୍:**

ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ସ୍ପେଶାଲ୍ ଓଟିଇଟି) ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ । ଏହି ପରୀକ୍ଷା ଲାଗି ୭୫ ହଜାର ୪୦୩ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଆବେଦନ କରିଛନ୍ତି । ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ସ୍ପେଶାଲ୍ ଓଟିଇଟି ନିଜ ବ୍ଲକ୍ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ହେଲେ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ରହିବ ନାହିଁ ବୋଲି ଆଶଙ୍କା ଥିବାରୁ କେବଳ ଜିଲ୍ଲା ମୁଖ୍ୟାଳୟରେ ହିଁ ପରୀକ୍ଷା କେନ୍ଦ୍ର କରାଯାଇଛି । ୩୦ ଜିଲ୍ଲାରେ ମୋଟ୍ ୧୯୩ଟି କେନ୍ଦ୍ରରେ ଏହି ପରୀକ୍ଷା କରାଯିବ । ପ୍ରଶ୍ନପତ୍ର ବିଭ୍ରାଟ ରୋକିବା ଲାଗି ବୋର୍ଡ କାର୍ଯ୍ୟାଳୟରୁ ପ୍ରଶ୍ନ ଡିଜି ଲକର୍‌ରେ ସମସ୍ତ କେନ୍ଦ୍ରକୁ ପଠାଯିବ । କପି ନିୟନ୍ତ୍ରଣ ଲାଗି ସେଣ୍ଟର୍‌ଗୁଡ଼ିକରେ ସିସିଟିଭି କ୍ୟାମେରା ▶▶ ୫




# ଆଜି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଶ୍ରୀଜିଉ

**ପୁରୀ, ୪।୭/ଏନ୍ଏନ୍ଏସ୍:**

ଆସନ୍ତାକାଲି ନବଦିନାତ୍ମକ ଘୋଷଯାତ୍ରା ସାରି ନୀଳକନ୍ଦରକୁ ବାହୁଡ଼ି ଆସିବେ ମହାବାହୁ । ରଥ ଓ ପଥ ପ୍ରସ୍ତୁତ । ବାହୁଡ଼ା ଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି । ଭୋର୍ ୪ଟାରେ ମଙ୍ଗଳ ଆଳତି, ଭୋର୍ ୪.୧୫ରେ ମଇଲମ୍, ୪.୩୦ରେ ତଡ଼ପଲାଗି ଓ ରୋଷହୋମ, ୫ଟାରେ ଅବକାଶ, ୫.୧୫ରେ ସୂର୍ଯ୍ୟପୂଜା, ୫.୩୦ରେ ଦ୍ୱାରପାଳ ପୂଜା ଓ ବେଶ ଶେଷ ସରିବ । ସକାଳ ୫.୪୫ମିନିଟ୍‌ରୁ ୬.୪୫ ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ, ସକାଳ ୭ଟାରୁ ୧୧.୩୦ ସେନାପଟା ଲାଗି, ୧୧.୪୫ରେ ମଙ୍ଗଳାର୍ପଣ, ମଧ୍ୟାହ୍ନ ୧୨ଟାରୁ ୨.୩୦ ମଧ୍ୟରେ ବାହୁଡ଼ା ପହଣ୍ଡି, ଅପରାହ୍ଣ ୧ଟାରୁ ୨.୩୦ ମଧ୍ୟରେ ବେଶଶେଷ ହେବ । ଅପରାହ୍ଣ ୨.୩୦ମିନିଟ୍‌ରୁ ୩.୩୦ମଧ୍ୟରେ ଛେରାପହଁରା, ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ଓ ଘୋଡ଼ା ଲାଗି ହୋଇ ରଥ ଟାଣିବା ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି । ଆଜି ରାତିରେ ମହାପ୍ରଭୁଙ୍କ ସେନାପଟା ଲାଗି, ବାହୁଟକଣ୍ଠି ଓ କୁସୁମୀ ଲାଗି ଆଦି ସ୍ୱତନ୍ତ୍ର ନୀତିକାନ୍ତି ମାନ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୬ ତାରିଖରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ ।

### ଟ୍ରାଫିକ୍ ଆଡ୍‌ଭାଇଜରୀ ଜାରି

ଶନିବାର ବାହୁଡ଼ାଯାତ୍ରା ଓ ରବିବାର ସୁନାବେଶ । ଏଥିପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ପୁଲିସ ବାହୁଡ଼ା ଓ ସୁନାବେଶ ପାଇଁ ଟ୍ରାଫିକ୍ ଆଡଭାଇଜରୀ ଜାରି କରିଛି । ଭୁବନେଶ୍ୱର, କୋଣାର୍କ ଏବଂ ବ୍ରହ୍ମଗିରି ପଟୁ ଆସୁଥିବା ବିଭିନ୍ନ ଗାଡ଼ି (ଆନ୍ତଃରାଜ୍ୟ ଓ ରିଜର୍ଭ ବସ୍, ଯାତ୍ରୀବାହୀ ବସ୍, ହାଲକା ଯାନ ଏବଂ ଦୁଇଚକିଆ) କେଉଁ ରୁଟ୍ ଦେଇ କେଉଁଠି ପାର୍କିଂ କରିବେ ସେ ନେଇ ସ୍ୱତନ୍ତ୍ର ମୋବିଲିଟି ପ୍ଲାନ୍ କରାଯାଇଛି ।



ଭୁବନେଶ୍ୱର କିମ୍ବା ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ମଙ୍ଗଳାଘାଟ ଛକଠାରୁ ମଶାଣିଚଣ୍ଡୀ ଛକ, ଦେବୀଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭଠାରେ ପାର୍କିଂ କରାଯିବ । ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନ ମଶାଣିଚଣ୍ଡୀ ଛକଠାରୁ ମାଟିତୋଟା ଖେଳପଡ଼ିଆ ଠାରେ ରଖାଯିବ । ମାଟିତୋଟା ଖେଳପଡ଼ିଆ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନ ମଙ୍ଗଳାଘାଟ ଛକଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ୍ ପଡିଆ ଠାରେ ରହିବାର ବ୍ୟବସ୍ଥା କରାଯାଇଛି । ଜଗନ୍ନାଥ ବଲ୍ଲଭ ଠାରେ ରଖିଥିବା ଯାନଗୁଡିକ ନରେନ୍ଦ୍ର କୋଣ, ଜଟିଆ ବାବାଜୀ ଛକ, କୁମ୍ଭାରପଡ଼ା ଥାନା, ଅଠରନଳା ଓ ବାଟଗାଁ ଛକ ଦେଇ ଭୁବନେଶ୍ୱର କିମ୍ବା ବ୍ରହ୍ମଗିରି ପାଇଁ ପ୍ରସ୍ଥାନ କରିବେ । ତେବେ କୋଣାର୍କ ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେସନ ଛକ, ପେଣ୍ଟକଟା ଛକ, ସୁବାଷ ବୋସ ଛକ ଦେଇ ବ୍ଲୁ ଫ୍ଲାଗ ବେଳାଭୂମି ଓ ନୀଳାଚଳ ଅଶୋକଠାରେ ପାର୍କିଂ କରିବେ । ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ । ସେହିପରି ଭୁବନେଶ୍ୱର ▶▶ ୫

## ସମ୍ଭାବ୍ୟ ଡେଙ୍ଗୁ ମୁକାବିଲା ପାଇଁ ଓଡ଼ିଶା ଶିଳ୍ପ ସଂଘର ଦାବିପତ୍ର

**କଟକ,୪।୭/ଏନ୍‌ଏନ୍‌ଏସ୍‌:** ଲଗାଣ ବର୍ଷାରେ ଜଗତପୁର ଏବଂ ଖପୁରିଆ ଶିଳ୍ପାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଶିଳ୍ପାଞ୍ଚଳରେ ଥିବା କାରଖାନାଗୁଡ଼ିକରେ ଦୈନିକ୨୦ ହଜାରରୁ ଅଧିକ ଲୋକ କାମ କରୁଛନ୍ତି। ଅର୍ଦ୍ଧ ନିର୍ମିତ ଡ୍ରେନ୍‌ରେ ପାଣି ଜମି ରହିଥିବାରୁ ଡେଙ୍ଗୁ ଆଶଙ୍କା ଦେଖାଦେଇଛି। ଏହାର ପ୍ରତିବାଦରେ ଓଡ଼ିଶା ଶିଳ୍ପ ସଂଘର ସଦସ୍ୟମାନେ ଅଧ୍ୟକ୍ଷ ଅବନୀ କାନୁନଗୋଙ୍କ ନେତୃତ୍ୱରେ ମେୟର ସୁବାସ ସିଂହଙ୍କୁ ଭେଟି ଏକ ସ୍ମାରକପତ୍ର ଦେବା ସହିତ ଜଗତପୁର ଏବଂ ଖପୁରିଆରେ ଡେଙ୍ଗୁ ସଂକ୍ରମଣ ନ ହେବା ପାଇଁ ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିଛନ୍ତି। ମେୟର୍ ଶ୍ରୀ ସିଂହ ଡେଙ୍ଗୁର ପ୍ରତିକାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ପାଇଁ ବନ୍ଦୋବସ୍ତ କରିବା ଓ ଆବଶ୍ୟକ ମଶା ତେଲ ଏବଂ ମଶା ମରା ଗ୍ୟାସ୍ ପଠାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ମେୟରଙ୍କ ସହିତ ଏହି ଆଲୋଚନା ବେଳେ ସଂଘର ସଭାପତି ରାଜେଶ କାନୁନଗୋ, ଉପସଭାପତି ବିନୋଦ ଭୁତ, ସମ୍ପାଦକ ଦେବେନ୍ଦ୍ର ଶର୍ମା, ସଂଗଠନିକ ସମ୍ପାଦକ ରୁଦ୍ର ନାରାୟଣ ଆଚାର୍ଯ୍ୟ, ଅଜୟ ପଣ୍ଡା, ଅରୁଣ ବାଗଡ଼ିଆ, ଅଶୋକ ସାହୁ, ପ୍ରଶାନ୍ତ ମହାପାତ୍ର, ବିପିନ ଦଣ୍ଡପାଟ ପ୍ରମୁଖ ଯୋଗଦେଇଥିଲେ।

# ଶ୍ରୀଗୁଣ୍ଡିଚା ମହୋତ୍ସବରେ ଜଗନ୍ନାଥ କଥାମୃତ



**କଟକ,୪।୭/ଏନ୍‌ଏନ୍‌ଏସ୍‌:** ମହାନଦୀବିହାରସ୍ଥିତ ମଙ୍ଗଳାମନ୍ଦିର ଛକରେ ଆୟୋଜିତି ଶ୍ରୀଗୁଣ୍ଡିଚା ମହୋତ୍ସବର ସପ୍ତମ ସନ୍ଧ୍ୟା ମହୋତ୍ସବ କମିଟିର ଆବାହକ ସଞ୍ଜୟ ଜେନା ଓ ହିମାଂଶୁ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ କଟକ ମହାନଗର ନିଗମର ଡେପୁଟି କମିଶନର ଅଶୋକ କୁମାର ଲେଙ୍କା, ବିଶିଷ୍ଟ ଅତିଥି ଭାବେ କର୍ପୋରେଟର୍ ପ୍ରଳୟ ବେଉରା, ଇଞ୍ଜିନିୟର ସୁବ୍ରତ ଘଡାଇ, ନଳିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ନିଶିକାନ୍ତ ମିଶ୍ର, ଅଶୋକ ବେହେରା, ବିମଳ ପାତ୍ର, ସୁଶ୍ରୀ ଇନ୍ଦୁ ଦାସ, ବୀଣାପାଣି ସିଂ, ସ୍ୱର୍ଣ୍ଣପ୍ରଭା ସାମନ୍ତ, କୃଷ୍ଣପ୍ରୀୟା ତ୍ରିପାଠୀ, ଗାୟତ୍ରୀ ଦାସ, ସଂଘମିତ୍ରା ସାମଲ, ଗୀତାଞ୍ଜଳି ଶତପଥୀ, ନୃତ୍ୟ ଗୁରୁ ପୁଷ୍ପିତା ମହାପାତ୍ର, ନିହାର ରଞ୍ଜନ ଦାସ, ବିଦ୍ୟା ବିଶ୍ୱଜିତା, ଐଶ୍ୱର୍ଯ୍ୟା ଦଳେଇ, ମଧୁସ୍ମିତା ଷଡ଼ଙ୍ଗୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପରେ କଥାବାଚକ ମାନସ ରଞ୍ଜନ ମହାରାଜ ଭକ୍ତମଣ୍ଡଳୀଙ୍କୁ ଜଗନ୍ନାଥ କଥାମୃତ ପାନ କରାଇଥିଲେ। ମହୋତ୍ସବ କମିଟିର ଅଧ୍ୟକ୍ଷ ପୂର୍ବତନ ବିଧାୟକ ଡ.ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭଗବାନ୍ ବିଶ୍ୱାଳ, ବରଦା ପ୍ରସାଦ ନାୟକ, ଧନଞ୍ଜୟ ସାବତ, ଅଚ୍ୟୁତ ରାଉତରାୟ, ଦେବାଶିଷ ରଥ, ସରୋଜ ପ୍ରସାଦ ସ୍ୱାଇଁ, ଡକ୍ଟର କମଳ ପ୍ରସାଦ ମହାନ୍ତି, ଚର୍ତୁଭୁଜ ମହାପାତ୍ର, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ଜ୍ଞାନରଞ୍ଜନ ଦାସ, ଦେବଦତ୍ତ ଆଚାର୍ଯ୍ୟ, ପ୍ରଭୁଦତ୍ତ ଆଚାର୍ଯ୍ୟ, ରାଧାକାନ୍ତ ଶତପଥୀ, ଗୋଲେଖ ଚନ୍ଦ୍ର କାନୁନଗୋ, ଶରତ ଚନ୍ଦ୍ର କୁଣ୍ଟ, ପ୍ରଦୀପ୍ତ ମହାନ୍ତି, ପ୍ରମୋଦ ଦାସ, ସୁଶାନ୍ତ ଘୋଷ, ବିଚିତ୍ରା ନନ୍ଦ ପଣ୍ଡା, ମନୋଜ ଦାସ, ଲେନିନପ୍ରଭା, ଦୁର୍ଗା ବେହେରା, ପ୍ରଭାତ ସାହାଣୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ସିଏମ୍‌ସିର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ

# ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

**କଟକ,୪।୭/ଏନ୍‌ଏନ୍‌ଏସ୍‌:** ଲଗାଣ ବର୍ଷାକୁ ନେଇ ସୃଷ୍ଟ ଜଳବନ୍ଦୀ ସମସ୍ୟାକୁ ଦୃଷ୍ଟିରେ ରଖି ସିଏମ୍‌ସି ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଗମ ସମ୍ମିଳନୀ କକ୍ଷରେ ମେୟର ସୁବାସ ସିଂହ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା, ବନ୍ୟା ସମୟରେ କିପରି କାର୍ଯ୍ୟ କରିଯିବା ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟରେ ସମୟରେ ପ୍ରାକ୍ ସୂଚନାର ଆଲୋଚନା କରିବା, କଣ୍ଟ୍ରୋଲ୍ ରୁମ୍‌ର ବ୍ୟବସ୍ଥା କରିବା, ଆଶ୍ରୟ ସ୍ଥଳୀର ସୁବ୍ୟବସ୍ଥା କରିବା ଓ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା, ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରିବା ସହିତ ଜଳବନ୍ଦୀ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ସହରକୁ ୧୪ ଗୋଟି ସେକ୍ଟରରେ ବିଭକ୍ତ କରାଯାଇ ସମସ୍ତ ସେକ୍ଟରରେ ଜଣେ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଅଛି। ଜନସାଧାରଣଙ୍କ ସୁବିଧା ନିମନ୍ତେ ସିଏମ୍‌ସି ଦ୍ୱାରା ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ସେଠାରେ ୩ ଟି ସିଫ୍ଟରେ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଜଳ ନିଷ୍କାସନ ପାଇଁ ୨୮୪ ଗୋଟି ପମ୍ପର ବ୍ୟବସ୍ଥା କରାଯିବାର ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅତିରିକ୍ତ ଆୟୁକ୍ତ କଳ୍ପତରୁ ବେହେରା, ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ, ଯୁଗ୍ମ ଆୟୁକ୍ତ, ସମସ୍ତ ଉପାୟୁକ୍ତ, ସିଟି ଇଞ୍ଜିନିୟର ଅତନ ସାମନ୍ତ, ଯାନ୍ତ୍ରିକ ବିଭାଗର ସମସ୍ତ ଅଧିକାରୀ, ସାନିଟେସନ୍ ବିଭାଗର ସମସ୍ତ ଅଧିକାରୀ, ସିଏମ୍‌ସିର ସମସ୍ତ ୱାର୍ଡ ଅଫିସର, ସିଏମ୍‌ସିର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଲ୍‌କୀ ଦରବାର ପକ୍ଷରୁ ମାସିକ ସତ୍‌ସଙ୍ଗ



**କଟକ,୪।୭/ଏନ୍‌ଏନ୍‌ଏସ୍‌:** ବୈଦିକ ଶିକ୍ଷା ଓ ସଂସ୍କୃତି ରକ୍ଷା କରିବା ସମସ୍ତଙ୍କର ଧେୟ ହେଉ ବୋଲି ମାସିକ କଲ୍‌କୀ ଦରବାର ସତ୍‌ସଙ୍ଗରେ ମୁଖ୍ୟପ୍ରବକ୍ତା ଭାବେ ଯୋଗଦେଇ ସାରସ୍ୱତ ଆଶ୍ରମର ମହାନ ସାଧୁ ମାନସ ଚୈତନ୍ୟ ମହାରାଜ ମତବ୍ୟକ୍ତ କରିଥିଲେ। ବିଶ୍ୱ ସତ୍ୟ-ସନାତନ-ଧର୍ମ ପ୍ରଚାରିଣୀ ମହାସଙ୍ଘ କଲ୍‌କୀ ସେନାର ଅନୁମୋଦନ ଆୟୋଜିତ ମାସିକ କଲ୍‌କୀ ଦରବାରରେ ସତ୍‌ସଙ୍ଗରେ ଆଧ୍ୟାତ୍ମିକଗୁରୁ ଅନନ୍ତ ଜ୍ଞାନଗୁରୁ ମହାରାଜଙ୍କ ସଭାପତିତ୍ୱ କରଥିଲେ। ପ୍ରାରମ୍ଭରେ ମହାପ୍ରଭୁ କଲ୍‌କୀ ଭଗବାନ ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଫଟୋ ପୂଜାର୍ଚ୍ଚନା କରାଯାଇ ସତ୍‌ସଙ୍ଗ ଆରମ୍ଭ କରାଯାଇଥିଲା। ଦଶାବତାର ସ୍ତୋତ୍ର, କଲ୍‌କୀ ଭଜନ ଓ ଜଗନ୍ନାଥାଷ୍ଟକ ଆବୃତ୍ତି କରାଯିବା ପରେ କୁଳ ପୁରୋହିତ ପଣ୍ଡିତ ହୃଷିକେଶ ପଣ୍ଡା ଆଳତୀ କରିଥିଲେ। ଭକ୍ତ ସଂଯୋଜ କୁମାର ସାମନ୍ତରାୟ ମହାପ୍ରଭୁଙ୍କ ଭଜନ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭକ୍ତ ସଂଗ୍ରାମ କେଶରୀ ମହାନ୍ତି, ଗୌରାଙ୍ଗ ଚରଣ ପ୍ରଧାନ, କଲ୍‌କୀରତ୍ନ ଲକ୍ଷ୍ମୀଧର ଦାସ, ବିଜୟ କୁମାର ସାମଲ ଓ ଗୁରୁଦତ୍ତ ମହାନ୍ତି ପ୍ରମୁଖ ଯୁଗାବତାର କଲ୍‌କୀ ଭଗବାନଙ୍କ ଆବିର୍ଭାବ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ସାମ୍ବାଦିକ ପ୍ରଭୁଦତ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ କଲେ ସାଂସଦ ଅପରାଜିତା



**ଖୋର୍ଦ୍ଧା,୪।୭/ଏନ୍‌ଏନ୍‌ଏସ୍‌:** ଖୋର୍ଦ୍ଧା ବ୍ଲକ ବେଗୁନିଆ ଡାବରଧୁଆ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ବେଗୁନିଆ ବିଡିଓ କାର୍ଯ୍ୟାଳୟରେ ୫୩ ଲକ୍ଷ ଟଙ୍କାରେ ସାମୂହିକ କୋଚିଂ ସେଣ୍ଟର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ସହ ଶିଳାନ୍ୟାସ କରିଛନ୍ତି। ବୋଲଗଡ଼ ଏବଂ ବେଗୁନିଆରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ଶିଳାନ୍ୟାସ କରାଯାଇଛି। ଡାବରଧୁଆ ପଞ୍ଚାୟତରେ ୪୬ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଉଦ୍‌ଘାଟନ କରାଯାଇଛି। ଦୀର୍ଘଦିନ ଧରି ପଞ୍ଚାୟତବାସୀ ଭଲ ସ୍ୱାସ୍ଥ୍ୟ ସେବା ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡୁଥିଲା। ବିଶେଷ କରି ଭୁବନେଶ୍ୱରରେ ଥିବା ଡାକ୍ତରଖାନା ଉପରେ ପଞ୍ଚାୟତବାସୀ ନିର୍ଭର କରୁଥିଲେ। ତେବେ ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ସମସ୍ୟାର ସମାଧାନ ହୋଇଛି। ଏଥିରେ ୯ଟି ଗାଁର ପାଖାପାଖି ୧୦ ହଜାର ଲୋକେ ଉପକୃତ ହେବେ। ଅତି ପାଖରୁ ଲୋକମାନେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇପାରିବେ। ରକ୍ତହୀନତା, ମ୍ୟାଲେରିଆ, ଡେଙ୍ଗୁ, ହେପାଟାଇଟିସ୍-ବି, ଟିବି ଭଳି ରୋଗର ଚିକିତ୍ସା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ହୋଇପାରିବ। ସେହିପରି ବୋଲଗଡ଼ ବ୍ଲକର ପାଟପୁର ଶାସନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣର ଶୁଭ ଉଦ୍‌ଘାଟନ ହୋଇଛି। ଏକ ହଜାର ଘରକୁ ଜଳ ଯୋଗାଣ ଫଳରେ ଅଞ୍ଚଳର ୭ ହଜାର ଲୋକ ଉପକୃତ ହେବେ। ଅନେକ ଦିନ ଧରି ଲୋକମାନେ ପାନୀୟ ଜଳ କଷ୍ଟ ଭୋଗୁଥିଲେ। ଏ ବିଷୟରେ ସାଂସଦ ଅବଗତ ହେବା ପରେ ଜଳ କଷ୍ଟ ଦୂର ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ବାହାର କରିଥିଲେ। ଏବେ ତାହା ବାସ୍ତବ ରୂପ ନେଇଛି ଏବଂ ଅଞ୍ଚଳବାସୀଙ୍କ ପାନୀୟ ଜଳ କଷ୍ଟ ଦୂର ହୋଇଛି। ତେବେ ଆଗକୁ ୨୬୭ କୋଟି ଟଙ୍କା ବ୍ୟୟରେ ୩୩୭ଟି ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆହୁରି ମଧ୍ୟ ବୋଲଗଡ଼ ଏବଂ ବେଗୁନିଆରେ ଜଳ ଯୋଗାଣ ପାଇଁ ୭ ଟି ମେଗା ପ୍ରକଳ୍ପର ଯୋଜନା ରହିଛି। ଏଥିପାଇଁ ୧୦୯୩ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ପ୍ରକଳ୍ପ ନେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିଛନ୍ତି ଭୁବନେଶ୍ୱର ସାଂସଦ। ଏଥିସହିତ ବେଗୁନିଆରେ ଏକ ସାମୁହିକ ପାଠାଗାର ଏବଂ କୋଚିଂ ସେଣ୍ଟରର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ଅପରାଜିତା ଷଡ଼ଙ୍ଗୀ। ଏଠାରେ ଆଇଏଏସ୍ ଏବଂ ଆଇପିଏସ୍ ପାଇଁ କୋଚିଂ ଦିଆଯିବ। କୋଚିଂ ସେଣ୍ଟର କାର୍ଯ୍ୟକ୍ଷମ ହେଲେ ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷିତ ହୋଇ ଅଞ୍ଚଳ ପାଇଁ ସୁନାମ ଆଣିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସାଂସଦଙ୍କ ପ୍ରତିନିଧି ବିଦ୍ୟୁତ କାଣ୍ଡି, ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାଶ, ବୋଲଗଡ଼ ଏବଂ ବେଗୁନିଆର ବିଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ।

## ୭ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**କଟକ,୪।୭/ଏନ୍‌ଏନ୍‌ଏସ୍‌:** ଆସନ୍ତା ୭ ତାରିଖ ସୋମବାର ବାଙ୍କୀ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନ ୧୦ ଘଟିକା ସମୟରେ ଆରମ୍ଭ ହେବ। ପ୍ରତ୍ୟେକ ସୋମବାର ହେଉଥିବା ଜନଅଭିଯୋଗ ଶୁଣାଣି ଶିବିରରେ ନିଜର ଅଭିଯୋଗ ଦାଖଲ କରିବା ନିମନ୍ତେ ଜନଶୁଣାଣି ୱେବ୍ ପୋର୍ଟାଲ, ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ସ୍ଲଟ୍ ବୁକିଂ କରିବାକୁ ଅନୁରୋଧ କରାଯାଉଛି। ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକାଠାରୁ ଶନିବାର ରାତ୍ର ୧୧ ଘଟିକା ୫୯ ମିନିଟ୍ ପର୍ଯ୍ୟନ୍ତ ଜନଶୁଣାଣି ପୋର୍ଟାଲ janasunani.odisha.gov.in ରେ ସ୍ଲଟ୍ ବୁକିଂ କରାଯାଇ ପାରିବ। ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ନିଶ୍ଚିନ୍ତକୋଇଲି,୪।୭/ଏନ୍‌ଏନ୍‌ଏସ୍‌:** ନେମାଳ ଥାନା ଦେବରାଳ ଗ୍ରାମର ବ୍ରଜ କିଶୋର ଦାସଙ୍କ ଝିଅ ଜୟଶ୍ରୀ ଦାସ (୩୩)ଙ୍କୁ ତାଙ୍କ ଶ୍ୱଶୁର ଘର ଲୋକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ପକ୍ଷୋଟ ଗ୍ରାମର ସ୍ୱର୍ଗତ ନଟବର ଦାସଙ୍କ ପୁତ୍ର ପରମେଶ୍ୱର ଦାସଙ୍କୁ ଦୀର୍ଘ ୧୦ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ଏବେ ତାଙ୍କର ୯ ବର୍ଷର ଏକ ପୁତ୍ର ସନ୍ତାନ ଅଛି। ବିବାହ ସମୟରେ ଜୟଶ୍ରୀଙ୍କ ପିତା ଝିଅ ଓ ଜୋଇଁଙ୍କୁ ଉପହାର ସ୍ୱରୂପ ସୁନାରୁପା ଏବଂ ଘରର ସମସ୍ତ ଆସବାପତ୍ର ଦେଇଥିଲେ। ବିବାହର କିଛି ଦିନ ଖୁସିରେ ଉଭୟଙ୍କ ସଂସାର ଚାଲିବା ପରେ ଜୟଶ୍ରୀଙ୍କ ଉପରେ ଶାଶୁଘର ଉପରୁ ନିର୍ଯାତନା ଦିଆଯାଉଥିବା ଜୟଶ୍ରୀ ଅଭିଯୋଗ କରିଛନ୍ତି। ଅନେକ ସମୟରେ ଶାଶୁଘର ଲୋକେ ଜୟଶ୍ରୀ ତାଙ୍କ ବାପାଙ୍କଠାରୁ ଅର୍ଥ ଆଣି ସ୍ୱାମୀଙ୍କୁ ଦେବା ପାଇଁ ଦାବି କରିଆସୁଥିଲେ। ଅର୍ଥ ନ ମିଳିବାରୁ ଜୟଶ୍ରୀଙ୍କୁ ଗାଳିଗୁଲଜ ସହିତ ମାଡ଼ ମଧ ମାରୁଥିଲେ। ୨୦୨୩ ଜାନୁୟାରୀ ୧୦ ତାରିଖ ରାତିରେ ଶାଶୂଘର ଲୋକେ ତାଙ୍କୁ ଜୀବନରୁ ମାରିଦେବାକୁ ପ୍ରୟାସ କରି ବିଧା ଗୋଇଠା, ଚାପୁଡ଼ା ମାରିବା ସହିତ ତାଙ୍କ ଉପରେ ପେଟ୍ରୋଲ ଢାଳି ମାରିଦେବା ପାଇଁ ଯୋଜନା କରିଥିବା ଜୟଶ୍ରୀ ଜାଣି ପାରି ଲୁଚି କରି ଜୀବନ ବଞ୍ଚାଇବା ପାଇଁ ଶାଶୂଘରୁ ପଳାଇ ଆସିଥିଲେ। ଜୟଶ୍ରୀଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ସ୍ୱାମୀଙ୍କଠାରୁ ପୃଥକ୍ ରହିବା ଓ ତାଙ୍କ ୯ବର୍ଷର ପୁଅକୁ ତାଙ୍କ ପାଖରେ ରହିବା ପାଇଁ ଅଭିଯୋଗରେ ଦର୍ଶାଇଛନ୍ତି। ଏହାସହ ବିବାହ ସମୟରେ ଜୟଶ୍ରୀଙ୍କ ବାପା ଦେଇଥିବା ସମସ୍ତ ଉପହାର ଓ ଆସବାପତ୍ର ତାଙ୍କୁ ଫେରାଇ ଦେବା ପାଇଁ ସେ ନିବେଦନ କରିଛନ୍ତି। ଜୟଶ୍ରୀଙ୍କ ସ୍ୱାମୀ ପରମେଶ୍ୱର ଦାସ, ଦେଢ଼ଶୁର ଗୋପାଳ ଦାସ ଓ ତାଙ୍କ ଯାଆ ମମତା ଦାସ, ସ୍ୱାମୀ ଗୋପାଳ ଦାସଙ୍କ ନାମରେ ଅଭିଯୋଗ ହୋଇଛି।

## ତେଲ ଟ୍ୟାଙ୍କର୍‌କୁ ଧକ୍କାଦେଲା ଡାଲା ଅଟୋ, ଚାଳକ ଗୁରୁତର

**ଟାଙ୍ଗୀ,୪।୭/ଏନ୍‌ଏନ୍‌ଏସ୍‌:** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ମଙ୍ଗୁଳି ନିକଟରେ ଏକ ମାଲ୍ ବୋଝେଇ ଡାଲା ଅଟୋ ରାସ୍ତାକଡରେ ଠିଆ ହୋଇଥିବା ତେଲ ଟ୍ୟାଙ୍କର୍‌କୁ ଧକ୍କା ଦେବାରୁ ଚାଳକ ଜଣଙ୍କ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁବାର ବିଳମ୍ବିତ ରାତି ସମୟରେ କଟକ ପଟରୁ ମାଲ ଲୋଡ୍ କରି ଆସୁଥିବା ଓଡି.୩୩.ଏ.କିୟୁ. ୪୪୩୬ ନମ୍ବର ବିଶିଷ୍ଟ ଡାଲା ଅଟୋଟି ମଙ୍ଗୁଳି ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ତେଲ ଟ୍ୟାଙ୍କର୍‌କୁ ଧକ୍କା ଦେଇଥିଲା। ଏଥିରେ ଡାଲା ଅଟୋ ଚାଳକ ଜଣ ଗାଡ଼ି ଭିତରେ ଚାପିହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲେ। ଘଟଣାସ୍ଥଳରେ ରାଜପଥ ପୁଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ପହଞ୍ଚି ଗ୍ୟାସ୍ କଟର୍‌ରେ ଡାଲା ଅଟୋର ଆଗ ଅଂଶ କାଟିଲା ପରେ ଗୁରୁତର ଅବସ୍ଥାରେ ଚାଳକ ଜଣଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ପୁଲିସ ଉଭୟ ଗାଡ଼ିକୁ ଜବତ କରିଛି। ଗୁରୁତର ହୋଇଥିବା ଚାଳକ ଜଣଙ୍କ ପରିଚୟ ମିଳି ନାହିଁ।

## 'ଆମ ସମ୍ବଳ' ପକ୍ଷରୁ ବନମହୋତ୍ସବ

**କଟକ,୪।୭/ଏନ୍‌ଏନ୍‌ଏସ୍‌:** ସାମାଜିକ ସଂଗଠନ 'ଆମ ସମ୍ବଳ' ପକ୍ଷରୁ କେଶରପୁରସ୍ଥିତ ମହାମାୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନମହୋତ୍ସବ ସପ୍ତାହ ପାଳନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ବିଶ୍ୱଜିତ ଘୋଷ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସାତ୍ୱିକୀ ଘୋଷ, ଅନୁଷ୍ଠାନର ଉପସଭାପତି ବିକ୍ରମ ଦାଶ, ଆଲୋକେଶ ରାୟ, ଅନୁଷ୍ଠାନର ଉପଦେଷ୍ଟା ଅଶୋକ କୁମାର ଧଳ, ପୁଷ୍ପାଙ୍କ ବାନାର୍ଜୀ, କଟକ ସଦର ମଣ୍ଡଳ ସହକାରୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ମୋହନ ଗମାଙ୍ଗ, ଲକ୍ଷ୍ମୀଧର ଦାସ, ବିନିତା ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ମାନସ ରଞ୍ଜନ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଭ୍ରାନ୍ତ କୁମାର ଦାସ, ଜ୍ଞାନରଞ୍ଜନ ବେହେରା, ଚିରଞ୍ଜିତ, ମୈତ୍ରୀ ସାହୁ, ସଦସ୍ୟ ସୁଶାନ୍ତ କୁମାର ଜେନା, ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଜାନକୀ ସାହିତ୍ୟ ଓ ସଂସ୍କୃତି ସମାଜ ପକ୍ଷରୁ କବିତା ପାଠ ଉତ୍ସବ



**କଟକ,୪।୭/ଏନ୍‌ଏନ୍‌ଏସ୍‌:** ଜାନକୀ ସାହିତ୍ୟ ଓ ସଂସ୍କୃତି ସମାଜ ତରଫରୁ ଶ୍ରୀରାମ ଚନ୍ଦ୍ର ଭବନ କଟକଠାରେ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମାନନ୍ଦ ବିଶ୍ୱାଳ ସଭାପତିତ୍ୱ କରିଥିଲାବେଳେ କବିତା ଆସରକୁ ଉଦ୍‌ଘାଟନ କରିଥିଲେ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି। ମୁଖ୍ୟ ଅତିଥି ଭାବେ ଡ.ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ତେଲକୋଇ ବିଧାୟକ ଡ.ଫକୀର ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଡାକ୍ତର ରବିରଞ୍ଜନ ସାହୁ, ସମ୍ମାନିତ ବକ୍ତା ଭାବେ ବିଜୟ କୁମାର ଦାଶ, ସଂଚାଳକ ଭାବେ ରାଜୀବ କୁମାର ଷଡଙ୍ଗୀ, ବିଜେପି ନେତା ବିନୋଦ ଦାଶ ଯୋଗ ଦେଇଥିଲେ। କବି ଗୀତାଞ୍ଜଳି ପୃଷ୍ଟି ଏବଂ କବି ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ କବି ଛବିରାମ ସେଠୀ, ବସନ୍ତ ସାହୁ, ଦେବେନ୍ଦ୍ର ସାହୁ, ସନ୍ଧ୍ୟା ଶତପଥୀ, ସୁରେନ୍ଦ୍ର ମହାପାତ୍ର, ଲୋକନାଥ ସେଠୀ, ସୁନି ଦାସ, ସଚିଦାନନ୍ଦ କର, ଚୈତନ ରାଉତଙ୍କ ସମେତ ବହୁ କବି କବିତା ପାଠ କରିଥିଲେ। ସଭାପତି ବିମଳ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟି ଚୋରି, ୩ କୋର୍ଟଚାଲାଣ



**ଟାଙ୍ଗୀ,୪।୭/ଏନ୍‌ଏନ୍‌ଏସ୍‌:** ଟାଙ୍ଗୀ ପୁଲିସ ଲୁହା ବିଦ୍ୟୁତ୍ ଖୁଣ୍ଟି ଚୋରି ଅଭିଯୋଗରେ ୩ଜଣଙ୍କୁ ଗରିଫ କରି କୋର୍ଟଚାଲାଣ କରିଛି। ଗିରଫ ଲୁଟେରାମାନେ ହେଲେ କାଳି ଚରଣ ମୁର୍ମୁ, ବିପିନ୍ ଶୁରେନ୍, ସୋମନାଥ ପ୍ରଧାନ ବୋଲି ଏସ୍‌ଡିପିଓ ଉମାକାନ୍ତ ନାୟକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ ଟିପିସିଏଲ୍‌ର ନୂତନ ଗ୍ରେଡ୍ କାର୍ଯ୍ୟ ବିଶ୍ୱନାକାହାଣୀ ଠାରେ ଚାଲିଥିବା ବେଳେ ବିଦ୍ୟୁତ୍ ସଂଯୋଗ ପାଇଁ ଲୁହା ଖୁଣ୍ଟି ପୋତା ଯାଇଥିଲା। ହେଲେ ବିଦ୍ୟୁତ୍ ସଂଯୋଗ ପୂର୍ବରୁ ଲୁଟେରାମାନେ ଗ୍ୟାସ୍ କଟର ସାହାଯ୍ୟରେ ଲୁହା ଖୁଣ୍ଟିଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟି ନେଇ ଚମ୍ପଟ୍ ମାରିଥିଲେ। ଯାହାକୁ ନେଇ କାମ ନେଇଥିବା ସଂସ୍ଥାର ଇଞ୍ଜିନିୟର୍ ପ୍ରଶାନ୍ତ କୁମାର ପ୍ରଧାନ ଗତ ଏପ୍ରିଲ ମାସ ୨୩ତାରିଖରେ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ଏହାର ତଦନ୍ତ କରି ଗତକାଲି ବିଳମ୍ବିତ ରାତ୍ରିରେ ଜଗତପୁର ଅଞ୍ଚଳର ତାଳବଣିଆ ମୁଣ୍ଡା ସାହି, ନିମପୁର ମୁଣ୍ଡା ସାହି, ନିମପୁର କେଉଟ ସାହିରେ ଚଢ଼ଉ କରି ୩ଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ କଟା ଲୁହା ବିଦ୍ୟୁତ୍ ଖୁଣ୍ଟି ଖଣ୍ଡଗୁଡ଼ିକ ଜବତ କରାଯାଇଛି। ଏହି ଅଭିଯୁକ୍ତମାନେ ପିକ୍‌ଅପ୍ ସାହାଯ୍ୟରେ ଏଗୁଡ଼ିକୁ ନେଇ ଜଗତପୁର ଅଞ୍ଚଳରେ ଥିବା କବାଡିଆମାନଙ୍କୁ ବିକ୍ରି କରୁଥିଲେ ବୋଲି ପୁଲିସ ପ୍ରକାଶ କରିଛି। ତେବେ ଏହି ଘଟଣାରେ ଯାଜପୁର ପୁଲିସ ୭ଜଣଙ୍କୁ ଗରିଫ କରିଥିବା ବେଳେ ସେମାନଙ୍କୁ ତଦନ୍ତ ପାଇଁ ଅଣାଯିବା ସହ ଖୁବଶିଘ୍ର ଫେରାର୍ ଥିବା ଅନ୍ୟମାନଙ୍କୁ କାବୁ କରାଯିବ ବୋଲି ପ୍ରକାଶ ପୁଲିସ ସୂତ୍ରରୁ ପ୍ରକାଶ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ



**ଖୋର୍ଦ୍ଧା,୪।୭/ଏନ୍‌ଏନ୍‌ଏସ୍:** ହଳଦୀପଦା ସ୍ଥିତ ତ୍ରିପଲ ଏ'ରେ ବନମହୋତ୍ସବ ବିଦ୍ୟାଳୟର ସେବା ବିଭାଗର ସ୍କାଉଟ, ଗାଇଡ, କବ ଓ ବୁଲବୁଲମାନଙ୍କ ଦ୍ୱାରା ପାଳିତ ହୋଇଯାଇଛି। ଗାଇଡ୍ କ୍ୟାପଟେନ୍ ରଚିତା ପଟ୍ଟନାୟକ, ସ୍କାଉଟ ମାଷ୍ଟର୍ ନୃସିଂହ ପ୍ରସାଦ ସିଂହ, କବ୍‌ମାଷ୍ଟର ପ୍ରତାପ ଚନ୍ଦ୍ର ଦାଶ ଓ ଆସିଷ୍ଟାଣ୍ଟ କବ୍‌ମାଷ୍ଟର ସୁବୋଧ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷ ରୋପଣ କରି ପ୍ରକୃତିର ସବୁଜିମାକୁ ବୃଦ୍ଧି କରିବା ସହିତ ଲଗେଇଥିବା ଗଛର ଯତ୍ନ ନେବାପାଇଁ ଶପଥ ନେଇଥିଲେ। ବୃକ୍ଷ ହିଁ ଜୀବନ ଓ ଗଛର ଉପକାରିତା ବିଷୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ସେବା ବିଭାଗର ଏହି ଅଭିନବ ପ୍ରୟାସ ପାଇଁ ବିଦ୍ୟାଳୟର ଅଧକ୍ଷା ଡ. ଦିପ୍ତିମୟୀ ମହାନ୍ତି ସମସ୍ତ ଅଭିଭାବକ ଓ କର୍ମକର୍ତ୍ତାମାନେ ସାଧୁବାଦ ଜଣାଇଥିଲେ।



**ଟିଗିରିଆ:** ଆଇନ୍ ସେବା କମିଟି, ଟିଗିରିଆ ତରଫରୁ ମହେଶ୍ୱର ବିଦ୍ୟାପୀଠ ପୁରୁଣା ଟିଗିରିଆ ଆନୁକୂଲ୍ୟରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ତାଲୁକ୍ ଆଇନ୍ ସେବା କମିଟି ଟିଗିରିଆ ଅଧ୍ୟକ୍ଷ ତଥା ଟିଗିରିଆ କୋର୍ଟର ବିଚାରପତି ଅନିମେସ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ବୃକ୍ଷରୋପଣ କରି ବୃକ୍ଷର ଆବଶ୍ୟକତା ବିଷୟରେ ବିଦ୍ୟାଳୟ ପରିସର ମଧ୍ୟରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଦାଶ, ସରୋଜ କୁମାର ସାହୁ, ଲିଗାଲ ରିଟେର୍ଣ୍ଣର ଚନ୍ଦ୍ରମଣି ପଣ୍ଡା, ମହେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାୟକ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀ, ଟିଗିରିଆ ବନ ବିଭାଗ ଗାର୍ଡ ତନ୍ମୟ କୁମାର ବେହେରା, ଅନ୍ୟ କର୍ମଚାରୀ ଏବଂ ଟିଗିରିଆ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତି ରହି ବୃକ୍ଷରୋପଣ କରିଥିଲେ।



**ଓଡ଼ଗାଁ,୪।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସାକେରୀ ସ୍ଥିତ ରାହାସ ବିଦ୍ୟାପୀଠରେ ଶୁକ୍ରବାର ୭୬ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଯୁବ ଓ ପରିବେଶ ସମିତିର ମାର୍ଗଦର୍ଶକ ଶିକ୍ଷକ ରଞ୍ଜନ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଜଙ୍ଗଲ କ୍ଷୟର ଭୟାବହତା ସମ୍ପର୍କରେ ଆଲୋଚନା କରିବା ସହ ବୃକ୍ଷରୋପଣର ଉପକାରିତା ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ।

ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବାହାଡ଼ା, ଅଁଳା, ପଣସ, ଲେମ୍ବୁ, ଅମୃତଭଣ୍ଡା ପ୍ରଭୃତି ବୃକ୍ଷରୋପଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦେବତା, ବିଜ୍ଞାନ ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ସହକାରୀ ଶିକ୍ଷୟିତ୍ରୀ ସୁନିତା ଜେନା ଓ କାର୍ଯ୍ୟାଳୟ ସହକାରୀ ଅଶୋକ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ଜଣାପଡ଼ିଛି।

# ରାସ୍ତାରେ ଆଣ୍ଠୁଏ ଖାଲ, ଯାତାୟାତ ବାଧାପ୍ରାପ୍ତ

**ଓଡ଼ଗାଁ,୪।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କେନାଲ ଛକଠାରୁ ବୁଢ଼ାବୁଢ଼ୀଆଣି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ୍ କରାଯାଇଛି। ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ହୋଇ କାମ ଆରମ୍ଭ ହୋଇଛି। କିନ୍ତୁ ଜଳସେଚନ ବିଭାଗ ରାସ୍ତାରେ କଣ୍ଟା ସାଜିଛି। ଏବେ ଲୋକମାନେ ଆଣ୍ଠୁଏ ଖାଲରେ ଯିବାଆସିବା କରୁଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କୋମାରେ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ କେନାଲ ଛକଠାରୁ ବୁଢ଼ାବଢ଼ୀଆଣି ଡ୍ୟାମ୍ ପର୍ଯ୍ୟନ୍ତ ସାଢ଼େ ୧୧ କିଲୋମିଟର ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ୪୫ ଲକ୍ଷ ୭୨ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ରାସ୍ତାରେ ୨୫ଟି କଲ୍‌ଭର୍ଟ ସହିତ ସାଢ଼େ ୯ କିଲୋମିଟର ପିଚୁରାସ୍ତା ଓ ଦେଢ଼ କିଲୋମିଟର କଂକ୍ରିଟ ରାସ୍ତା କରିବାର ନିୟମ ରହିଛି। ମାର୍ଚ୍ଚ ୨୦୨୪ରେ କାମ ଆରମ୍ଭ ହୋଇ ଫେବୃୟାରୀ ୨୦୨୫ରେ କାମଶେଷ କରିବାକୁ ଫଳକ ମରାଯାଇଛି। ଅବଧି ସରିବାର ୫ ମାସ ବିତି ଯାଇଥିଲେ ମଧ୍ୟ କାମ ଅଧ ପନ୍ତରିଆ ହୋଇ ପଡ଼ିରହିଛି। ଏବେ ବର୍ଷାଦିନ ଆସିଥିବାରୁ ଲୋକମାନେ ଯିବାଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ଜଳସେଚନ ବିଭାଗ କଣ୍ଟା ସାଜିଥିବା କୁହାଯାଉଛି। ଚାଷୀଙ୍କୁ କେନାଲରୁ ପାଣି ଯୋଗାଣ କରିବାକୁ ଯାଇ ଠିକାଦାର ଗୋଟିଏ କି ଦୁଇଟି ନୁହେଁ ରାସ୍ତାର ପାଖାପାଖି ୧୯ଟି ସ୍ଥାନକୁ ଖୋଳିତାଡ଼ି ନଷ୍ଟ କରିଦେଇଛି। ସେତିକି ନୁହେଁ ରାସ୍ତା ତାଡ଼ି ତାକୁ କଂକ୍ରିଟ କରିବା ବଦଳରେ ମାଟି ପକାଇ ପୋତି ଦେଇଛି। ଜଳସମ୍ପଦ ବିଭାଗ ରାସ୍ତା ଖୋଳିତାଡ଼ି ପକାଇଥିବାରୁ ରାସ୍ତାକାମ ଆଗେଇ ପାରୁନଥିବା



ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସଞ୍ଜୀବ କୁମାର ରଥ କହିଛନ୍ତି। ଏନେଇ ବାରମ୍ବାର ବିଭାଗ ପକ୍ଷରୁ ଜଳସେଚନ ବିଭାଗକୁ ଚିଠି କରାଯାଇଛି। କିନ୍ତୁ କେହି କର୍ଣ୍ଣପାତ କରୁନଥିବାରୁ ରାସ୍ତାକାମ ଅଧାରେ ପଡ଼ିରହିଛି। ଏଠି ପ୍ରଶ୍ନ ଉଠୁଛି, ଲୋକଙ୍କୁ ସେବା ଯୋଗାଇଦେବାକୁ ବିଭାଗ କାର୍ଯ୍ୟ କରୁଥିବା ବେଳେ ଏଠି ନିଜ ମୁଣ୍ଡରୁ ଅଠା ଛଡ଼ାଇବାକୁ ଉଦ୍ୟମ ହୋଇଛି। ଫଳରେ ପ୍ରତିଦିନ ଲୋକମାନେ ପାଣିକାଦୁଅରେ ଯିବାଆସିବା କରୁଛନ୍ତି। ସେତିକି ନୁହଁ ପ୍ରତିଦିନ ସ୍କୁଲ,କଲେଜ ଯାଉଥିବା ଛାତ୍ରଛାତ୍ରୀ ବହୁ ଅସୁବିଧାର ଶିକାର ହେଉଛନ୍ତି। ଏମିତିକି ଆମ୍ବୁଲାନ୍ସ ଯିବାଆସିବା କରିବାରେ ବାଧା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ଜଳସେଚନ ଯନ୍ତ୍ରୀ ଦାମୋଦର ପ୍ରଧାନଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଇଚ୍ଛାକୃତ ଭାବେ ଫୋନ୍ ଉଠାଇ ନଥିଲେ।

# ଜିଲ୍ଲା କଂଗ୍ରେସ କମିଟିର ନୂତନ ସଂଯୋଜକଙ୍କୁ ସମ୍ବର୍ଦ୍ଧନା

**ମାହାଙ୍ଗା,୪।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଖଦୋଳ ବାପୁଜୀ ଭବନ ପରିସରରେ ମାହାଙ୍ଗା କଂଗ୍ରେସ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ନେତା ସେକ ମସୁଦ ଅଲ୍ଲୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ମଧୁମିତା ସେଠୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର୍ କାର୍ତ୍ତିକ ଚନ୍ଦ୍ର ବରାଳ, ଆଇନଜୀବୀ ଦୀପକ କୁମାର ମହାନ୍ତି, ଯୁବ ନେତା ସେକ ସଦାମ ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରେ କଂଗ୍ରେସକୁ ମଜଭୁତ କରିବା ସହ ଆସନ୍ତା ଦିନରେ କଂଗ୍ରେସ ଦଳ ହିଁ ଏକ ମାତ୍ର ବିକଳ୍ପ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ଏହି ଅବସରରେ କଟକ ଜିଲ୍ଲା କଂଗ୍ରେସ କମିଟିର ନୂତନ



ସଂଯୋଜକ ପ୍ରଦୀପ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମାନସ ରଞ୍ଜନ ଦାସ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଭାତ କର, ଯୁବ ସଂଗଠକ ସୌକତ ଅଲ୍ଲୀ, କ୍ଷୀରୋଦ ସାହୁ, ସଂଗ୍ରାମ ସାମଲ, ନଳିନୀକାନ୍ତ ନାୟକ, ଦୀପକ ଲେଙ୍କା, ମହେଶ୍ୱର ସ୍ୱାଇଁ, ସୁକାନ୍ତ ନନ୍ଦ, ଦୀପକ ନାୟକ, ସୁଶୀଲ ପଣ୍ଡା, ଗଣେଶ୍ୱର ସ୍ୱାଇଁ, କୈବଲ୍ୟ ମହାନ୍ତି, ସେକ ଜାବୀର, ସେକ କଲ୍ଲିମୁଲ୍ଲା ଆଜାଦ, ଜାହାଙ୍ଗୀର ଖାଁଙ୍କ ସମେତ କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ନୂତନ ସଂଯୋଜକ ଶ୍ରୀ ଦାସଙ୍କୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇଥିଲେ।

# ବୁଲୁଛି ନାଗ, ଲୋକେ ଆତଙ୍କିତ

**କଣ୍ଟିଲୋ,୪।୭/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟ ପାଚେରୀ ପାଖରେ ଭଙ୍ଗାରୁଜା ଅବ୍ୟବହୃତ କାଠ, ବାଉଁଶ, ପଟା, ଲୁହା ପାଇପ୍, ଲୁହା ଛଡ଼ ଅନ୍ୟତ୍ର ନ ନେଇ ଜମା କରି ରଖାଯାଇଥିବାରୁ ସେଠାରେ ବିଷଧର ବଡ଼ ବଡ଼ ନାଗସାପ ଓ ଅନ୍ୟାନ୍ୟ ବିଷଧର ସାପ ବିଚରଣ କରୁଥିବା ଦେଖାଯାଇଛି। ଫଳରେ ସ୍ଥାନୀୟ ଲୋକ, କିଛି ଛାତ୍ରଛାତ୍ରୀ ଓ ପର୍ଯ୍ୟଟକ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ରାତ୍ର ହେଲେ ଲୋକମାନେ ପଦାକୁ ବାହାରିବା ଲାଗି ନିରାପଦ ମଣୁନାହାନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ବିସ୍ତୃତ ତ୍ରିପାଠୀଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ ସେ ବହୁ ଦିନ ପୂର୍ବରୁ ଏହି ସ୍ଥାନ ଖାଲି କରିବା ପାଇଁ ଓବିସିସିର କନିଷ୍ଠ ଯନ୍ତ୍ରୀ ଓ ବଂସଲ୍ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ବର୍ତ୍ତମାନ ସୁଦ୍ଧା ସେହି ସ୍ଥାନରୁ ଆସବାବପତ୍ର ନେଇନାହାନ୍ତି। ଯଥାଶୀଘ୍ର ଜମା ହୋଇଥିବା କାଠ, ବାଉଁଶ, ପାଇପ୍, ଛଡ଼ ଓ ପଟାଗୁଡ଼ିକୁ ସେଠାରୁ ହଟେଇ ବିଷଧର ସାପ କବଳରୁ ଛାତ୍ର, ସର୍ବସାଧାରଣ ଓ ପର୍ଯ୍ୟଟକମାନଙ୍କର ଧନ ଜୀବନ ସୁରକ୍ଷା ପାଇଁ ବୁଦ୍ଧିଜୀବୀମାନେ ଖଣ୍ଡପଡ଼ା ତହସିଲଦାର ଓ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରୁଛନ୍ତି। ଯଦି ଏହା ଶୀଘ୍ର କାର୍ଯ୍ୟକାରୀ ନ ହୁଏ ତେବେ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର, ସ୍ଥାନୀୟ ଯୁବ ଗୋଷ୍ଠୀ ଓ ବୁଦ୍ଧିଜୀବୀମାନେ ବାଧ୍ୟ ହୋଇ ନିଜର ଧନ ଜୀବନ ରକ୍ଷା କରିବା ପାଇଁ ବିକଳ୍ପ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଚୋରି

**ସାଲେପୁର,୪।୭/ଏନ୍‌ଏନ୍‌ଏସ୍:** ବ୍ୟାଙ୍କ ସମ୍ମୁଖରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ବାଇକ୍ ଚୋରି ନେଇ ଅଭିଯୋଗ ହୋଇଛି। ସିସିଟିଭିରେ ଏହି ଚୋରିର ଦୃଶ୍ୟ କଏଦ୍ ହୋଇଛି। ଏଭଳି ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ବ୍ଲକ ଅଧିନ ଜଗତପୁର ଥାନା ପାଗା ଫାଣ୍ଡି ଅଧିନସ୍ଥ ପାଗା ମଧୁବଜାରରେ। ସୂଚନା ମୁତାବକ ଜଗତପୁର ଥାନା ଅନ୍ତର୍ଗତ ପାଗା ଫାଣ୍ଡି ଅଧିନସ୍ଥ ପାଗା ମଧୁବଜାରରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ ଅବସ୍ଥିତ। ବ୍ୟାଙ୍କ ଅଫ ଇଣ୍ଡିଆର ଜଣେ କର୍ମଚାରୀଙ୍କ ଏକ ହିରୋହୋଣ୍ଡା ବାଇକ୍ ବ୍ୟାଙ୍କ ସମ୍ମୁଖରେ ଥୁଆ ହୋଇଥିଲା। ଦୁଇଜଣ ଯୁବକ ଏକ ସ୍କୁଟିରେ ଆସି ପାରିପାର୍ଶ୍ୱିକ ପରିସ୍ଥିତି ପରଖି ବ୍ୟାଙ୍କ ସମ୍ମୁଖରେ ଥୁଆ ହୋଇଥିବା ହିରୋହୋଣ୍ଡା ବାଇକ୍‌ର ତାଲା ଖୋଲି ଆରାମରେ ନେଇ ପଳାଇଥିଲେ। ଏ ନେଇ ଜଗତପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଚଳାଇଛି।



# ସାମ୍ବାଦିକ-ବିତରକ ସଂଘ ଗଠିତ

**ଫୁଲନଖରା,୪।୭/ଏନ୍‌ଏନ୍‌ଏସ୍:** କଟକ ସଦର ସାମ୍ବାଦିକ ଓ ବିତରକ ସଂଘ ନାମରେ ଏକ ନୂତନ ସଂଘ ଗଠିତ ହୋଇଛି। ଏ ନେଇ ଏକ ବୈଠକ ସଦର ଥାନା କୁରାଙ୍ଗଶାସନ ସ୍ଥିତ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ସଭାଗୃହରେ ଶୁକ୍ରବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ଓ ବିତରକମାନେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କୁ ସଭାପତି ଓ ପ୍ରତାପକେଶରୀ ପାତ୍ରଙ୍କୁ ସଂଘ ସମ୍ପାଦକରୂପେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଦାଶ, କାନନବିହାରୀ ନାୟକ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଅଜୟ କୁମାର ପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ରାଜକିଶୋର ବେହେରା, ଗଜେନ୍ଦ୍ରନାଥ ଦାସ, ସତ୍ୟରଞ୍ଜନ ଦାସମହାପାତ୍ର, ବିଭୂତିଭୂଷଣ ତରାଇ, ରାକେଶ ହୋତା, ଆଦିତ୍ୟ ଛୋଟରାୟ ପ୍ରମୁଖ ସାମ୍ବାଦିକଙ୍କ ସମେତ ବରିଷ୍ଠ ବିତରକ ଶରତଚନ୍ଦ୍ର ସାହୁ, ଶିବାନନ୍ଦ ସାହୁ, କାଳନ୍ଦୀ ସାହୁ, କାଶୀନାଥ ସାହୁ, କୃଷ୍ଣଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ସାଗରକୁମାର ସାହୁ, ଲକ୍ଷ୍ମୀଧର ସାହୁ, କ୍ଷୀରୋଦ



ସାହୁ, ଚିନ୍ମୟ ନାୟକ, ବିଶ୍ୱନାଥ ସାହୁ, ଚକ୍ରଧର ସାହୁ, ଦୁଃଶାସନ ସାହୁ, ସଂଗ୍ରାମ ସାହୁ ପ୍ରମୁଖ ବିତରକମାନେ ଉପସ୍ଥିତ ଥିଲେ। ପରସ୍ପର ମଧ୍ୟରେ ସୁସମ୍ପର୍କ ରକ୍ଷା ସହିତ ବିତରକମାନଙ୍କ ଦୁର୍ଦ୍ଦିନରେ ସଂଘ ସହାୟତାର ହାତ ବଢ଼ାଇବାକୁ ବୈଠକରେ ସହମତ ପ୍ରକାଶ ପାଇଥିଲା। ଏତଦ୍‌ସହିତ କାର୍ଯ୍ୟକ୍ଷେତ୍ରରେ ବିତରକଙ୍କୁ ବୀମାଭୁକ୍ତ କରିବା ଓ ସେମାନଙ୍କ ପାଇଁ ସରକାରୀ ପେନସନ ପ୍ରଦାନର ବ୍ୟବସ୍ଥା କରିବାକୁ ବିଧିବଦ୍ଧଭାବେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଆଗାମୀ ଦିନରେ ନବ ଗଠିତ ସଂଘର ଏକ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହେବ ଏବଂ ସେଥିରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ସମ୍ପାଦକ ସୂଚନା ଦେଇଥିଲେ। ଶେଷରେ ସଭାପତି ଉପସ୍ଥିତ ସମସ୍ତ ସାମ୍ବାଦିକ ଓ ବିତରକଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନିଃଶୁଳ୍କ ବିଦ୍ୟୁତ୍ ସୂର୍ଯ୍ୟଘର ଯୋଜନା ସମ୍ପର୍କିତ କର୍ମଶାଳା

**ନିଶ୍ଚିନ୍ତକୋଇଲି,୪।୭/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏଡେଷ୍ଟ୍ ଓ ଟିପିସିଓଡିଏଲ୍‌ର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ବିଦ୍ୟୁତ ସୂର୍ଯ୍ୟଘର ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ସୂର୍ଯ୍ୟଘର' ପ୍ରୟାସ ତଥା ପିଏମ୍‌ଏସ୍‌ଜିଏମ୍‌ୱାଇ ଯୋଜନାର ବିବରଣୀ ପ୍ରଦାନ ପୂର୍ବକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ସବ୍‌ସିଡି ଯୋଜନାକୁ ଜନସାଧାରଣ ସୁବିଧାରେ ଗ୍ରହଣ କରିବାକୁ ଉକ୍ତ କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମର ବ୍ଲକ ସଂଯୋଜକ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ



କର୍ମଶାଳାକୁ ସରପଞ୍ଚ ପ୍ରଗତୀପ୍ରଭା ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦେବବ୍ରତ ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲ୍ଲା ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟା ଭାରତୀ ରାଉତ, ନାଏବ ସରପଞ୍ଚ ଫଗୁଣ କୁମାର ସାହୁ ପ୍ରମୁଖ ଯୋଗଦାନ କରି ରୁଫଟପ୍ ସୋଲାର ସ୍ଥାପନରେ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା ଦ୍ୱାରା ଶକ୍ତି ସଂଚୟ ସହ ଆର୍ଥିକ ଉନ୍ନତି ଏବଂ ପରିବେଶର ସୁସ୍ଥତା ବଜାୟ ରହିବ ବୋଲି ମତ ଦେଇଥିଲେ। ବିଶିଷ୍ଟ ମହିଳା ସଂଗଠିକା କନକଲତା ଭୂୟାଁଙ୍କ ସଂଯୋଜନାରେ ୱାର୍ଡ ସଭ୍ୟା ସାବିତ୍ରୀ ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ବିକ୍ରମ ଦାସ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ଗ୍ରାମବାସୀ ସକ୍ରିୟ ଉପସ୍ଥିତ ଥିଲେ।

# ନିମ୍ନମାନର ରାସ୍ତାର ସରିଲା ସରଜମିନ୍ ତଦନ୍ତ

**କଣ୍ଟିଲୋ,୪।୭/ଏନ୍‌ଏନ୍‌ଏସ୍:** ଶ୍ରୀନୀଳମାଧବଙ୍କ ପଶ୍ଚିମ ଦ୍ୱାର ପାବଛଠାରୁ ଚୌରାସିଂ ପର୍ଯ୍ୟନ୍ତ ଲମ୍ବିଥିବା ମାଳବନ୍ଧର ସିମେଣ୍ଟ କଂକ୍ରିଟ ରାସ୍ତା ଓ ଫୁଟପାଥ ରାସ୍ତା କାର୍ଯ୍ୟର ସରଜମିନ୍ ତଦନ୍ତ ହୋଇଛି। ଗୁରୁବାର ନୟାଗଡ଼ ଜିଲ୍ଲା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ବୈକୁଣ୍ଠ ଦଳେଇ, କଣ୍ଟିଲୋ ସହକାରୀ ଯନ୍ତ୍ରୀ ଇଞ୍ଜିନିୟର ରାମ ମୋହନ ବେହେରା ଓ ତୃପ୍ତିମୟି ନାୟକ ପ୍ରମୁଖ ପରିଦର୍ଶନରେ ଆସି ସରଜମିନ ତଦନ୍ତ କରିଥିବା ସୂଚନା ମିଳିଛି।

ପ୍ରକାଶ ଯେ ଗତ ମାର୍ଚ୍ଚ ୨୪ରେ ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ତରବରିଆ ଭାବେ ଏହି ଦୁଇ ରାସ୍ତାର ମରାମତି ହୋଇଥିଲା। ଉକ୍ତ ଦୁଇ ରାସ୍ତା ଏତେ ନିମ୍ନମାନର ହୋଇଥିଲା ଯେ ମାତ୍ର ୪ ମାସ ମଧ୍ୟରେ ଏହାର ବିଭିନ୍ନ ଫାଟିବା



ସହ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଫୁଟପାଥରେ ଲାଗିଥିବା ଟାହିଲି ପ୍ଲେଟ୍‌ଗୁଡ଼ିକ ବାହାରି ପଡ଼ିଥିଲା। ଏ ସମ୍ପର୍କରେ ଗତ ଜୁନ ୨୭ ତାରିଖରେ ଦୈନିକ ଓଡ଼ିଆ ଖବରକାଗଜ 'ନିତିଦିନ'ରେ ଖବର ପ୍ରସାରଣ ହୋଇଥିଲା। ଏହାର ସରଜମିନ୍ ତଦନ୍ତ ଗତକାଲି ଗୁରୁବାର ଶେଷ ହୋଇଛି। ନିତିଦିନରେ ପ୍ରସାରିତ ଖବରକୁ ଗୁରୁତ୍ୱ ଦେଇ ବାସ୍ତବ କ୍ଷେତ୍ରରେ କ'ଣ ହୋଇଛି ତାହାର ତଦନ୍ତ ଓ ସମୀକ୍ଷା କରାଯାଇଛି। ମାଳବନ୍ଧରୁ ନଦୀ ପାର୍ଶ୍ୱକୁ ହୋଇଥିବା ରାସ୍ତାରେ ପଥର ପ୍ୟାଚିଂ ଦବି ଯାଇଥିବାରୁ ରାସ୍ତା ଫାଟିଥିବା ତଦନ୍ତକାରୀ ଅଧିକାରୀ ସ୍ୱୀକାର କରିଛନ୍ତି। ଖୁବ୍ ଶୀଘ୍ର ବର୍ଷା ଓ ନଦୀ ବଢ଼ି ଆସିବା ପୂର୍ବରୁ ଏହାର ମରାମତି କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ଯନ୍ତ୍ରୀମାନଙ୍କଠାରୁ ସୂଚନା ମିଳିଛି।

# ଆଦର୍ଶ ଶିକ୍ଷକ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ମୃତିଚାରଣ ସଭା

**କୁଆଁପାଳ,୪।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଝାଡ଼େଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ତଥା ଭେଡା - ସାଲେପୁର ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆତ୍ମାରାମ ଜଟାଧାରୀ ଆଶ୍ରମ ପରିସରରେ ଥିବା ମଣ୍ଡପଠାରେ ଗୀତିକାର ବିଶ୍ୱେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉକ୍ତ ସଭାରେ ସ୍ୱର୍ଗତ ସ୍ୱାଇଁଙ୍କ ସହକର୍ମୀ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ଓ ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ କହିଥିଲେ ଯେ ସ୍ୱର୍ଗତ ସ୍ୱାଇଁ ହିନ୍ଦୀ ଶିକ୍ଷକ ହେଲେ ମଧ୍ୟ ଗଣିତ ବିଷୟରେ ସେ ଜଣେ ନିପୁଣ ଶିକ୍ଷକ ଥିଲେ। ସେ ଜଣେ ସରଳ, ନମ୍ର ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି କହି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ନାଟ୍ୟକାର ଅଭୟ ଦାସ, ପରିବେଶବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ, ଯୁବ ସଂଗଠକ ଅକ୍ଷୟ ସାମଲ, କବି ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକ ସ୍ୱର୍ଗତ ସ୍ୱାଇଁଙ୍କ ବିଭିନ୍ନ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ପବିତ୍ରମୋହନ ପ୍ରଧାନ, ସୁବଳି



ଚରଣ ସାହୁ, ରାୟଗୁରୁ ସନ୍ତୋଷ କୁମାର ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ବାରିକ, ଚୌଧୁରୀ ଶଶିଭୂଷଣ ପ୍ରହରାଜ, ଜ୍ୟୋତିରଞ୍ଜନ ମହାନ୍ତି, ଭାଗବତ ବେହେରା, ପ୍ରସନ୍ନ କୁମାର ସାହୁ, ସ୍ଥାନୀୟ ଅଞ୍ଚଳର ଅରୁଣ ଲେଙ୍କା, ଦିଲ୍ଲୀପ ସିଂହ, ଆଇନଜୀବୀ ବିକ୍ରମ ସିଂହ ଓ ପର୍ଶୁରାମ ଓଝା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ଆଶ୍ରମର ମୁଖ୍ୟ ପରିଚାଳକ ଅଶୋକ ସାମଲ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱର୍ଗତ ସ୍ୱାଇଁଙ୍କ ଏକମାତ୍ର ପୁତ୍ର ପ୍ରଫୁଲ୍ଲ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଶିଶୁ ନୃତ୍ୟଶିଳ୍ପୀ ଆରାଧ୍ୟା ପାତ୍ର ସମ୍ବର୍ଦ୍ଧିତ

**ଫୁଲନଖରା,୪।୭/ଏନ୍‌ଏନ୍‌ଏସ୍:** ଫୁଲନଖରା ବ୍ରାହ୍ମଣଝରିଲୋ ଉପକଣ୍ଠ ସାଂସ୍କୃତିକ ସଂଗଠନ ଆରାଧ୍ୟା କଲଚରାଲ ଏକାଡ଼େମୀର ଶିଶୁ ନୃତ୍ୟଶିଳ୍ପୀ ଆରାଧ୍ୟା ପାତ୍ରଙ୍କୁ ଉଲ୍ଲେଖନୀୟ ସଫଳତା ନେଇ କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ଓ ଶିଶୁ ପତ୍ରିକା କୁନି ପ୍ରତିଭା ପକ୍ଷରୁ ମେଧା ପ୍ରତିଭା ସମ୍ମାନ - ୨୦୨୫ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଆରାଧ୍ୟା ଗଙ୍ଗେଶ୍ୱରଗଡ଼ ନିବାସୀ ବିଶିଷ୍ଟ ସମାଜସେବୀ ଅଜୟ କୁମାର ପାତ୍ର ଓ ନିର୍ମଳାବାଳା ପାତ୍ରଙ୍କ ସୁକନ୍ୟା ଅଟନ୍ତି ଏବଂ ଅଧୁନା ସେ ସୁଧାନନ୍ଦ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ। ଏହି ଅବସରରେ କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ଓ ଶିଶୁ



ପତ୍ରିକା କୁନି ପ୍ରତିଭା ପରିବାର ପକ୍ଷରୁ ମେଧା ପ୍ରତିଭା ଆରାଧ୍ୟାଙ୍କ ଉତ୍ତରୋତ୍ତର କାମନା କରାଯାଇଛି।

ନିତି ଭାରତୀ


ମୁଁ ସବୁରି ଉର୍ଦ୍ଧ୍ୱରେ ସର୍ବନିୟନ୍ତା ଭଗବାନ ରହିଥିବାରେ ବିଶ୍ୱାସ କରେ। ତେଣୁ ମୁଁ ସବୁବେଳେ କେବଳ ବେଦରେ ଥିବା ତାଙ୍କର ପ୍ରକୃତ ବାଣୀକୁ ପ୍ରଚାର କରିଥାଏ। - ମହର୍ଷି ଦୟାନନ୍ଦ ସରସ୍ୱତୀ

ନିତିଦିନ NITIDIN

ଶନିବାର, ୫ ଜୁଲାଇ, ୨୦୨୫

# ଚକ୍ରରାଜ ସୁଦର୍ଶନଙ୍କ ଅନ୍ୟ ରୂପ ନୀଳଚକ୍ର

ଏକଦା ନିଜର ଅତ୍ୟଧିକ ତେଜୋପୁଞ୍ଜରେ ବ୍ୟତିବ୍ୟସ୍ତ ହୋଇ ଆଦିତ୍ୟ ନାରାୟଣ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବ ପ୍ରଭୁ ବିଷ୍ଣୁଙ୍କୁ ତାଙ୍କର ତେଜକୁ ଜଗତର କଲ୍ୟାଣ ପାଇଁ କିଛିଟା ହ୍ରାସ କରିବାକୁ ନିବେଦନ କଲେ। କାହିଁକି ନା ସୂର୍ଯ୍ୟଦେବଙ୍କର ସବୁତକ କିରଣ ବା ଆଭା ପୃଥିବୀ ଉପରେ ପଡ଼ିଲେ ସାରା ସଂସାର ନଷ୍ଟ ହୋଇଯାଇ ଥାଆନ୍ତା। ତଦନୁଯାୟୀ ପ୍ରଭୁ ଶ୍ରୀବିଷ୍ଣୁ, ମାତ୍ରାଧିକ ତେଜପୁଞ୍ଜକୁ ସୂର୍ଯ୍ୟଦେବଙ୍କଠାରୁ ଫେରାଇ ଆଣି ତିନି ଭାଗରେ ବିଭକ୍ତ କରିଦେଲେ: ୧ମ ଭାଗ- ସୁଦର୍ଶନ ଚକ୍ର, ୨ୟ ଭାଗ- ତ୍ରିଶୂଳ ଓ ୩ୟ ଭାଗ ଦେଲା-ବଜ୍ର ବା ବିଜୁଳି ବା ଘଡ଼ଘଡ଼ି। ସୁଦର୍ଶନ ଚକ୍ରକୁ ଶ୍ରୀବିଷ୍ଣୁ ନିଜ ପାଖରେ ରଖିଲେ ଏବଂ ତାହାକୁ ହାତରେ କାଣି ଆଙ୍ଗୁଠିରେ ଧାରଣ କଲେ। ତ୍ରିଶୂଳ ପ୍ରଭୁ ଦେବ ଦେବ ମହାଦେବଙ୍କ ଆୟୁଧ ହେଲା ଓ ବଜ୍ର ଦେବରାଜ ଇନ୍ଦ୍ରଙ୍କ ଅସ୍ତ୍ର ହୋଇ ରହିଲା। ସତ୍ୟ, ତ୍ରେତୟା ଓ



ଜୟନ୍ତ ପଟ୍ଟନାୟକ

ଦ୍ୱାପର ଯୁଗରେ ସୁଦର୍ଶନ ଶ୍ରୀବିଷ୍ଣୁଙ୍କର ବିଭିନ୍ନ ଅବତାରରେ ତାଙ୍କର ଡାହାଣ ହାତରେ ରହିଲା, ମାତ୍ର କଳି ଯୁଗରେ ପ୍ରଭୁ ଅଧାଗଢ଼ା, ଅଧା ଖଣ୍ଡିଆ, ଏଡ଼େ ଏଡ଼େ ବିଶାଳ ଚକାନୟନ, କଳାବଦନ, ଅଧା ହାତର ବଳିଆର ଭୁଜରେ ଜଗତକୁ ମୋହିଲେ; ହେଲେ ଜଗତର ନାଥ- ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁ ମେ, ଭବତୁମେ, ଭବତୁମେ, ଯେଉଁଥିପାଇଁ ଗୋସ୍ୱାମୀ ତୁଳସୀ ଦାସ ଲେଖିଲେ, 'ବିନୁ ପାଦ ଚଲଇ, ସୁନଇ ବିନୁ କାନା/ କର ବିନୁ କରଇ କରମ ବିଧି ନାନା/ ଆନନ ରହିତ ସକଲ ରସ ଭୋଗି,/ ବିନୁ ବାନି ବକତା ବଡ଼ ଯୋଗୀ।' ପୁଣି ସଂସ୍କୃତ ପଣ୍ଡିତ ଭର୍ତ୍ତୃହରି ଲେଖିଲେ, 'ଅପାଣି ପାଦୋ ଜବନ ଗ୍ରହୀତା/ ପଶ୍ୟତି ଚକ୍ଷୁ ସ୍ମାସୋତି କର୍ଣ୍ଣମ୍/ ସା ଭେତି ବେଦ୍ୟମ୍ ନାକା ତସ୍ୟ ଭେତି/ ତାମ୍ ଅହୁର ଅଗ୍ର୍ୟମ୍ ପୁରୁଷମ୍ ପୁରାଣମ୍।' ଅର୍ଥାତ୍, ତାଙ୍କର ପାଦ ନାହିଁ, ସେ ସଂସାର ବୁଲି ପାରନ୍ତି; ତାଙ୍କର ହାତ ନାହିଁ ସତ, କିନ୍ତୁ ଦୁନିଆରେ ଏମିତି କିଛି କାମ ନାହିଁ, ଯାହା ସିଏ କରି ନ ପାରନ୍ତି; ତାଙ୍କର କାନ ନାହିଁ, ସିଏ ସବୁ ଶୁଣି ପାରନ୍ତି; ତାଙ୍କର ପାଟି ନାହିଁ, ମାତ୍ର ସିଏ ସବୁ ସ୍ୱାଦ ବାରି ପାରନ୍ତି। ଏମିତି ଯୋଉ ଅଧାଗଢ଼ା ଖଣ୍ଡିଆ ଦିଅଁ, ସିଏ କୋଟି ଓଡ଼ିଆର ମଉଡ଼ମଣି, କୋଟି କୈବଲ୍ୟନାଥ ନୀଳାଚଳିଆ, କଳା ସାଆନ୍ତ ଜଗନ୍ନାଥ।

ଦୁନିଆକୁ ଦେଖାଇବାକୁ ସାଆନ୍ତେ ଆଉ ସୁଦର୍ଶନଙ୍କୁ ହାତରେ ଧରି ନାହାନ୍ତି। ବାମ ପାର୍ଶ୍ୱରେ ସ୍ତମ୍ଭାକୃତିରେ ରହିଛନ୍ତି ଚକ୍ରରାଜ ସୁଦର୍ଶନ ନାମରେ। ସୁଦର୍ଶନ ସ୍ତମ୍ଭାକାର ହେବାର ମଧ୍ୟ ଏକ କାହାଣୀ ରହିଛି। ଆସନ୍ତୁ ସେକଥା ଜାଣିବା। ସବୁବେଳେ ପ୍ରଭୁଙ୍କର ଶ୍ରୀଅଙ୍ଗ ଲାଗି ହୋଇ ଡାହାଣ ହାତରେ ରହିବାରୁ ସୁଦର୍ଶନଙ୍କର ମଧ୍ୟ ଅହମିକା ବଢ଼ିଗଲା। ତା'ପରେ ପ୍ରଭୁଙ୍କ ଆଜ୍ଞାରେ ସବୁ ବିଚିତ୍ର କାମ ମଧ୍ୟ କରି ପାରିଲେ, ଅସାଧ୍ୟ ସାଧନ କରି ପାରିଲେ। ତେଣୁ ଅହଙ୍କାର ବଢ଼ିଯିବା ସ୍ୱାଭାବିକ। ପୁଣି କଳି ଯୁଗରେ ଯେତେବେଳେ ପ୍ରଭୁ ସୁଦର୍ଶନଙ୍କୁ ଧାରଣ ନ କରି ବାମ ପାର୍ଶ୍ୱରେ ବିଜେ କରାଇଲେ ଗର୍ବ ସୁଦର୍ଶନଙ୍କର। ଭାବିଲେ, ସବୁ ତ ମୁଁ କରୁଥିଲି, ପ୍ରଭୁ ତ କିଛି କରୁ ନଥିଲେ, ଖାଲି ଆଜ୍ଞା ଦେଉଥିଲେ। ଏବେ ତ ମତେ ଧରି ବି ପାରୁ ନାହାନ୍ତି! ଏବେ କ'ଣ କରିବେ! ଯାହା କରିବି ମୁଁ। ଏଇଭଳି ଭାବେ ସୁଦର୍ଶନଙ୍କର ଗର୍ବ/ ଅହଙ୍କାର ବଢ଼ିଗଲା। ପ୍ରଭୁ ନାରାୟଣ ମା'ଲକ୍ଷ୍ମୀଙ୍କ ଗର୍ବ ସହି ପାରନ୍ତି, ଇଏ ତ ସୁଦର୍ଶନ! ଗର୍ବ ଗଞ୍ଜନ ସକାଶେ ପ୍ରଭୁ ଦିନେ ସୁଦର୍ଶନଙ୍କୁ ଭକ୍ତଶ୍ରେଷ୍ଠ ହନୁମାନଙ୍କୁ ଡାକିବା ପାଇଁ ପଠାଇଲେ।

ହନୁମାନଜୀ ସେତେବେଳେ ଅନେକ ଦୂରରେ ଏକ କଦଳୀ ବନ ନିକଟରେ ବିଶ୍ରାମ କରୁଥିଲେ। ସୁଦର୍ଶନ ସେଠାରେ ପହଞ୍ଚିଲେ। ନିଜ ପ୍ରକୃତିକୁ ବାଗରେ ଥିବା କଦଳୀ ପତ୍ର ସବୁ କାଟି କାଟି ଯାଉଥିଲେ। ହନୁମାନଙ୍କୁ ପ୍ରଭୁଙ୍କ ବାର୍ତ୍ତା ଦେଲେ। ହନୁମାନ କହିଲେ, ତୁମେ ଯାଅ, ମୁଁ ପରେ ପହଞ୍ଚୁଛି। ବୃଦ୍ଧ ହୋଇଯିବାରୁ ଆଉ ବଳ ନାହିଁ ତ, ଧୀରେ ଧୀରେ ଯିବି। ତଥାପି ସୁଦର୍ଶନ ବହୁତ ବେଗରେ ଆସି ବିଷ୍ଣୁପୁରରେ ପହଞ୍ଚି ଦେଖନ୍ତି ତ ହନୁମାନ ପୂର୍ବରୁ ଆସି ଯାଇଛନ୍ତି। ସୁଦର୍ଶନ ବଡ଼ ଲଜ୍ଜାବୋଧ କଲେ। ହନୁମାନ କହିଲେ ମୋର ସିନା ବଳ ନାହିଁ, ପିତା ବାୟୁଦେବ ମତେ ଆଣି ଛାଡ଼ିଦେଲେ। ଦେବତାମାନଙ୍କର ବୟସ ବଢ଼େ ନାହିଁ ନା। ତଥାପି ଅହଙ୍କାରୀର ସୁଦର୍ଶନ ଶେଷ ଚେଷ୍ଟା କଲେ। ବିଷ୍ଣୁପୁରୀର ଚାରି ଦ୍ୱାରରେ ଚାରୋଟି ଚକ୍ର ହୋଇ ଜଗି ରହିଲେ ଯେମିତି ହନୁମାନ ଭିତରକୁ ଯାଇ ପାରିବେନି। ଏସବୁ ଦେଖି ହନୁମାନ ଉତ୍ତେଜିତ ହୋଇ ଉଠିଲେ। ପ୍ରଭୁଙ୍କ ଦର୍ଶନରେ ବାଧା ସିଏ ସହି ପାରିଲେ ନାହିଁ। ଚାରୋଟିଯାକ ସୁଦର୍ଶନଙ୍କୁ ଗିଳିଦେଇ ଭିତରକୁ ଗଲେ। ପ୍ରଭୁ ଯେତେବେଳେ ସୁଦର୍ଶନ କୁଆଡ଼େ ଗଲେ ପଚାରିଲେ ହନୁମାନ ଚାରୋଟିଯାକ ସୁଦର୍ଶନଙ୍କୁ ପାଟିରୁ କାଢ଼ିଦେଲେ, ଯାହା ସ୍ତମ୍ଭାକୃତି ହୋଇ ଥିଲେ। ସେଇ ଦିନଠୁ ସୁଦର୍ଶନ ସ୍ତମ୍ଭାକୃତି ହୋଇ ରହିଗଲେ ପ୍ରଭୁଙ୍କ ବାମ ପାର୍ଶ୍ୱରେ, ଯଦିଓ ଚତୁର୍ଦ୍ଧା ମୂର୍ତ୍ତି ଭାବରେ ପୂଜା ପାଇଲେ।

ଏହିଭଳି ଭାବେ ସୁଦର୍ଶନଙ୍କର ଗର୍ବ ଗଞ୍ଜନ ହେଲା। ପୁଣି ହନୁମାନ ଏକା ଥରକେ ଆଠ ହାତ ହୋଇ ଚାରୋଟିଯାକ ସୁଦର୍ଶନଙ୍କୁ ଗିଳିଥିବାରୁ ଉତ୍ତର ଦ୍ୱାରରେ ଅଷ୍ଟହସ୍ତ ହନୁମାନ ଭାବେ ପୂଜା ପାଇଲେ। କେବଳ ସେତିକି ନୁହେଁ, ସେଇ ଉତ୍ତର ଦ୍ୱାର ନିକଟରେ ଚକ୍ରନାରାୟଣ ଭାବେ ଏକ କ୍ଷୁଦ୍ର ମନ୍ଦିରରେ ପୂଜା ପାଇଲେ ସୁଦର୍ଶନ। ତଥାପି ପ୍ରଭୁଙ୍କ ପାଖରେ ଦ୍ରୋହ କରିଥିବାରୁ ହୀନମନ୍ୟତା ସୁଦର୍ଶନଙ୍କଠାରୁ ଦୂର ହେଲା ନାହିଁ। ସିଏ ପ୍ରଭୁଙ୍କ କୃପା ନିମନ୍ତେ ଆକୁଳ ନିବେଦନ କଲେ। ପ୍ରଭୁ ଜଗନ୍ନାଥ ସୁଦର୍ଶନଙ୍କୁ ଅତି ଉଚ୍ଚ ଆସନ ଦେଇ ଶ୍ରୀମନ୍ଦିର ଚୂଡ଼ା/ ଶୀର୍ଷରେ ନୀଳଚକ୍ର ଭାବରେ ପୂଜା ପାଇବାର ଆଦେଶ ଦେଲେ। ଭକ୍ତକୁ ନିଜ ମୁଣ୍ଡ ଉପରେ ମଧ୍ୟ ବସାଇବାର ଉଦାହରଣ ଆଉ କୋଉଠି ଅଛି ଭଲା! ଇଏ ପରା ସେଇ ପ୍ରଭୁ, ଯିଏ ଭକ୍ତର ଡାକ ଶୁଣିବାରେ ବିଳମ୍ବ ହେବାରୁ ଶ୍ରୀବତ୍ସ ନାମକ ବ୍ରାହ୍ମଣ ବିରକ୍ତ ହୋଇ ପ୍ରଭୁ ଶୋଇଥିବା (ବିଗ୍ରହ) ଅବସ୍ଥାରେ ଏକ ଶକ୍ତ ଗୋଇଠା ମାରିଥିଲେ। ପ୍ରଭୁ ହଠାତ୍ ନିଦରୁ ଉଠି ଶ୍ରୀବତ୍ସ ବ୍ରାହ୍ମଣର ପାଦକୁ ଆଉଁସି ଦେଇଥିଲେ, ପଥର ଭଳି ଛାତିକୁ ଗୋଇଠା ମାରିବାରେ କୋମଳ ପାଦକୁ କଷ୍ଟ ହୋଇଥିବ ବୋଲି। ସେଇ ଦିନଠୁ ପ୍ରଭୁ ବକ୍ଷରେ ଧାରଣ କରିଛନ୍ତି ଶ୍ରୀବତ୍ସ ଲାଞ୍ଛନ ପଦକ। ଏମିତି ପ୍ରଭୁ ଆଉ ମିଳିବେ କୋଉଠି! ପ୍ରଭୁ ସ୍ୱୟଂ କହିଛନ୍ତି, 'ମଦ୍‌ଭକ୍ତା ପୂଜ୍ୟାଭ୍ୟଧିକା।' ଏବେ ଆସନ୍ତୁ ଜାଣିବା ସେଇ ନୀଳଚକ୍ରଙ୍କ ବିଷୟରେ, ଯାହାଙ୍କୁ ଦୂରରୁ ଦେଖିଦେଲେ ମୁଣ୍ଡ ଛାଏଁ ନଇଁଯାଏ ଶ୍ରୀମନ୍ଦିରରେ, କଳା ବଦନଙ୍କ ଆଗରେ।

ଶ୍ରୀମନ୍ଦିରର ଚୂଡ଼ାରେ ଅଁଳାବେଢ଼ା ଉପରେ ସ୍ଥାପିତ ନୀଳଚକ୍ର ଦୂରରୁ ଦୁଇ ଫୁଟ ଖଣ୍ଡେ ହେବ ବୋଲି ଜଣାଯାଏ। ମାତ୍ର ତାହା ପ୍ରକୃତରେ ପ୍ରକାଣ୍ଡକାୟ ଆକୃତିର। ନନ୍ଦିଘୋଷ ରଥ ଚକ ବା କୋଣାର୍କ ଚକଠାରୁ ମଧ୍ୟ ବିଶାଳ ଏ ଶ୍ରୀମନ୍ଦିରର ନୀଳଚକ୍ର। ନୀଳଚକ୍ରର ମୋଟ ଓଜନ ୧୫୦ କି.ଗ୍ରା. ବା ଦେଢ଼ କୁଇଣ୍ଟାଲ। ନୀଳଚକ୍ରର ଅଂଶମାନେ ହେଲେ ନାଭି, ଅର ଓ କର୍ଣ୍ଣିକା। ନୀଳଚକ୍ର ଓ ଶୀର୍ଷରେ ଥିବା ପାନପତ୍ର (କର୍ଣ୍ଣିକା)କୁ ମିଶାଇଲେ ଏହାର ଉଚ୍ଚତା ୧୩ ଫୁଟ, ବ୍ୟାସ ୭ ଫୁଟ ୬ଇଞ୍ଚ, ଫଳକର ଦୈର୍ଘ୍ୟ ୨ ଇଞ୍ଚ, ବାହ୍ୟ ପରିଧି ୩୨ ଫୁଟ, ଅନ୍ତଃପରିଧି ୨୬ ଫୁଟ, ପରିଧିର ପ୍ରସ୍ଥ ଦେଢ଼ ଫୁଟ। ମଧ୍ୟଭାଗରେ ଥିବା ବୃତ୍ତାକାର କ୍ଷେତ୍ରର ବ୍ୟାସ ୨ ଫୁଟ ଅଢ଼େଇ ଇଞ୍ଚ। ଏଥିରେ ୮ଗୋଟି ଅର ଅଛି। ପ୍ରତ୍ୟେକ ଅରର ଦୈର୍ଘ୍ୟ ୧ ଫୁଟ ଦଶ ଇଞ୍ଚ। ଏହି ଅରଗୁଡ଼ିକର ପାର୍ଶ୍ୱଭାଗରେ ଏକଠାରୁ ଆଠ ପର୍ଯ୍ୟନ୍ତ କ୍ରମିକ ସଂଖ୍ୟା ପ୍ରଦତ୍ତ ହୋଇଛି। ଅଷ୍ଟଧାତୁରେ ନିର୍ମିତ ଏହି ଚକ୍ରର ଅର୍ଦ୍ଧେକ ଲୁହା ଓ ବାକି ଅର୍ଦ୍ଧେକ ତମ୍ବା, ସୁନା, ରୂପା, ରଙ୍ଗା, ଦସ୍ତା, ନିକେଲ ଓ ସୀସା ଧାତୁରୁ। ବଜ୍ରସଦୃଶ ପଦ୍ଧତି ଦ୍ୱାରା ଫଳରେ କଳଙ୍କ ଲାଗି ହୋଇ ସେଥିରେ ମଧ୍ୟଭାଗରେ ଅଲଗାଭାବେ ପହିଲ ପୃଷ୍ଠଭାଗରେ କ୍ଷୁଦ୍ର ସାହାଯ୍ୟରେ ଦୃଢ଼ୀଭୂତ କରାଯାଇଛି। ସେହିପରି ପହିଲ ଦୁଇ ପାର୍ଶ୍ୱର ବାହାରେ ମକର ମୁଖ ସଦୃଶ ଆଠ ଗୋଟି କଳାମୁଖ ଶିଖା ନୀଳଚକ୍ରର ଶୋଭା ବର୍ଦ୍ଧନ କରିଥାଏ। ଶ୍ରୀନୀଳଚକ୍ରଙ୍କ ଦିନର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବର୍ଣ୍ଣ ଧାରଣ କରିଥାନ୍ତି। ସୂର୍ଯ୍ୟୋଦୟ କାଳରେ ଏହା ଶ୍ୱେତବର୍ଣ୍ଣ ଧାରଣ କରିଥିବା ବେଳେ ଦିନ ବଢ଼ିବା ସଙ୍ଗେ ସଙ୍ଗେ ଏହା କ୍ରମଶଃ ଗାଢ଼ ନୀଳ ବର୍ଣ୍ଣ ଧାରଣ କରିଥାନ୍ତି। ସୂର୍ଯ୍ୟାସ୍ତ କାଳରେ ଏହାର ନୀଳ ବର୍ଣ୍ଣ ସହିତ ଲୋହିତ ରଙ୍ଗ ମିଶି ଏକ ଅପୂର୍ବ ଶୋଭା ସୃଷ୍ଟି କରିଥାଏ। ନୀଳଚକ୍ର ଅନନ୍ତ ତତ୍ତ୍ୱର ପ୍ରତୀକ। ଏହା ଏପରି ଭାବରେ ଅବସ୍ଥାପିତ ଯେ ଆପଣ ଯେଉଁପଟୁ ଦେଖିଲେ ଏହା ଆପଣଙ୍କୁ ଦେଖୁଥିବା ଭଳି ପ୍ରତୀୟମାନ ହୁଏ। ସଂସାରରେ କାଳଚକ୍ରର ଗତି ସହିତ ଶ୍ରୀନୀଳଚକ୍ରଙ୍କ ଅବୟବ ତୁଳନୀୟ। ଶ୍ରୀନୀଳଚକ୍ର ଶ୍ରୀମନ୍ଦିର ଚୂଡ଼ାରେ ସ୍ଥାପିତ ହେବାର ବୈଜ୍ଞାନିକ କାରଣ ହେଉଛି, ବଜ୍ରପାତକୁ ପ୍ରତିରୋଧ କରିବା। ଏହା ସହିତ ସଂଯୁକ୍ତ ଗୋଟିଏ ୨୫୦ ଫୁଟ ଲମ୍ବ ଓ ୪.୫ ଇଞ୍ଚ ପ୍ରସ୍ଥର ଏକ ତମ୍ବା ପାତ। ଶ୍ରୀମନ୍ଦିରର ଦକ୍ଷିଣ ପଟେ ମା' ବିମଳାଙ୍କ ମନ୍ଦିର ପାର୍ଶ୍ୱରେ ଥିବା କୂଅରେ ଯାଇ ଏହା ପଡ଼ିଛି ଏବଂ ତା' ଯୋଗୁଁ ଶ୍ରୀମନ୍ଦିର ବଜ୍ରାଘାତରୁ ରକ୍ଷା ପାଉଛି। ତମ୍ବା ଧାତୁ ସହ ସମୁଦ୍ର ପବନର ରାସାୟନିକ ପ୍ରକ୍ରିୟାର ଫଳ ସ୍ୱରୂପ ଏହି ଚକ୍ରର ରଙ୍ଗ ନୀଳ ଦେଖାଯାଏ। ନୀଳାଦ୍ରିର ନୀଳ ସୁନ୍ଦର ପର୍ବତର ନୀଳ କନ୍ଦରରେ ନୀଳାଚଳ ନାଥ, ନୀଳକାନ୍ତ ମଣି ସୁଶୋଭିତ ନୀଳାଦ୍ରିଶ, ନୀଳମଣି ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ଶୀର୍ଷରେ ଥିବାରୁ ଏହାର ନାମ ଶ୍ରୀନୀଳଚକ୍ର। ଇତିହାସ କୁହେ, ୧୬୯୪ ମସିହା ଅକ୍ଟୋବର ୬ ତାରିଖରେ ଓଡ଼ିଶାରେ ହୋଇଥିବା ଏକ ଭୟଙ୍କର ଝଡ଼ ତୋଫାନରେ ଶ୍ରୀମନ୍ଦିରର ନୀଳଚକ୍ର ଭାଙ୍ଗିପଡ଼ି ଭଣ୍ଡ ଗଣେଶଙ୍କ ସମ୍ମୁଖରେ ପଡ଼ି ଯାଇଥିଲା। ପ୍ରାୟ ୨୦ ବର୍ଷ କାଳ ଶ୍ରୀମନ୍ଦିର ନୀଳଚକ୍ର ଶୂନ୍ୟ ହୋଇ ରହିଥିଲା।

ଶ୍ରୀନୀଳଚକ୍ରରେ ଉଡ଼ୁଥିବା ଧ୍ୱଜା ପତିତପାବନ ବାନା। ଗୋଟିଏ ବାନା ଗୋଟିଏ ଦିନରୁ ଅଧିକ ଉଡ଼େ ନାହିଁ। ଏହି ପତାକା ବା ତେରର ରଙ୍ଗ ଲାଲ, ହଳଦିଆ ବା ଶ୍ୱେତ ବର୍ଣ୍ଣର ହୋଇଥାଏ; ମଧ୍ୟରେ ଅର୍ଦ୍ଧ ଶ୍ୱେତ ରଙ୍ଗର ଚନ୍ଦ୍ର ଓ ବିନ୍ଦୁ। ନୀଳଚକ୍ରରେ ଧ୍ୱଜା ନଥିଲେ ମହାବାହୁଙ୍କୁ କୌଣସି ଭୋଗ ଅର୍ପଣ କରାଯାଏ ନାହିଁ। ସକାଳରେ ପ୍ରସ୍ତୁତ ମିଠା ଭୋଗସବୁ ବାହାର ବେଢ଼ାରେ ଶ୍ରୀନୀଳଚକ୍ରଙ୍କୁ ଅର୍ପଣ ହେବା ପରେ ଆନନ୍ଦ ବଜାରକୁ ଆସିଥାଏ।


କୌଣସି କାରଣରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଭୋଗ ଲାଗି ହୋଇ ନ ପାରିଲେ ଭୋଗକୁ ଶ୍ରୀନୀଳଚକ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଏ। ତାକୁ କୁହାଯାଏ 'ଚକ୍ର ମଣୋହି'। ପ୍ରତ୍ୟେକ ଏକାଦଶୀ ଦିନ ଶ୍ରୀନୀଳଚକ୍ରଙ୍କ ଉପରେ ମହାଦୀପ ଉଠେ ଓ ଏହି ମହାଦୀପ ମାଧ୍ୟମରେ ଶ୍ରୀନୀଳଚକ୍ରଙ୍କ ଓ ବାଗରେ ମହାପ୍ରଭୁଙ୍କୁ ସଂସାରର ମଙ୍ଗଳ କାମନାରେ ପ୍ରାର୍ଥନା କରାଯାଇଥାଏ। ପ୍ରତ୍ୟେକ ସଂକ୍ରାନ୍ତିରେ ଶ୍ରୀନୀଳଚକ୍ରଙ୍କୁ ମାଜଣା କରାଯାଏ। ଏସବୁ କରନ୍ତି ଚୁନରା ସେବକ ବା ଗରୁଡ଼ ସେବକମାନେ।

ଶ୍ରୀ ନୀଳଚକ୍ରଙ୍କ ସେବକ ବଡ଼ଙ୍କ ଜାତିର ଶୁଦ୍ର ସେବକ। ତାଙ୍କର ଉପାସ୍ୟ ହେଉଛନ୍ତି ଗରୁଡ଼। ଏଣୁ ସେମାନଙ୍କୁ ଗରୁଡ଼ ସେବକ ବା ଚୁନରା ସେବକ କୁହାଯାଏ। ମକର ସଂକ୍ରାନ୍ତି ଓ ଦେବ ଦୀପାବଳି ଦିନ ଏମାନେ ଶ୍ରୀମନ୍ଦିରରେ ଚୂନ, ଗେରୁ, ଧଳା କାର୍ଯ୍ୟ କରିଥାନ୍ତି। ଏହି ଗରୁଡ଼ ସେବକମାନେ ଗରୁଡ଼ ସ୍ତମ୍ଭ, ଅରୁଣ ସ୍ତମ୍ଭ, ରତ୍ନ ସିଂହାସନ, କପି ହନୁମାନ, ଦଧିବଉତି ଆଦିରେ ମହାଦୀପ ଦାନ, ଧ୍ୱଜାବନ୍ଧା ଓ ଓଲାଗି ଏବଂ ନୀଳଚକ୍ରଙ୍କ ମାଜଣା ଓ ସ୍ନାନ ଇତ୍ୟାଦି କାର୍ଯ୍ୟ କରିଥାନ୍ତି। ଶ୍ରୀମନ୍ଦିର ଚୂଡ଼ାରେ ଧ୍ୱଜା ବାନ୍ଧିବା ବେଳେ ଏହି ସେବକମାନେ ଗରୁଡ଼ଙ୍କୁ ସ୍ମରଣ କରି ମନ୍ଦିର ଉପରକୁ ଆରୋହଣ କରିଥାନ୍ତି ଓ ବାନ୍ଧିସାରି ଅବତରଣ କରିଥାନ୍ତି ଆଶ୍ଚର୍ଯ୍ୟଜନକ ଭାବେ ମନ୍ଦିରକୁ ପଛ କରି। ପ୍ରତ୍ୟହ ସନ୍ଧ୍ୟା ୫ଟା ସମୟରେ ପୂର୍ବ ଧ୍ୱଜା ଓଲାଗି ହୋଇ ନୂଆ ଧ୍ୱଜା ବନ୍ଧା ଯାଇଥାଏ। ଏହି ଧ୍ୱଜା ବନ୍ଧା ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଥାଏ। ପ୍ରକାଶ ଥାଉ କି, ପୂର୍ବେ ୧୫୦ ହାତ ପର୍ଯ୍ୟନ୍ତ ଲମ୍ବର ପତାକା ବନ୍ଧା ଯାଉଥିଲା ଶ୍ରୀନୀଳଚକ୍ରରେ, ମାତ୍ର ଏହି ହେତୁରୁ ପବନର ପ୍ରବଳ ଚାପ ଫଳରେ ନୀଳଚକ୍ରର କ୍ଷତି ହୋଇପାରେ ବୋଲି ପ୍ରତ୍ନତତ୍ତ୍ୱ ବିଭାଗର ଆଶଙ୍କାରେ ଏବେ ଅତି ବେଶୀରେ ୧୪ ହାତର ଧ୍ୱଜା ବନ୍ଧା ଯାଉଛି। ବିଚିତ୍ର କଥା ଜାଣନ୍ତି କି! ଏହି ପତିତପାବନ ବାନା ପବନର ବିପରୀତ ଦିଗରେ ଉଡ଼େ, ଯାହା ଅନ୍ୟତ୍ର ଦେଖାଯାଏ ନାହିଁ। ମାତ୍ର ବୈଜ୍ଞାନିକମାନେ ଅଦ୍ୟାବଧି ଏହାର ରହସ୍ୟ ଭେଦ କରିପାରି ନାହାନ୍ତି। କଥିତ ଅଛି, ଅଭୀଷ୍ଟ ପୂରଣ ଲାଗି ମନସ୍କାମନା କରି ଶ୍ରୀନୀଳଚକ୍ରରେ ଧ୍ୱଜା ବାନ୍ଧିଲେ ଅବଶ୍ୟ କାମନା ପୂରଣ ହୁଏ ମହାବାହୁଙ୍କ କୃପାରୁ। ଶ୍ରୀନୀଳଚକ୍ରଙ୍କୁ ଦର୍ଶନ କଲେ ଶ୍ରୀଜିଉମାନଙ୍କୁ ଦର୍ଶନ କରିବାର ପୁଣ୍ୟଫଳ ପ୍ରାପ୍ତି ହୁଏ ବୋଲି ମହାବାହୁ ଶ୍ରୀନୀଳଚକ୍ରଙ୍କୁ ଆଶୀର୍ବାଦ କରିଛନ୍ତି। ଏହି ଶ୍ରୀନୀଳଚକ୍ର ଓ ପତିତପାବନ ବାନାଙ୍କୁ ନେଇ ଓଡ଼ିଆ ଭଜନ ସାମ୍ରାଜ୍ୟ ଅତି ମାତ୍ରାରେ ରୁଦ୍ଧିମନ୍ତ। ସେଥିରୁ ଗୋଟିଏ ଉଦାହରଣ- 'ନୀଳଚକ୍ରେ ହୋ ଦେଖ ଉଡୁଛି ବାନା/ ପତିତପାବନ, ପତିତପାବନ, ପତିତପାବନ ନାମଟି ଯା ନାଁ/ ନୀଳଚକ୍ରେ ହୋ...।'

ମୋ: ୯୦୯୦୧୯୦୦୬୯

# ଶ୍ରୀଜଗନ୍ନାଥଙ୍କ ଜନ୍ମବେଦୀ ଆଡ଼ପ ମଣ୍ଡପ

ଶ୍ରୀ ନୀଳାଚଳ କ୍ଷେତ୍ର ପୁରୀର ଅନ୍ୟତମ ପୁଣ୍ୟ ସ୍ଥାନ ହେଉଛି ଶ୍ରୀଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପ। ବିଭିନ୍ନ ପ୍ରାଚୀନ ଶାସ୍ତ୍ର ଓ ଲୋକସାହିତ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ମହାବେଦୀ, ଯଜ୍ଞବେଦୀ, ଗୁଣ୍ଡିଚା ମଣ୍ଡପ, ଆଡ଼ପ ମଣ୍ଡପ, ଗୁଣ୍ଡିଚା ଘର, ରାସ ମଣ୍ଡପ ଆଦି ନାମରେ ବର୍ଣ୍ଣନା କରାଯାଇଛି। 'ସ୍କନ୍ଦ ପୁରାଣ' ଅନୁସାରେ ଯଜ୍ଞବେଦୀ ଓ ତା' ସନ୍ନିକଟ ସ୍ଥାନ ନୃସିଂହ କ୍ଷେତ୍ର ରୂପେ ବିଦିତ। ଆଡ଼ପ



ସନ୍ତୋଷ କୁମାର ଦାଶ

ମଣ୍ଡପ ନୃସିଂହ କ୍ଷେତ୍ରର ପରିସରଭୁକ୍ତ। ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ମଣ୍ଡପ ଚତୁର୍ଦ୍ଧା ବିଗ୍ରହଙ୍କର ପ୍ରଥମ ଅଧିଷ୍ଠାନ ସ୍ଥଳ। ଗୁଣ୍ଡିଚା ମନ୍ଦିରକୁ କାହିଁକି 'ଆଡ଼ପ ମଣ୍ଡପ' କୁହାଯାଏ, ତା'ର ରହିଛି ଭିନ୍ନ ଭିନ୍ନ ମତ। ଗୋଟିଏ ମତ ହେଉଛି, 'ଗୁଣ୍ଡ' ଧାତୁର ଅର୍ଥ ଲୁଚାଇବା। ସେଇଥିରୁ ଆସିଛି 'ଗୁଣ୍ଡିଚା' ନାମ। ସେଠାର ଯଜ୍ଞ ବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଆବିର୍ଭାବ ବା ଜନ୍ମ କାଳରେ ସେମାନଙ୍କୁ ପଟ୍ଟବସ୍ତ୍ରରେ ଆଚ୍ଛାଦିତ ବା ଲୁକ୍କାୟିତ କରି ରଖା ଯାଇଥିଲା। ତେଣୁ ଆବରଣ ବା ଅନ୍ତରାଳଯୁକ୍ତ ମଣ୍ଡପରୁ ଆଡ଼ପ ମଣ୍ଡପ ନାମ ଆସିଛି। ଅନ୍ୟ ଏକ ମତ ହେଉଛି- ଆଡ଼ପର ଅର୍ଥ ଅନ୍ତୁଡ଼ିଶାଳ। ଏହା ଚତୁର୍ଦ୍ଧା ବିଗ୍ରହଙ୍କର ଅନ୍ତୁଡ଼ିଶାଳ ହୋଇ ଥିବାରୁ ଏହା ଆଡ଼ପ ମଣ୍ଡପ। ଆଉ ଗୋଟିଏ ମତରେ 'ଆଟୁ'ର ଅର୍ଥ ପଟା ଭାଡ଼ି। ମାଦଳା ପାଞ୍ଜିରେ ଏ ସଂପର୍କରେ ଥିବା ସୂଚନା ଅନୁସାରେ, ଦ୍ୱାଦଶ ଶତାବ୍ଦୀରେ ଗୁଣ୍ଡିଚା ଘରଟି କାଠ ମଣ୍ଡପ ଗୃହରେ ନିର୍ମିତ ଥିଲା। ଏଣୁ ଆଟୁ ବା କାଠ ମଣ୍ଡପରୁ ଆଡ଼ପ ମଣ୍ଡପ ହୋଇଥିବା ସମ୍ଭବ। ଏହି ମଣ୍ଡପର ମାହାତ୍ମ୍ୟ ଓ ପବିତ୍ରତା ସଂପର୍କରେ 'ସ୍କନ୍ଦ ପୁରାଣ-ଉତ୍କଳ ଖଣ୍ଡ' ଅନ୍ତର୍ଗତ 'ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ର ୨୯ ଅଧ୍ୟାୟରେ ବର୍ଣ୍ଣନା ରହିଛି। ଏପରିକି ଗୁଣ୍ଡିଚା ମଣ୍ଡପ ବା ଆଡ଼ପ ମଣ୍ଡପ ପ୍ରଭୁଙ୍କ ପାଇଁ ପୃଥିବୀର ସବୁଠାରୁ ପ୍ରୀତିପ୍ରଦ ସ୍ଥାନ ବୋଲି ମହାପ୍ରଭୁ ନିଜେ କହିଥିବା ସେଥିରେ ଉଲ୍ଲେଖ ଅଛି।

ଗବେଷକମାନଙ୍କ ମତରେ କାଳକ୍ରମେ କାଷ୍ଠ ମଣ୍ଡପର ରକ୍ଷଣାବେକ୍ଷଣ ଓ ସୁରକ୍ଷା ନିମନ୍ତେ ସେଠାରେ ଏକ କାଷ୍ଠ ନିର୍ମିତ କୁଟୀର ନିର୍ମିତ ହୋଇଥିଲା। ତାହାକୁ ଗୁଣ୍ଡିଚା ଘର କୁହାଗଲା। ପରବର୍ତ୍ତୀ କାଳରେ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟରେ ଯେଉଁ ପରିଦୃଶ୍ୟମାନ ପୀଢ଼ ଶୈଳୀର ମନ୍ଦିର ନିର୍ମିତ ହୋଇଛି, ତାହା ଗୁଣ୍ଡିଚା ମନ୍ଦିର ବା ଗୁଣ୍ଡିଚା ମଣ୍ଡପ ନାମରେ ଅଭିହିତ ହୋଇଛି। ତେଣୁ ଗୁଣ୍ଡିଚା ମଣ୍ଡପ ବା ଆଡ଼ପ ମଣ୍ଡପ, ଗୁଣ୍ଡିଚା ଘର ବା ଗୁଣ୍ଡିଚା ମନ୍ଦିର ଏକ ସ୍ଥାନ ଓ ଏକ ଅର୍ଥବୋଧକ। ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନେ ଯେଉଁ ସ୍ଥାନରେ ଏକ ସପ୍ତାହବ୍ୟାପି ଅବସ୍ଥାନ କରିଥାନ୍ତି, ତାହାକୁ ଆଡ଼ପ ମଣ୍ଡପ ବୋଲି କୁହାଯାଇଥାଏ। କିନ୍ତୁ 'ନୀଳାଦ୍ରି ମହୋଦୟ'ରେ ଏହି ସ୍ଥାନକୁ 'ଯଜ୍ଞବେଦୀ' ଏବଂ ସ୍କନ୍ଦ ପୁରାଣରେ 'ମହାବେଦୀ' ବୋଲି ଉଲ୍ଲେଖ କରାଯାଇଛି। କବି ଦୀନକୃଷ୍ଣ ଦାସ ମଧ୍ୟ ତାଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରିଛନ୍ତି। ଅପର ପକ୍ଷରେ, ଆଡ଼ପ ମଣ୍ଡପ ମାହାତ୍ମ୍ୟ ସଂପର୍କରେ କୃଷ୍ଣ ଦାସଙ୍କ 'ଦେଉଳ ତୋଳା' ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ ସ୍ୱପ୍ନରେ ନିର୍ଦ୍ଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସୁନାର ଶଗଡ଼ ଧରି ସମୁଦ୍ରକୂଳସ୍ଥ ଚକ୍ରତୀର୍ଥଠାରେ ଆବିର୍ଭୂତ ଦାରୁ ନିକଟକୁ ଗଲେ। ବସୁ ଶବରକୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ସ୍ୱପ୍ନରେ ପ୍ରଭୁଙ୍କର ଆଜ୍ଞାମତେ ରାଜା ନିଜେ ମୁଣ୍ଡରେ ପାଟ ମୁରୁଳା ବାନ୍ଧି ଠିଆ ହେଲେ। ଶକଟ ବା ଶଗଡ଼ ଉପରେ ବିଜେ କଲେ ଦାରୁ। ଏ ମହାଦାରୁଙ୍କୁ ଧରି ରାଜା ଆଡ଼ପ ମଣ୍ଡପଠାରେ ନିଜେ ଉପସ୍ଥିତ ରହି ଯାଗ କରାଇଲେ। ଯାଗ ବେଦୀକୁ ମାଡ଼ି ନୃସିଂହ ରହିଲେ। ଏହି ଆଡ଼ପ ମଣ୍ଡପଠାରେ ଜଗନ୍ନାଥ ମୂର୍ତ୍ତିକୁ ଗଢ଼ିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ରାଣୀ ଗୁଣ୍ଡିଚା ଦେବୀଙ୍କୁ ଜଣାଇଲେ। ତୁମ ନାମରେ ଗୁଣ୍ଡିଚା ଯାତ୍ରା ହେବ। ଜଗନ୍ନାଥ ଏହି ଆଡ଼ପ ମଣ୍ଡପରେ କିଛି ଦିନ ଅବସ୍ଥାନ କରିବେ।

ନୀଳାଦ୍ରି ମହୋଦୟର ବର୍ଣ୍ଣନା ଅନୁସାରେ, ନୀଳାଚଳରେ ଦଶ ବର୍ଷ ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କର ଦର୍ଶନ ଓ ପୂଜାର୍ଚ୍ଚନାରେ ଯେଉଁ ଫଳ ମିଳେ, ସେହି ଫଳ ଯଜ୍ଞ ବେଦୀ ବା ଆଡ଼ପ ମଣ୍ଡପରେ ଗୋଟିଏ ଦିନର ଦର୍ଶନରେ ମିଳିଥାଏ। ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡର 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଆଦେଶ ଦେଇଛନ୍ତି ଯେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ଆମ୍ଭଙ୍କୁ ରଥାରୂଢ଼ ପୂର୍ବକ ମହୋତ୍ସବ କରାଇ ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ଏବଂ ଯେଉଁଠାରେ ତୁମର ସହସ୍ର ଅଶ୍ୱମେଧ ଯଜ୍ଞର ଯଜ୍ଞବେଦୀ, ସେହି ଗୁଣ୍ଡିଚା ମଣ୍ଡପକୁ ଆମ୍ଭମାନଙ୍କୁ ନେଇଯିବ। ଉକ୍ତ ସ୍ଥାନଟି ମୋର ଜନ୍ମସ୍ଥାନ ହେତୁ ଅଖଣ୍ଡ ପ୍ରୀତିଜନକ। ମୁଁ ସେଠାକୁ (ଆଡ଼ପ ମଣ୍ଡପକୁ) ନବ ଦିନ ଗମନ କରିବି ଏବଂ ସେଠାରୁ ପୁନରାୟ ଏହି ସ୍ଥାନକୁ (ଶ୍ରୀମନ୍ଦିରକୁ) ଆଗମନ କରିବି। ସେଠାରେ ଅବସ୍ଥିତି କାଳରେ ଯେଉଁ ସମସ୍ତ ମାନବ ମୋତେ ଦର୍ଶନ କରିବେ, ସେମାନେ ମୋର ଆଳୟ ବୈକୁଣ୍ଠ ଧାମକୁ ଗମନ କରିବେ। ଏହି ନବ ଦିନ ଯାତ୍ରାରେ ଶ୍ରୀବିଗ୍ରହମାନେ ସେଠାରେ ସାତ ଦିନ ଅବସ୍ଥାନ କରିଥାନ୍ତି। ତାହା 'ମହାବେଦୀ ମହୋତ୍ସବ' ଭାବରେ ଖ୍ୟାତ। ପୁରାଣର ବର୍ଣ୍ଣନା ଅନୁଯାୟୀ, ଏହି 'ମହାବେଦୀ ମହୋତ୍ସବ'କୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତା'ର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। 'ସ୍କନ୍ଦ ପୁରାଣ'ର ୨୯ ଅଧ୍ୟାୟରେ କୁହାଯାଇଛି, 'ରାଜାଙ୍କ ପ୍ରତିଷ୍ଠିତ ଶ୍ରୀମନ୍ଦିର ତାଙ୍କର ଯେପରି ପ୍ରୀତିପ୍ରଦ, ଅଶ୍ୱମେଧ ଯଜ୍ଞର ମହାବେଦୀ ନୃସିଂହ କ୍ଷେତ୍ର ମଧ୍ୟ ତଦନୁରୂପ ପ୍ରୀତିପ୍ରଦ। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ପୁରୀଠାରେ ମାନବୀୟ ଲୀଳା କରୁଛନ୍ତି। ପ୍ରତ୍ୟେକ ମନୁଷ୍ୟ ପରି ନିଜ ଜନ୍ମସ୍ଥାନକୁ ବୁଲିଯିବାକୁ ମହାପ୍ରଭୁ ବି ଇଚ୍ଛା ପ୍ରକାଶ କରି ଏହି ଲୀଳା କରୁଛନ୍ତି। ନିଜ ଜନ୍ମସ୍ଥାନରେ ସେ ସାତ ଦିନ ରହିବା ଲାଗି ରଥଯାତ୍ରାର ବିଧାନ କରାଇଛନ୍ତି। ସେଠାରେ ନବମୀ ଦିନ ଭକ୍ତମାନଙ୍କୁ 'ସନ୍ଧ୍ୟା ଦର୍ଶନ' ଦେଇ ଦଶମୀ ଦିନ ଶ୍ରୀବିଗ୍ରହମାନେ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏଣୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ରହିଥାଏ ଅନେକ ଉତ୍କଣ୍ଠା ଓ ଆଗ୍ରହ। ଜୟ ଜଗନ୍ନାଥ ସ୍ୱାମୀ।

ତୁଳସୀପୁର, ପୁରୀ
ମୋ: ୯୪୩୯୩୭୬୧୮୮

# ଦଲାଇ ଲାମାଙ୍କ ଉତ୍ତରାଧିକାରୀ

ତିବ୍ବତର ଧର୍ମଗୁରୁ ଦଲାଇ ଲାମାଙ୍କୁ ସାମ୍ପ୍ରତିକ ସମୟରେ ବୌଦ୍ଧ ଧର୍ମର ଜଣେ ଅବତାରୀ ପୁରୁଷ ଭାବରେ ଗ୍ରହଣ କରାଯାଇଥାଏ। ହିନ୍ଦୁ ଧର୍ମର ଚାରି ଶଙ୍କରାଚାର୍ଯ୍ୟଙ୍କ ଭଳି ସେ ବୌଦ୍ଧଧର୍ମାବଲମ୍ବୀମାନଙ୍କ ପାଇଁ ଜଣେ ସର୍ବମାନ୍ୟ ନେତା। ତେବେ ଦୀର୍ଘ ବର୍ଷ ହେବ କମ୍ୟୁନିଷ୍ଟ ଚୀନ୍‌ର ତାଙ୍କ ପ୍ରତି ତିକ୍ତ ଆଭିମୁଖ୍ୟ ଯୋଗୁଁ ସେ ଭାରତରେ ନିର୍ବାସନରେ ରହିଛନ୍ତି। ଆଜକୁ ଚଉଦ ବର୍ଷ ପୂର୍ବେ ବର୍ତ୍ତମାନର ଦଲାଇ ଲାମା ଏକଦା କହିଥିଲେ ଯେ ୨୦୨୫ରେ ୯୦ତମ ଜନ୍ମ ଦିବସ ସୁଦ୍ଧା ସେ ତାଙ୍କର ଉତ୍ତରାଧିକାରୀ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବେ। ଏହାର ଅର୍ଥ ହେଉଛି, ଏହି ଆଧ୍ୟାତ୍ମିକ ଗୁରୁ ସ୍ପଷ୍ଟ କରି ଦେଇଥିଲେ ଯେ ଦଲାଇ ଲାମା ନାମକ ଯେଉଁ ଅନୁଷ୍ଠାନ ବା ପଦବୀଟି ରହିଛି, ତାହା ତାଙ୍କର ତିରୋଧାନ ପରେ ମଧ୍ୟ ବଜାୟ ରହିବ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଟ୍ରଷ୍ଟ୍ ତାଙ୍କର ପୁନରାବିର୍ଭାବ/ପୁନରାବତାରକୁ ମାନ୍ୟତା ପ୍ରଦାନ କରିବା ନିମନ୍ତେ ହେବ ଏକମାତ୍ର କର୍ତ୍ତୃପକ୍ଷ। ଚଳିତ ସପ୍ତାହର ଶେଷ ବେଳକୁ ବର୍ତ୍ତମାନର ଦଲାଇ ଲାମାଙ୍କ କହିଥିବା କଥାର ଶେଷ ଦୃଶ୍ୟ ଆସିବାକୁ ଯାଉଛି, ଯେହେତୁ ସେ ୯୦ ବର୍ଷ ବୟସରେ ପଦାର୍ପଣ କରିବାକୁ ଯାଉଛନ୍ତି। ଆଉ ଏହି ପ୍ରସଙ୍ଗ ବର୍ତ୍ତମାନ ଭୂରାଜନୀତିରେ ଇଞ୍ଜେକ୍ସନ୍‌ର ଏକ ଅନୁପାନ ଭଳି ପ୍ରବେଶ କରିଛି, ଯେହେତୁ ତାଙ୍କର ଉତ୍ତରାଧିକାର ପ୍ରସଙ୍ଗ ମୁଣ୍ଡ ଟେକିଛି। ତେବେ, ଭାରତ ସରକାର, ଯିଏକି ୧୯୫୦ ଦଶକରେ ଚୀନ୍‌ରେ ହୋଇଥିବା ଏକ ଆଧ୍ୟାତ୍ମିକ ଆନ୍ଦୋଳନର ସ୍ୱାଭାବିକ ସମର୍ଥକ ଭାବରେ ଚାପଗ୍ରସ୍ତ ୧୪ତମ ଦଲାଇ ଲାମାଙ୍କ ନିର୍ବାସନକୁ ସାଦରେ ଗ୍ରହଣ କରିଛି, ତାହା ଦୃଢ଼ ଭାବରେ ବିଶ୍ୱାସ କରୁଛି ଯେ ଦଲାଇ ଲାମା ଏବଂ ସେ ପ୍ରତିଷ୍ଠା କରିଥିବା ଗାଡେନ୍ ଫୋଡ୍ରାଙ୍ଗ୍ ପ୍ରତିଷ୍ଠାନ ଯେଭଳି ଭାବରେ ଚାହିଁବ, ସେଭଳି ଭାବରେ ତାଙ୍କର ଉତ୍ତରାଧିକାର ପ୍ରସଙ୍ଗକୁ ପରିଚାଳନା କରିବା ଉଚିତ। ଅପର ପକ୍ଷରେ, ସମଗ୍ର ବିଶ୍ୱର କୋଟି କୋଟି ଲୋକଙ୍କ ପୂଜାର ପାତ୍ର ଦଲାଇ ଲାମାଙ୍କୁ ଚୀନ୍ ଜଣେ 'ବିଚ୍ଛିନ୍ନତାବାଦୀ' ଭାବରେ ଗଣନା କରେ ଏବଂ ଦୃଢ଼ କଣ୍ଠରେ ଦାବି କରେ ଯେ ତାଙ୍କର ଉତ୍ତରାଧିକାରୀଙ୍କୁ ଏକ 'ସୁବର୍ଣ୍ଣ କଳସ' (ଗୋଲ୍ଡେନ୍ ଅର୍ଣ୍ଣ)ରୁ ପସନ୍ଦ କରାଯିବାର ପ୍ରଣାଳୀ ଦ୍ୱାରା ଚୟନ କରାଯିବ ଏବଂ ସେହି ନାମକୁ ଚୀନ୍ ସରକାର ମାନ୍ୟତା ପ୍ରଦାନ କରିବେ।

ଏସବୁ ଭିତରେ ଏବେ ଯେଉଁ ପ୍ରମୁଖ ସମସ୍ୟାଟି ଉଭା ହୋଇଛି, ତାହା ହେଉଛି- ଅଷ୍ଟାଦଶ ଶତାବ୍ଦୀରେ ଚୀନ୍‌ର ଶାସକମାନଙ୍କ ଦ୍ୱାରା ପ୍ରଚଳିତ 'ସୁବର୍ଣ୍ଣ କଳସ' ବ୍ୟବସ୍ଥାକୁ ବିଖ୍ୟାତ ବୌଦ୍ଧ ପଣ୍ଡିତ ଏବଂ ଐତିହାସିକମାନେ ମାନ୍ୟତା ପ୍ରଦାନ କରନ୍ତି ନାହିଁ। ଚତୁର୍ଦ୍ଦଶ ଦଲାଇ ଲାମା, ଯିଏକି ୧୯୫୯ରେ ତିବ୍ବତ ଉପରେ ଚୀନ୍‌ର ଏକ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସେଠାରୁ ପଳାଇ ଆସି ଧର୍ମଶାଳାରେ ବାସ କରୁଛନ୍ତି, ତାଙ୍କର ଅନ୍ୱେଷଣ ବା ମାନ୍ୟତା ଲାଭ କ୍ଷେତ୍ରରେ ଚୀନ୍‌ର ନିଜର ମଧ୍ୟ କୌଣସି ଭୂମିକା ନାହିଁ। ପରନ୍ତୁ, ଚୀନ୍ ଏବେ ମଧ୍ୟ ଦଲାଇ ଲାମା ପରମ୍ପରାକୁ ଅନୁସରଣ କରି ନିଜର ଜଣେ ଦଲାଇ ଲାମା ରଖିଥିଲେ ସୁଦ୍ଧା ଲାସାର ପୋଟଲା ରାଜପ୍ରାସାଦରେ ତାଙ୍କୁ ଅବସ୍ଥାପିତ ନ କରି ଜଣେ ପଞ୍ଚେନ୍ ଲାମାଙ୍କୁ ଅବସ୍ଥାପିତ କରିଛି। ତେବେ, କେବଳ ପରବର୍ତ୍ତୀ ଦଲାଇ ଲାମାଙ୍କୁ ସ୍ୱୀକାର କରିବା ସହିତ ଅନୁମତି ଦେବା ନିମନ୍ତେ କେବଳ ଏହାର ହିଁ ଅଧିକାର ରହିଛି ବୋଲି ଚୀନ୍ ଦାବି କରୁଛି। ପୁନରାବତାର ଗ୍ରହଣ କରିବା ମତବାଦର ବିଶ୍ୱାସ ପଛରେ ଏକ ତାର୍କିକତା ରହିଛି, ଯାହା ଜରିଆରେ ୬୦୦ ବର୍ଷର ପ୍ରାଚୀନ ଏହି ଧାର୍ମିକ ପରମ୍ପରାରେ ଉତ୍ତରାଧିକାରୀମାନଙ୍କର ଚୟନ ହୋଇ ଆସିଛି ଏବଂ ଏହା ହେଉଛି, କେବଳ ପ୍ରତିଷ୍ଠିତ ପ୍ରଥା ଅନୁସାରେ ଦଲାଇ ଲାମା ଚୟନ କରାଯିବ ଏବଂ ସେଥିପାଇଁ ଚତୁର୍ଦ୍ଦଶ ଦଲାଇ ଲାମାଙ୍କୁ ତାଙ୍କର ପସନ୍ଦକୁ କାର୍ଯ୍ୟକାରୀ କରିବାକୁ ଦିଆଯିବା ସଙ୍ଗେ ସଙ୍ଗେ ତାକୁ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ। ଏହା ସମ୍ପୂର୍ଣ୍ଣ ଭାବରେ ଧର୍ମର ପରିସରଭୁକ୍ତ ଏବଂ ଏହି ଉତ୍ତରାଧିକାର ଚୟନ କ୍ଷେତ୍ରରେ ନା ଭାରତର, ନା ଚୀନ୍‌ର- କାହାର ହେଲେ କିଛି କହିବାର ଅଧିକାର ରହିଛି। ଏକଥା ଭିନ୍ନ ଯେ ଏହି ପ୍ରସଙ୍ଗକୁ ଭୀଷଣ ଭାବରେ ରାଜନୀତିକରଣ କରାଯାଉଛି ଏବଂ ଭାରତ-ଚୀନ୍ ସମ୍ପର୍କ ଉପରେ ଏହାର ଗୁରୁତର ପ୍ରଭାବ ପକାଉଛି, ବିଶେଷକରି ଯେତେବେଳେ ଦଲାଇ ଲାମା ପ୍ରକାଶ କରିଛନ୍ତି ଯେ ତାଙ୍କର ଉତ୍ତରାଧିକାରୀ ଚୀନ୍ ଦେଶର ଅଧିବାସୀ ହେବେନାହିଁ।

ଦଲାଇ ଲାମା ଚୟନ କ୍ଷେତ୍ରରେ ପୂର୍ବରୁ ଚୀନ୍ ଏକ କୁତ୍ସିତ ଖେଳ ଖେଳିଥିଲା, ଯାହା ପରେ ପ୍ରକାଶ ପାଇ ଯାଇଥିଲା। ବର୍ତ୍ତମାନର ଦଲାଇ ଲାମାଙ୍କ ଦ୍ୱାରା ଏକାଦଶ ପଞ୍ଚେନ୍ ଲାମା ଭାବରେ ଅଭିଷିକ୍ତ ଜଣେ ଛଅ-ବର୍ଷୀୟ ବାଳକକୁ ଏହାର କର୍ମକର୍ତ୍ତାମାନେ ଅପହରଣ କରି ନେଇଥିଲେ ଏବଂ ୧୯୯୫ଠାରୁ ସେହି ବାଳକଙ୍କ ବିଷୟରେ ଏପର୍ଯ୍ୟନ୍ତ କିଛି ଶୁଣିବାକୁ ମିଳିନାହିଁ। ବର୍ତ୍ତମାନ ଯେଉଁ ପଞ୍ଚେନ୍ ଲାମାଙ୍କୁ ବେଜିଂ ଅଧିଷ୍ଠିତ କରିଛି, ସେ ଚୀନ୍‌ର କମ୍ୟୁନିଷ୍ଟ ପାର୍ଟି ପ୍ରତି ତାଙ୍କର ଆନୁଗତ୍ୟ ପ୍ରକାଶ କରିଛନ୍ତି, ଯାହା ତିବ୍ବତୀୟମାନଙ୍କ ଉପରେ ଅଧିକ ନିୟନ୍ତ୍ରଣ ଜାରି କରିବାକୁ ଚୀନ୍‌ର ନିଷ୍ପତ୍ତିକୁ ଦୃଢ଼ କରିଛି। ଭାରତ ସାମ୍ପ୍ରତିକ ଦଲାଇ ଲାମା, ନିର୍ବାସନରେ ଥିବା ତିବ୍ବତ ସରକାର ଏବଂ ଅଧିକାଂଶ ତିବ୍ବତୀୟଙ୍କ ବାସସ୍ଥଳୀ ହୋଇଥିବାରୁ ପରବର୍ତ୍ତୀ ଦଲାଇ ଲାମା ଚୟନ କରାଯିବା ନୂଆଦିଲ୍ଲୀ ଏବଂ ବେଜିଂ ମଧ୍ୟରେ ବିବାଦର ଏକ କାରଣ ହେବାର ଆଶଙ୍କା ରହିଛି। ଚୀନ୍‌ର କର୍ମକର୍ତ୍ତାମାନେ କହିଛନ୍ତି ଯେ ପରବର୍ତ୍ତୀ ଦଲାଇ ଲାମା ଚୟନରେ ଭାରତ କୌଣସି ପ୍ରକାରର 'ହସ୍ତକ୍ଷେପ' କରିବ ନାହିଁ ବୋଲି ସେମାନେ ଆଶା କରନ୍ତି। ଭାରତ ଅବଶ୍ୟ ଏହି କ୍ଷେତ୍ରରେ ବିବାଦକୁ ଏଡ଼ାଇ ଯିବାକୁ ଚାହିଁବ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ପାଟି ବନ୍ଦ କରି ରହି ପାରିବ ନାହିଁ କି ରହିବା ମଧ୍ୟ ଉଚିତ ନୁହେଁ। ଭାରତର ସୀମାନ୍ତ ପ୍ରଦେଶଗୁଡ଼ିକ ଯଥା ଅରୁଣାଚଳ ପ୍ରଦେଶ, ଲଦାଖ୍ ଏବଂ ସିକ୍କିମ୍‌ରେ ବୌଦ୍ଧ ଧର୍ମର ଉଲ୍ଲେଖନୀୟ ଭାବରେ ଉପସ୍ଥିତି ରହିଛି। ଆଉ ସେଥିପାଇଁ ଉଭୟ ନୈତିକତା ଓ ରାଜଧର୍ମ ଦାବି କରିଥାଏ ଯେ ଭାରତ ଦଲାଇ ଲାମାଙ୍କୁ ସମର୍ଥନ କରୁ ତଥା ନିଜ ସ୍ଥିତିରେ ଅଟଳ ରହୁ।

# ରଥଯାତ୍ରାରେ ଅଘଟଣ

ଚଳିତ ମାସ ୨୯ ତାରିଖ ଭୋର ସମୟରେ ପୁରୀ ଗୁଣ୍ଡିଚା ମନ୍ଦିର ଆଗରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମ୍ମୁଖରେ ପ୍ରବଳ ଭିଡ଼ ଯୋଗୁଁ ଦଳା ଚକଟା ହୋଇ ୩ ଜଣ ଭକ୍ତଙ୍କ ମୃତ୍ୟୁ ଓ ଶତାଧିକ ଗୁରୁତର ଆହତ ସମ୍ବାଦ ଏକ ଦୁଃଖଦ ଓ ଆଖି ଖୋଲିଦେବା ଭଳି ଘଟଣା। ରଥଯାତ୍ରା ଇତିହାସରେ ଏପରି ଦୁଃଖଦ ଘଟଣା କେବେ ଘଟି ନଥିଲା।

ଗଦାଧର ପାଣିଗ୍ରାହୀ

ରଥଯାତ୍ରା ଶହ ଶହ ବର୍ଷ ଧରି ପାଳିତ ହୋଇ ଆସୁଛି। ଏଇ କିଛି ବର୍ଷ ପୂର୍ବରୁ ପ୍ରାୟ ୨୦୦୫ ମସିହା ପର୍ଯ୍ୟନ୍ତ ରଥଯାତ୍ରାରେ ହାରାହାରି ୫/୬ ଲକ୍ଷ ଲୋକ ହେଉଥିଲେ। ଏବେ ଏ ସଂଖ୍ୟା ୧୦ ଲକ୍ଷ ଅତିକ୍ରମ କଲାଣି। ସୁନାବେଶରେ ଉପରୋକ୍ତ ସମୟରେ ପ୍ରାୟ ୨/୩ ଲକ୍ଷ ଲୋକ ହେଉଥିଲେ। ଏବେ ଏହା ୭/୮ ଲକ୍ଷରେ ପହଞ୍ଚିଲାଣି। ଏବେ ଆସିବା ପୁରୀ ସହରକୁ। ୨୦୧୧ ଜନଗଣନା ଅନୁଯାୟୀ ପୁରୀ ସହରର ଲୋକସଂଖ୍ୟା ପ୍ରାୟ ୨ ଲକ୍ଷ। ଆଖପାଖ ଗାଁ ଓ ଭୁବନେଶ୍ୱର-କଟକକୁ ମିଶାଇଲେ ଏ ସଂଖ୍ୟା ପ୍ରାୟ ୨୨ ଲକ୍ଷ ହେବ। ୨୦୧୧ ଜନଗଣନା ଅନୁଯାୟୀ ପୁରୀ ଜିଲ୍ଲାର ଲୋକସଂଖ୍ୟା ୧୭ ଲକ୍ଷ। ତେଣୁ ଭାବିବା ସମୀଚୀନ ଯେ ଏ ଜନସଂଖ୍ୟାରୁ ପ୍ରାୟ ୭/୮ ଲକ୍ଷ ଲୋକ ରଥଯାତ୍ରାକୁ ଆସୁଥିବେ। ଏହା ବାଦ୍ ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ର ଓ ଅନ୍ୟାନ୍ୟ ଅଞ୍ଚଳରୁ ବହୁ ଯାତ୍ରୀ ରଥଯାତ୍ରାକୁ ଆସନ୍ତି। ତେଣୁ ନିଶ୍ଚିତ ଭାବେ ୧୦ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେଉଛି। ବଡ଼ଦାଣ୍ଡର କ୍ଷେତ୍ରଫଳ ପ୍ରାୟ ୩ ଲକ୍ଷ ବର୍ଗ ମିଟର। ତେଣୁ ୧୨ ଲକ୍ଷ ଲୋକ ଚଳ ପ୍ରଚଳ ହେବା ପାଇଁ ଏ ସ୍ଥାନ ପର୍ଯ୍ୟାପ୍ତ ତ? ପୁରୀ ସହରର ଭିତିଭୂମି ଏତେ ସଂଖ୍ୟକ ଯାତ୍ରୀଙ୍କୁ ସେବା ଦେବା ପାଇଁ ଦୁର୍ବଳ। ଆସିବା ବଡ଼ଦାଣ୍ଡର ସୁବିଧା ସୁଯୋଗ ଉପରକୁ। ମୋ ଜାଣିବାରେ ଯାତ୍ରୀଟିଏ ମଳତ୍ୟାଗ କି ପରିସ୍ରା କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ବଡ଼ଦାଣ୍ଡରେ ଏ ପର୍ଯ୍ୟନ୍ତ ନାହିଁ। ଯେଉଁ ଟ୍ୟାଙ୍କି ଷ୍ଟାଣ୍ଡ ଅଛି, ସେଠି ଗୋଟେ ସୁଲଭ ଶୌଚାଳୟ ଅଛି। କିନ୍ତୁ ତାହା ସବୁବେଳେ ଦୁର୍ଲଭ, ସବୁବେଳେ ଚାବି ପଡ଼ିଥାଏ। ଏହା ଦୈନନ୍ଦିନ ବ୍ୟବସ୍ଥା। ଜାନିଯାତ୍ରା ସମୟରେ, ଖାସ୍ କରି ରଥଯାତ୍ରା ସମୟରେ ଯାତ୍ରୀମାନେ ଏ କାର୍ଯ୍ୟ ପାଇଁ କେତେ ଯେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଅଙ୍ଗେ ନିଭାଇ ଥିବା ଲୋକ ତାହା ଜାଣି ପାରିବେ। ସମୁଦ୍ର କୂଳ ଏ ସମୟରେ ଖୋଲା ପାଇଖାନାର ଭୂମିକା ନିର୍ବାହ କରେ। ରଥଯାତ୍ରା ଏବେ ନୂଆ ହେଉନାହିଁ। ଶହ ଶହ ବର୍ଷ ହେଲା ହୋଇ ଆସୁଛି। ମାତ୍ର ଏପରି ଏକ ମୌଳିକ ସମସ୍ୟା ପାଇଁ ସରକାର ନିର୍ବିକଷ୍ଟ କାହିଁକି, ଜାଣିହେଉ ନାହିଁ। ଦ୍ୱିତୀୟତଃ, ରଥଯାତ୍ରାର ଯଥେଷ୍ଟ ଆଗରୁ ଗଜପତି ଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ଓ ଅନ୍ୟ ସେବାୟତଙ୍କ ସହ ପ୍ରଶାସନର ଅନେକ ବୈଠକ ହୁଏ। ଏଥିରେ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ନିଷ୍ପତ୍ତି ନିଆଯାଏ। ମାତ୍ର ବହୁ ବର୍ଷର ଅଭିଜ୍ଞତାରୁ ଜଣାଯାଏ ଯେ ଏ ବୈଠକ କେବଳ ଔପଚାରିକତା। ଏଥିରେ ଗୃହୀତ ପ୍ରସ୍ତାବ କ୍ୱଚିତ କାର୍ଯ୍ୟକାରୀ ହୁଏ। ଗୋଟିଏ ଉଦାହରଣ ଦେବି। ରଥ ଉପରକୁ ଅଣସେବାୟତ ନ ଚଢ଼ିବା ପାଇଁ ପ୍ରସ୍ତାବ ପାରିତ ହୁଏ। ଏ ବର୍ଷ ମୁଖ୍ୟ ପ୍ରଶାସକଙ୍କ ତତ୍ପରତା ପାଇଁ ୪୫ ଜଣ ଅଣସେବାୟତଙ୍କୁ ରଥରୁ ଓହ୍ଲାଇ ଦିଆଗଲା। ଏ ସଂଖ୍ୟା କିନ୍ତୁ ୪୫ ଜଣରୁ ବହୁତ୍ ଅଧିକ। ଠାକୁରଙ୍କ ଆଗରେ ରଥରେ କେହି ସେବାୟତ ଛିଡ଼ା ହୋଇ ପାରିବେ ନାହିଁ ବୋଲି ପ୍ରସ୍ତାବ ଥିଲା। ମାନେ ଠାକୁର ଙ୍କୁ ଆଉଜି, ଠାକୁରଙ୍କ ହାତ ଉପରେ ହାତ ରଖି ଘଣ୍ଟା ଘଣ୍ଟା ଛିଡ଼ା ହେବା ଓ ପରସ୍ପର ମଧ୍ୟରେ ଥଟ୍ଟା ତାମସା ହେବା। ପ୍ରଶାସନ ଏଥିରେ ନିରବଦ୍ରଷ୍ଟା ଓ ଅସହାୟ।

ଏବେ ଆସିବା ଏବକାର ଦଳା ଚକଟା ଓ ତଜ୍ଜନିତ ଲୋକଙ୍କ ମୃତ୍ୟୁ ଉପରକୁ। ସମ୍ବାଦପତ୍ର ଓ ଦୂରଦର୍ଶନର ତଥ୍ୟ ଅନୁଯାୟୀ, ରାତି ପ୍ରାୟ ୨ଟା ବେଳେ ଲକ୍ଷ ଲକ୍ଷ ଲୋକ ରଥ ସମ୍ମୁଖରେ ଗୁଣ୍ଡିଚା ମନ୍ଦିର ଆଗରେ ଥିଲେ। ଠାକୁରଙ୍କୁ ପ୍ରାୟ ରାତି ୨.୩୦ ମିନିଟ ସମୟରେ ପହୁଡ଼ କରାଗଲା। ପହୁଡ଼ ଖୋଲିଲା ଭୋର ୫ଟାରେ। ଏହି ୩ ଘଣ୍ଟା ସମୟରେ ଯାତ୍ରୀଙ୍କ ଭିଡ଼ ବହୁତ୍ ବଢ଼ି ଯାଇଥିଲା। ଯଦି ପହୁଡ଼ ହୋଇ ନଥାନ୍ତା, ତା'ହେଲେ ଲୋକ ମାନେ ଦର୍ଶନ କରି ଫେରି ଯାଇଥାନ୍ତେ ଓ ପ୍ରବେଶ ଓ ପ୍ରସ୍ଥାନ ଲାଗି ରହିଥାନ୍ତା। କିନ୍ତୁ ପହୁଡ଼ ହେବାରୁ ଯାତ୍ରୀମାନଙ୍କର କେବଳ ପ୍ରବେଶ ହେଲା, ପ୍ରସ୍ଥାନ ହେଲାନାହିଁ। ଠାକୁରଙ୍କୁ ଅନିଦ୍ରା ରଖିବାରେ ଅସୁବିଧା କେଉଁଠି? ଗତ କେତେ ବର୍ଷ ହେଲା ଡିସେମ୍ବର ୨୪ ତାରିଖ ରାତି ଓ ଡିସେମ୍ବର ୩୧ ତାରିଖ ରାତିରେ ତ ଠାକୁରଙ୍କ ପହୁଡ଼ ହେଉନାହିଁ। କ'ଣ ଅସୁବିଧା ହେଉଛି? ଏ ବ୍ୟବସ୍ଥା ରଥଯାତ୍ରା ପାଇଁ ଲାଗୁହେଲା ନାହିଁ କାହିଁକି? ଶୁଣାଯାଏ ଯେ ଏ ସଂପର୍କରେ ନିର୍ଣ୍ଣୟ ନେବା ପାଇଁ କେହି ପ୍ରଶାସନିକ ଅଧିକାରୀ ସେଠାରେ ଉପସ୍ଥିତ ନଥିଲେ। ବିଳମ୍ବିତ ରାତିରେ ପୁଲିସ ବ୍ୟବସ୍ଥା ମଧ୍ୟ ଦୁର୍ବଳ ଥିଲା। କଲେକ୍ଟର ଓ ଏସପି ଯଦି ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ରହିବେ, ତେବେ ବ୍ୟବସ୍ଥାଟିକୁ ସୁରୁଖୁରୁରେ କରିଦେବେ।

ଶେଷରେ ଏତିକି କହିବି ଯେ ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ରଥଯାତ୍ରାର ସମସ୍ତ ଦିଗଗୁଡ଼ିକୁ ପୁନରାବଲୋକନ କରିବାକୁ ହେବ ଓ ତଦନୁଯାୟୀ ଉପଯୁକ୍ତ ପଦକ୍ଷେପ ନେବା ବୁଦ୍ଧିମତ୍ତାର କାର୍ଯ୍ୟ ହେବ। ରଥଯାତ୍ରାରେ ପ୍ରାଣ ହରାଇ ଥିବା ଲୋକମାନଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି। ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ। ଏ ଦୁର୍ଦ୍ଦଶାର ପୁନରାବୃତ୍ତି ନ ହେଉ।

ଶକ୍ତିବିହାର, ଭୁବନେଶ୍ୱର,
ମୋ: ୯୪୩୮୧୩୩୦୩୨

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ବେସରକାରୀ ଜମି ଅଧିଗ୍ରହଣ ଜନଶୁଣାଣି

**ପୁରୀ,୪।୭/ଏନ୍‌ଏନ୍‌ଏସ୍:** ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସୁରୁବୁଲି ଓ ଷଣ୍ଢପୁର ଗ୍ରାମ ଅଞ୍ଚଳରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ସବୁଜ ସଙ୍କେତ ମିଳିଥିବାରୁ ବେସରକାରୀ ଜମି ଅଧିଗ୍ରହଣ ନିମିତ୍ତ ଧାରା ୫ ଅନୁସାରେ ଆଜି ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସିପସୁରୁ ବୁଲି ଗ୍ରାମ ୧୩୩ କେଭି ଗ୍ରୀଡ ଷ୍ଟେସନ ନିକଟ ପଡ଼ିଆଠାରେ ଅନୁଷ୍ଠିତ ଏହି ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିବା ସହ ଏହି ବିମାନ ବନ୍ଦର ପ୍ରତିଷ୍ଠା ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଓ ପର୍ଯ୍ୟଟନ ପାଇଁ ଦେଶବିଦେଶରୁ ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ଏହାଦ୍ୱାରା ଅର୍ଥନୈତିକ ଅଗ୍ରଗତି, ରୋଜଗାରକ୍ଷମ ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ। ଉପଜିଲ୍ଲାପାଳ କହିଥିଲେ ଯେ ବିମାନ ବନ୍ଦର ପ୍ରତିଷ୍ଠା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୁବିଧା ମିଳିବ। ସ୍ଥାନୀୟ ଲୋକମାନଙ୍କୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ସୁବିଧା ମିଳିବ। କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାରୀ ନିୟମ ଅନୁସାରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ଭୂଅର୍ଜନ ଅଧିକାରୀ ନିରଞ୍ଜନ ବାରିକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିମାନ ବନ୍ଦର ପାଇଁ ମୋଟ ୧୧୬୪.୮୩୬ ଏକର ଜମିର ଆବଶ୍ୟକତା ଥିବା ସୂଚନା ଦେଇଥିଲେ। ସେଥି ମଧ୍ୟରୁ ସିପସୁରୁବୁଲି ଗ୍ରାମର ୧୫୩.୩୭୦ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବାର ଲକ୍ଷ୍ୟ ରହିଛି ବୋଲି କହିଥିଲେ। ଏହି ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ଏସ୍‌ଆଇଏ ୟୁନିଟ୍ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପକ୍ଷରୁ ନିର୍ଦ୍ଦେଶ ଅନୁଷ୍ଠାନ ପ୍ରସ୍ତୁତ କରିଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଡେପୁଟି ଆଡମିନିଷ୍ଟ୍ରେଟର୍ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ନିର୍ଦ୍ଦେଶ ପ୍ରତିନିଧି ଗିରିଧାରୀ ପଟ୍ଟନାୟକ, ବାଣିଜ୍ୟ ପରିବହନ ବିଭାଗ ଭୂ-ଅର୍ଜନ ଅଧିକାରୀ ଉମାକାନ୍ତ ବାରିକ, ବ୍ରହ୍ମଗିରି ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଗୋରୁଆଳ ସରପଞ୍ଚ ନିରଞ୍ଜନ ମିଶ୍ର, ସମିତି ସଭ୍ୟ ଜିତେନ୍ଦ୍ର ବେହେରା, ନାଏବ ସରପଞ୍ଚ କଲ୍ୟାଣୀ ଭୋଇ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ଉପସ୍ଥିତ ଜନସାଧାରଣ ମଧ୍ୟ ସେମାନଙ୍କ ସକରାତ୍ମକ ମତାମତ ପ୍ରଦାନ କରି ବିମାନ ବନ୍ଦରକୁ ସ୍ୱାଗତ ଓ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମତ ଦେଇଥିଲେ।

# ନବମୀ ସନ୍ଧ୍ୟାରେ ଦର୍ଶନ ଦେଲେ ମହାବାହୁ




**ପୁରୀ,୪।୭/ଏନ୍‌ଏନ୍‌ଏସ୍:** ଆଡ଼ପ ମଣ୍ଡପରେ ଶେଷ ହେଲା ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା। ରାତି ପାହିଲେ ଜନ୍ମବେଦୀ ଛାଡି ମହାପ୍ରଭୁ ବାହୁଡିବେ ରତ୍ନବେଦୀକୁ। ଅନ୍ୟପଟେ ସଂଧ୍ୟା ଦର୍ଶନ ଯୋଗୁଁ ଆଜି ଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରାହ୍ନ ୫ଟାରେ ବନ୍ଦ ହୋଇଥିଲା ଦର୍ଶନ। ଅନେକ ଭକ୍ତ ନ ଜାଣିପାରି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ। ରାତି ପାହିଲେ ବାହୁଡ଼ା ଯାତ୍ରା। ଏନେଇ ଆଜି ରାତିରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଶ୍ରୀ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଭକ୍ତମାନଙ୍କ ପାଇଁ ଜିକ୍ ଜ୍ୟାକ୍ ବ୍ୟାରିକେଡ୍‌ର ବ୍ୟବସ୍ଥା ହୋଇଥିଲା।

ସନ୍ଧ୍ୟା ଦର୍ଶନ ଅବଧିକୁ କମ୍ କରାଯାଇଥିବା ବେଳେ ଆସନ୍ତାକାଲି ବାହୁଡ଼ା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଆସନ୍ତାକାଲି ବାହୁଡାଯାତ୍ରାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ। ଆଜି ନବମୀ ତିଥିରେ ସନ୍ଧ୍ୟା ଦର୍ଶନରେ ବିଶ୍ୱନିଅନ୍ତାଙ୍କୁ ଦର୍ଶନ କରିଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଆଜି ଶ୍ରୀ ଗୁଣ୍ଡିଚା ମନ୍ଦିର ଦ୍ୱାରଫିଟା, ମଙ୍ଗଳ ଆଳତୀ, ରୋଷହୋମ, ଗୋପାଳ ବଲ୍ଲଭ, ସକାଳ ପ୍ରଥମ ଭୋଗମଣ୍ଡପ ଦ୍ୱିତୀୟ ଭୋଗମଣ୍ଡପ ଓ ସନ୍ଧ୍ୟା ଧୂପ ସରିଛି। ଆଜିର ନବମୀ ଦିନରେ ରାଜା ଇନ୍ଦ୍ରଦ୍ୟୁମ୍ନ ମହାପ୍ରଭୁଙ୍କ ଦର୍ଶନ କରିଥିବା ଯୋଗୁ ଆଜିର ଦର୍ଶନରେ ବିଶେଷ ମହତ୍ତ୍ୱ ରହିଛି। ସନ୍ଧ୍ୟା ଦର୍ଶନ ବନ୍ଦ ପରେ ଆରମ୍ଭ ହୋଇଛି ବାହୁଡ଼ା ନୀତି। କୋଠ ସୁଆଁସିଆମାନେ ସିଂହାସନକୁ ଚାରମାଳ ବାନ୍ଧିବା ଆରମ୍ଭ କରିଥିଲେ। ପରେ ଅନ୍ୟ ନୀତି ବଢ଼ିବା ସହ ଶ୍ରୀମୁଖ ଖଣ୍ଟୁଆ ହୋଇ ବଡ଼ସିଂହାର ବେଶରେ ପହୁଡ଼ ହେବେ ଶ୍ରୀଜିଉ। ସନ୍ଧ୍ୟା ଦର୍ଶନ ଅବଧିକୁ କମ୍ କରାଯିବା ସହ ନୀତିକାନ୍ତି ଶୃଙ୍ଖଳିତ ଥିବା ବରିଷ୍ଠ ସେବାୟତ ମତ ପ୍ରକାଶ କରିଛନ୍ତି। ସିଂହାସନକୁ ଚାରମାଳ ବାନ୍ଧିବାକୁ କୋଠ ସୁଆସିଆଙ୍କୁ ପ୍ରାୟ ୨ ଘଣ୍ଟା ଲାଗେ। ତା' ସହ ଅନ୍ୟାନ୍ୟ ନୀତି ବଢ଼େ। ତେଣୁ ଦର୍ଶନକୁ ଆଗୁଆ ବନ୍ଦ ରଖିଲେ ହିଁ ବାହୁଡ଼ା ଯାତ୍ରା ଶୃଙ୍ଖଳିତ ହେବ ବୋଲି ସେବାୟତ ଓ ପ୍ରଶାସନିକ ଅଧିକାରୀ ମତ ପ୍ରକାଶ କରିଥିଲେ। ସେପଟେ ବାହୁଡ଼ା ଯାତ୍ରା ପାଇଁ ଅଧିକ ପୁଲିସ ଫୋର୍ସ ମୁତୟନ କରିଛି ପୁଲିସ। ଦୁଇ ଦ୍ୱାରରେ ବନ୍ଧୁକଧାରୀ ପୁଲିସ ରହିଥିବା ବେଳେ ସ୍ପେଶାଲ ଟାକ୍ଟିକାଲ୍ ୟୁନିଟ୍‌କୁ ମଧ୍ୟ ମୁତୟନ କରାଯାଇଛି। ସେପଟେ ସିସିଟିଭି ବଳୟ ଭିତରେ ରହିଛି ଗୁଣ୍ଡିଚା ମନ୍ଦିର।

ଆଜି ସକାଳୁ ଆରମ୍ଭ ହୋଇଥିଲା ସର୍ବସାଧାରଣ ଦର୍ଶନ। ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍‌ରେ ଦୀର୍ଘ ସମୟ ଅପେକ୍ଷା କରି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିଥିଲେ। ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ ପରେ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଆଜି ଆଡ଼ପ ମଣ୍ଡପରେ ଶେଷ ଦର୍ଶନ ହୋଇଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଥିଲା। ଝିପିଝିପି ବର୍ଷା ଓ ଗୁଳୁଗୁଳି ସତ୍ତ୍ୱେ ଭକ୍ତମାନଙ୍କ ମଧ୍ୟରେ ଦର୍ଶନ ପାଇଁ ଉତ୍କଣ୍ଠା କମି ନ ଥିଲା। ଆଜି ପାଖାପାଖି ବଡ଼ଶଙ୍ଖ ଛକ ପର୍ଯ୍ୟନ୍ତ ଭକ୍ତମାନଙ୍କ ଧାଡ଼ି ଲମ୍ବିଯାଇଥିଲା। ପରେ ଧୀରେ ଧୀରେ ଧାଡ଼ି କମି ଭୋଳାନାଥ ବିଦ୍ୟାପୀଠ ପର୍ଯ୍ୟନ୍ତ ରହିଥିଲା। ତେବେ ସନ୍ଧ୍ୟା ୫ଟାରେ ସେହି ବ୍ୟାରିକେଡ୍‌କୁ ବନ୍ଦ କରି ଦିଆଯାଇଥିଲା। ଯେଉଁ ଭକ୍ତମାନେ ବ୍ୟାରିକେଡ୍‌ରେ ଛିଡ଼ା ହୋଇଥିଲେ କେବଳ ସେମାନେ ହିଁ ଶେଷ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିଥିଲେ। ନବମୀ ସନ୍ଧ୍ୟା ଦର୍ଶନରେ ମହାପ୍ରଭୁଙ୍କୁ ଦର୍ଶନ କରି ଭକ୍ତ ନିଜକୁ କୃତାର୍ଥ ମନେ କରିଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ ସହ ସେଡ୍‌ର ବ୍ୟବସ୍ଥା ହୋଇଥିଲା। ଅନ୍ୟପଟେ ଦର୍ଶନ ବନ୍ଦ ହେବ ପରେ ଯେଉଁ ଭକ୍ତମାନେ ଆଡ଼ପ ଅଭଡ଼ା ପାଇପାରି ନଥିଲେ ସେମାନେ ନାକଚଣା ଦ୍ୱାରା ଦେଇ ଆନନ୍ଦ ବଜାରକୁ ପ୍ରବେଶ କରି ଅଭଡ଼ା ପାଇଥିଲେ।

ନବମୀ ସନ୍ଧ୍ୟା ଦର୍ଶନର ସ୍ୱତନ୍ତ୍ରତା ରହିଛି। ବର୍ଷ ତମାମ ଶ୍ରୀମନ୍ଦିରରେ ଦର୍ଶନ କଲେ ଯେତିକି ପୁଣ୍ୟ ମିଳିଥାଏ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଗୋଟିଏ ଦିନ ଦର୍ଶନ କଲେ ସେତିକି ପୁଣ୍ୟ ମିଳିଥାଏ। ବିଭିନ୍ନ ଶାସ୍ତ୍ର, ପୁରାଣରେ ବର୍ଣ୍ଣନା ଅନୁଯାୟୀ ନବମୀ ସନ୍ଧ୍ୟା ଦର୍ଶନ ଦିନ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରି ଆଡ଼ପ ମଣ୍ଡପରେ ଦର୍ଶନ ଓ ବ୍ରାହ୍ମଣ ଭୋଜନ କରିବା ଦ୍ୱାରା କୋଟି ଜନ୍ମର ପୁଣ୍ୟ ମିଳିଥାଏ। ଏହି କାରଣରୁ ନବମୀ ସନ୍ଧ୍ୟା ଦର୍ଶନ ପାଇଁ ସମଗ୍ର ଗୁଣ୍ଡିଚା ମନ୍ଦିର ଓ ଶରଧାବାଲି ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିଲା। ଅପରାହ୍ନ ୫ଟା ପରେ ଦର୍ଶନ ବନ୍ଦ ହୋଇଥିବାରୁ ଅନେକ ଭକ୍ତ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଅନ୍ୟପଟେ ଆଜି ଶେଷ ଆଡ଼ପ ଅଭଡ଼ା ହୋଇଥିବାରୁ ଅଭଡ଼ା ଟିକେ ପାଇବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବେଶ୍ ଗହଳି ପରିଲକ୍ଷିତ ହୋଇଥିଲା। ସେପଟେ ଆସନ୍ତାକାଲି ବାହୁଡ଼ା ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଏଥିସହ ଆଜି ରାତିରେ ମହାପ୍ରଭୁଙ୍କ ସେନାପଟା ଲାଗି, ବାହୁଟକଣ୍ଠି ଓ କୁସୁମୀ ଲାଗି ଆଦି ସ୍ୱତନ୍ତ୍ର ନୀତିକାନ୍ତି ମାନ ଅନୁଷ୍ଠିତ ହେବ। ଜନ୍ମ ବେଦୀ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ନୀଳକନ୍ଦରକୁ ବାହୁଡ଼ିଯିବେ ମହାବାହୁ।

## ଶ୍ରାବଣ ପୂର୍ବରୁ ପରିବା ଦର ଆକାଶଛୁଆଁ

**ନୟାହାଟ,୪।୭/ଏନ୍‌ଏନ୍‌ଏସ୍:** ଶ୍ରାବଣ ମାସ ପୂର୍ବରୁ ନୟାହାଟ ବଜାରରେ ପରିବା ଦର ଆକାଶ ଛୁଆଁ ହୋଇଛି। ବାଇଗଣ କିଲୋ ୮୦ ଟଙ୍କା ହୋଇଥିବାବେଳେ ପୋଟଳ ୮୦, କାଙ୍କଣ ୧୦୦, ବିନ୍ ୧୨୦, ଝୁଡୁଙ୍ଗ ୬୦, କଲରା ୮୦, ଭେଣ୍ଡି ୫୦, ସାରୁ ୫୦, ବିଲାତି ବାଇଗଣ ୭୦ ଟଙ୍କାରେ ମିଳୁଛି। ନୟାହାଟ ବଜାର ହେଉ ଅଥବା ସାପ୍ତାହିକ ହାଟରେ କଞ୍ଚା ପରିବା ଦର ବଢ଼ିବାରେ ଲାଗିଛି। ଯାହାଫଳରେ ଖାଉଟିମାନଙ୍କ ପକେଟ୍‌କୁ ବେଶୀ ବାଧୁଛି। କେବଳ ଘର ଚଳାଇବା ପାଇଁ ସେମାନେ ୫୦୦ଗ୍ରାମରୁ କମ୍ ଓଜନର ପରିବା କିଣୁଛନ୍ତି। ୫୦୦ ଟଙ୍କାରେ କଞ୍ଚା ପରିବା ବ୍ୟାଗ୍ ପୂରୁନି। ନୟାହାଟ ବଜାରରେ ଆଳୁ ପିଆଜକୁ ଛାଡ଼ିଦେଲେ ଆଉ ସବୁ ପରିବା ଦର ୫୦ ଟଙ୍କା ଉପରେ ରହିଛି। ଏପରି ସ୍ଥିତିରେ ଆଳୁ ଖାଉଟିଙ୍କ ଭରସା ପାଲଟିଛି। ଆଳୁ କିଲୋ ୨୦ଥିବା ବେଳେ ପିଆଜ ୨୫ ଟଙ୍କା ରହିଛି। ଜହ୍ନି କିଲ ୬୦ ଟଙ୍କା ଉପରେ ରହିଛି। ସାପ୍ତାହିକ ହାଟରେ ବ୍ୟବସାୟୀମାନେ ଚଢ଼ା ଦରରେ ପରିବା ବିକୁଛନ୍ତି। ନୟାହାଟ ପରିବା ବ୍ୟବସାୟୀ ସଂଘର ସଭାପତି କେଦାର ସାହୁ କହିଛନ୍ତି ଯେ ବର୍ଷା ଓ ଅନ୍ୟ ଅଞ୍ଚଳରେ ବନ୍ୟା ଯୋଗୁଁ କଞ୍ଚା ପରିବାର ମୂଲ୍ୟ ବୃଦ୍ଧି ପାଇଛି। ସେହିପରି ଅଧିକାଂଶ ପରିବା ଅନ୍ୟ ରାଜ୍ୟରୁ ଆସୁଥିବାରୁ ଦର ଅଧିକ ରହୁଛି। ଆନ୍ଧ୍ରରୁ ସଜନା ଛୁଇଁ, ତାମିଲନାଡୁରୁ କଖାରୁ, ବିଟ୍, ପଶ୍ଚିମବଙ୍ଗରୁ ପୋଟଳ, କଲରା, ଭେଣ୍ଡି ଓ ଆଳୁ ଆସୁଛି। ଆମ ରାଜ୍ୟର ସମ୍ବଲପୁର, ନୟାଗଡ଼, ଆଠଗଡ଼, ବାଙ୍କୀ ଭଳି କେତେକ ଅଞ୍ଚଳରୁ ପରିବା ଆସୁଥିଲେ ମଧ୍ୟ ତାହାର ପରିମାଣ ବହୁତ କମ୍। ଆଉ କିଛି ଦିନ ମଧ୍ୟରେ ନୟାହାଟ ଅଞ୍ଚଳର ସରାକୁଳ, ଧୁମାଳ, ସୋରବା ବେଟେଣ୍ଡା, କପାସି, ଗୁଣ୍ଡର, କୃଷ୍ଣପ୍ରସାଦ ପ୍ରମୁଖ ଅଞ୍ଚଳରୁ ଦେଶୀ ବିନ୍, କାଙ୍କଡ଼, ପୋଟଳ, କଲରା ବଜାରକୁ ଆସିବ। ତଥାପି ପରିବା ଦର ଅଧିକ ରହିବ ବୋଲି ଚାଷୀ ରବୀନ୍ଦ୍ର ଭୋଇ, ଦିଲ୍ଲୀପ ବସ୍ତିଆ ପ୍ରକାଶ କରିଛନ୍ତି। ଅନେକ ବ୍ୟବସାୟୀଙ୍କ କହିବା ମୁତାବକ ବର୍ଷାଦିନ ହୋଇଥିବାରୁ ପରିବା ଆସିପାରୁନି। ଏହା ବ୍ୟତୀତ ବାହାର ରାଜ୍ୟରୁ ସବୁ ପରିବା ଆସୁଛି। ଆଗକୁ ଶ୍ରାବଣ ମାସ ଥିବାରୁ ପରିବା ଦର ଆହୁରି ବଢ଼ିପାରେ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି।

## ବିଭିନ୍ନ ସ୍ଥାନରେ ଚାରାରୋପଣ

**ଖଣ୍ଡପଡ଼ା,୪।୭/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧିନ କୋସ୍କା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ନୟାଗଡ ଜିଲ୍ଲା ଇକୋ କ୍ଲବର ମୁଖ୍ୟ ପ୍ରଶିକ୍ଷକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମାଗୁଣି ପ୍ରଧାନ, ପ୍ରମୋଦ କୁମାର ପଣ୍ଡା, ସଞ୍ଜୟ ଲେଙ୍କା, ରମାକାନ୍ତ ସେଠୀ, ଆଲୁମିନ କମିଟି ସଭାପତି ଶୁକ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ପ୍ରଧାନ, ସ୍ୱେଚ୍ଛାସେବୀ ପ୍ରମୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସିଂଘାପଡ଼ା ବନପାଳ କୈଳାସ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ନାୟକ, ବନବିଭାଗ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମିଳିତ ହୋଇ ଅନୁଷ୍ଠାନ ପରିସରରେ ବଉଳ, ଅଁଳା, ଅଶୋକ, ଚମ୍ପା, ବାହାଡ଼ା ଆଦି ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁରେଶ ବେହେରା ଓ ଶିକ୍ଷୟିତ୍ରୀ ପ୍ରଭାସିନୀ ଜାନି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲା ବେଳେ ଶିକ୍ଷକ ମନୋରଞ୍ଜନ ସାହୁ ଧନ୍ୟବାଦ୍ ଦେଇଥିଲେ।

**ଗୋପ:** ବେଗୁନିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୬ତମ ବନ ମହୋତ୍ସବ ସପ୍ତାହ ୨୦୨୫ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପରିବେଶବିତ୍ ପ୍ରାଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଉତ୍ସର୍ଗ ପରିବାରର ସମ୍ପାଦକ ବିଷ୍ଣୁମୋହନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ଧରିତ୍ରୀ ମାଆ ପାଇଁ ଗଛଟିଏ ଲଗାଇ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ର ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ମମତା ମହାନ୍ତି, ସମିତା ରାଉତରାୟ, ମାନସୀ ସାହୁ, ଗାୟତ୍ରୀ ଦାସ ଏବଂ ଉତ୍ସର୍ଗ ପରିବାରର ସଦସ୍ୟ ଦୀପ୍ତିରଞ୍ଜନ ପ୍ରଧାନ ଓ ଜଗନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଉସୀ ମା' ପ୍ରସ୍ତୁତ କରୁଛନ୍ତି ପୋଡ଼ପିଠା



**ପୁରୀ,୪।୭/ଏନ୍‌ଏନ୍‌ଏସ୍:** ନବଦିନାତ୍ମକ ଘୋଷଯାତ୍ରା ସାରି ଆସନ୍ତାକାଲି ଶ୍ରୀମନ୍ଦିରକୁ ବାହୁଡ଼ି ଯିବେ ମହାପ୍ରଭୁ। ଆଉ ଫେରିବା ବାଟରେ ବଡ଼ଦାଣ୍ଡ ସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖରେ ଅଟକିବ ରଥ। କାରଣ ଶ୍ରଦ୍ଧାରେ ମାଉସୀ ମା' ପ୍ରସ୍ତୁତ କରୁଛନ୍ତି ପୋଡପିଠା। ଏହି ପୋଡ଼ପିଠା ବ୍ରହ୍ମାଣ୍ଡକର୍ତ୍ତାଙ୍କୁ ଖୁଆଇ ମାଉସୀ ମା' ମେଲାଣି ଦେବେ। ବିଶ୍ୱାସ ଓ ପରମ୍ପରା ଅନୁଯାୟୀ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶିନୀ ମାଉସୀ ମା' ଶ୍ରୀକ୍ଷେତ୍ରକୁ ସୁରକ୍ଷା ଯୋଗାଇ ଆସୁଛନ୍ତି।

ଜନଶ୍ରୁତି, ବିଶ୍ୱାସ ଅନୁଯାୟୀ ବଡ଼ଦାଣ୍ଡର ମଧ୍ୟଭାଗରେ ଥିବା ଶ୍ରୀ ଜଗନ୍ନାଥଙ୍କ ମାଉସୀ ହେଉଛନ୍ତି ଅର୍ଦ୍ଧାଶିନୀ ବା ଅର୍ଦ୍ଧଶୋଷିନୀ। ପ୍ରଳୟ ଜଳକୁ ଶୋଷଣ କରୁଥିବାରୁ ତାଙ୍କର ଏପରି ନାଁ। ପ୍ରାକୃତିକ ଦୁର୍ବିପାକରୁ ସେ ଶ୍ରକ୍ଷେତ୍ରକୁ ସୁରକ୍ଷା ଦେଇଥାନ୍ତି। ପରମ୍ପରା ଅନୁଯାୟୀ ବାହୁଡ଼ା ଦିନ ରଥ ଶ୍ରୀମନ୍ଦିର ଅଭିମୁଖେ ଫେରୁଥିବା ସମୟରେ ମାଉସୀ ମା' ପ୍ରସ୍ତୁତ କରିଥିବା ପୋଡ଼ପିଠା ପୁତୁରା, ଝିଆରୀଙ୍କୁ ଆଦର ଓ ଶ୍ରଦ୍ଧାରେ ଖୁଆଇବେ। ଏହା କାହିଁ କେଉଁ କାଳର ପରମ୍ପରା ବୋଲି ମାଉସୀ ମା'ଙ୍କ ସେବାୟତ ବିଶ୍ୱନାଥ ମିଶ୍ର କହିଛନ୍ତି। ତେଣୁ ମାଉସୀ ମା'ଙ୍କ ନିର୍ଦ୍ଦେଶରେ ସେବକମାନେ ବେଶ୍ ନିଷ୍ଠାର ସହ ପୋଡ଼ପିଠା ପ୍ରସ୍ତୁତ କରୁଛନ୍ତି। ବିଧି ଓ ପରମ୍ପରା ଅନୁଯାୟୀ ହେରାପଞ୍ଚମୀ ଦିନ ପାରମ୍ପରିକ ବିଧିରେ ଚୁଲି ନିର୍ମାଣ କରାଯାଇ ପୋଡ଼ପିଠା ପ୍ରସ୍ତୁତ ହେଉଛି। ଛେନା, ଅଟା, ଚିନି, ଅଳେଇଚ, ଲବଙ୍ଗ, ପିସ୍ତା ବାଦାମ ଏବଂ ଘିଅର ଏକ ମିଶ୍ରଣ ପ୍ରସ୍ତୁତ ହୁଏ। ଇଟାରେ ଚୁଲି ପ୍ରସ୍ତୁତ କରି ଚୁଲିରେ ପାଣିହାଣ୍ଡି ବସାଇ ଏହାକୁ ଗରମ କରାଯାଏ। ହାଣ୍ଡି ଉପରେ ଏକ ଜାଲି ପଡ଼ିଥାଏ। ଜାଲିରେ ଏକ ପାତ୍ର ପକାଯାଇ ଅଟା ମିଶ୍ରଣକୁ ରଖାଯାଏ।

ଗରମ ପାଣିରୁ ନିର୍ଗତ ବାଷ୍ପରେ ୭ରୁ ୮ ଘଣ୍ଟା ଏହି ମିଶ୍ରଣ ସିଝିଥାଏ। ଏହା ସମ୍ପୂର୍ଣ୍ଣ ମିଶି ପାଗ ହୋଇଯିବା ପରେ ତାହାକୁ ଓହ୍ଲାଇ ଥଣ୍ଡା କରାଯାଏ। ପରେ ତାହାକୁ ସାଇଜ୍ କରି କଟାଯାଇ ଭଲ ଘିଅରେ ଛଣାଯାଏ। ୩ଟି କୁଡୁଆରେ ରଖି ଏହାକୁ ମହାପ୍ରଭୁଙ୍କ ରଥ ନିକଟରେ ଭୋଗ କରାଯାଏ। ବର୍ଷକରେ ଗୋଟିଏ ଥର ଏହି ଭୋଗ ହେଉଥିବାରୁ ଏହାର ବ୍ୟବସାୟୀକରଣ ଅର୍ଥାତ୍ ପୋଡ଼ପିଠା ବିକ୍ରୀ କରାଯାଏ ନାହିଁ। ବାହୁଡ଼ା ଯାତ୍ରାରେ ଫେରିବା ବେଳେ ତିନି ରଥ ମାଉସୀ ମା' ମନ୍ଦିର ନିକଟରେ ଅଟକିଯାଏ। ପ୍ରତି ରଥ ପାଖରେ କୁଡୁଆରେ ପୋଡ଼ପିଠା ଲାଗି ହୋଇଥାଏ। ଏହା ପରେ ଭୋଗ ହୋଇଥିବା ଏହି ପିଠାକୁ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଏ। ତେବେ ଭକ୍ତମାନେ ମହାପ୍ରଭୁଙ୍କ ଏହି ଅତିପ୍ରିୟ ପୋଡ଼ପିଠା ପାଇ ନିଜକୁ ବେଶ୍ ଭାଗ୍ୟବାନ ମନେ କରିଥାନ୍ତି।

## ଆଞ୍ଚଳିକ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ

**ଖଣ୍ଡପଡ଼ା,୪।୭/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ୪୧ ତମ ପ୍ରତିଷ୍ଠା ଦିବସ ସଂଘ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ସଂଘ ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସଂଘର ସଦସ୍ୟମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ଉନ୍ନତିକରଣ ନିମନ୍ତେ ବିଧାୟକ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ ବୋଲି ଏ ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ସଂଘର ସମସ୍ତ ସଦସ୍ୟ ବିଧାୟକଙ୍କ ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ସଂଘ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସାମ୍ବାଦିକମାନେ ସର୍ବଦା ସଠିକ, ତଥ୍ୟଭିତ୍ତିକ, ନିର୍ଭିକ ଓ ନିରପେକ୍ଷ ଖବର ପରିବେଷଣ ପ୍ରତି ଗୁରୁତ୍ୱ ଦେଲେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ସାମ୍ବାଦିକତାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ଭବାନୀଶଙ୍କର ସିଂହସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା, କଣ୍ଟିଲୋ,ଭାପୁର ଓ ନୟାଗଡ ଅଞ୍ଚଳରେ କାର୍ଯ୍ୟରତ ୪୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

### ୪ ହଜାର ଟଙ୍କା ପାଇଁ ପିଟିପିଟି ମାରିଦେଲେ

# ଦୁଇ ଭାଇ ସମେତ ୩ ଗିରଫ



**ଖୋର୍ଦ୍ଧା,୪।୭/ଏନ୍‌ଏନ୍‌ଏସ୍:** ବାକି ଚାରି ହଜାର ଟଙ୍କା ନ ଦେବାରୁ ଆରମ୍ଭ ହୋଇଥିଲା ବଚସା। ବଚସାରୁ ହୋଇଛି ହତ୍ୟାକାଣ୍ଡ। ଦୁଇଭାଇଙ୍କ କାଠ ଫାଳିଆରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଟଣୀ ବିକାଶ ନଗର ହିରଣ୍ୟ ବେହେରା। ପୁଲିସ ମୃତ ଦେହ ଜବତ ସହ ହତ୍ୟାକାଣ୍ଡର ଖୁଲାସା କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ପଦନପୁର ଗ୍ରାମର ଭୀମରାଜ ମହାନ୍ତି (୩୮), ତା'ର ଭାଇ ସୁରେଶ ମହାନ୍ତି (୩୬) ଏବଂ ସମ୍ପର୍କୀୟ ସଦରଥାନା ଅନ୍ତର୍ଗତ ଦଧିମାଛଗାଡିଆର ବିକ୍ରମ ଦାସ (୨୮)। ସେମାନଙ୍କ ଠାରୁ ଓଆର୦୨-ବିଇ-୫୬୧୧ ନଂ ର ଟାଟା ଏସିଇ, ଓଆର୦୨-ବିଡବ୍ଲ୍ୟୁ-୯୮୯୫ନଂର ସିଡି ଡିଲେକ୍ସ ବାଇକ୍, ଓଡି୦୨-ସିସି ୯୫୭୮ନଂର ଓଲା ସ୍କୁଟର, ଓଆର୦୨-ବିଏଚ୍-୩୭୦୭ନଂ ର ଯାତ୍ରାବାହୀ ଅଟୋ, ୨ଟି କାଠ ଫାଳିଆ, ମୃତକଙ୍କ ମୋବାଇଲ ଫୋନ୍ ପୁଲିସ ଜବତ କରିଛି ବୋଲି ଏସପି ସାଗରିକା ନାଥ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁଲିସ ଘଟଣାର ସିନ୍ ରିକ୍ରିଏସନ୍ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉକି, ଗତ ୨୮ ତାରିଖ ଅପରାହ୍ନରେ ମୃତକ ହିରଣ୍ୟ ତା'ର ଦୁଇ ସାଙ୍ଗ ରାମ ଓ ବାବୁଙ୍କ ସହ ରାଜାବଜାର ଅଞ୍ଚଳରେ ବୁଲୁଥିବା ସମୟରେ ଭୀମ ସହ ଦେଖା ହୋଇଥିଲା। ଭୀମ ପେଟି କଣ୍ଟ୍ରାକ୍ଟର୍ ଭାବେ କାମ କରୁଥିବାବେଳେ ହିରଣ୍ୟଠାରୁ ଲୋକ ନେଇ ସେ କାମରେ ଲଗାଉଥିଲେ। ସେଠାରେ ହିରଣ୍ୟ ବାକିଥିବା ଚାରି ହଜାର ଟଙ୍କା ଭୀମଙ୍କୁ ମାଗିବାରୁ ଆରମ୍ଭ ହୋଇଥିଲା ବଚସା। ଭୀମ ତାଙ୍କୁ ୫ ଶହ ଟଙ୍କା ଦେଇଥିଲେ। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ବଳକା ଟଙ୍କା ଦାବି କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ, ଠେଲାପେଲା ହୋଇଥିଲା। ଏପରିକି ଟଙ୍କା ନଦେଲେ ଆକ୍ରମଣ କରିବାକୁ ଧମକ ଦେଇଥିଲେ। ଭୀମଙ୍କର ଏକ ଟାଟାଏସିଇ ଗାଡ଼ିକୁ ହିରଣ୍ୟ ଛଡାଇନେଇଥିବାବେଳେ ଟଙ୍କା ଫେରାଇଲେ ଦେବେ ବୋଲି କହିଥିଲେ। ଏନେଇ ଭୀମ ତା'ର ଭାଇ ସୁରେଶକୁ ଜଣାଇଥିଲା। ସନ୍ଧ୍ୟାରେ ଭୀମ ଘରେ ଥିବା ସମୟରେ ଟାଟାଏସିଇ ଧରି ହିରଣ୍ୟ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲା। ଉଭୟଙ୍କ ମଧ୍ୟରେ ବଚସା ଚାଲିଥିବା ବେଳେ ଅଭିଯୁକ୍ତଙ୍କ ଭାଇ ସୁରେଶ ପହଞ୍ଚି ପରିସ୍ଥିତିକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ତେବେ ହିରଣ୍ୟ ସେମାନଙ୍କୁ ଛାଡ଼ିବେ ନାହିଁ ବୋଲି ଧମକ ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ହିରଣ୍ୟଙ୍କ ମୁଣ୍ଡକୁ ଶକ୍ତ ଆଘାତ କରିଥିଲେ ଦୁଇ ଭାଇ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହକୁ ଉଭୟ ଦୁଇଭାଇ ଦଧିମାଛଗାଡ଼ିଆର ବିକ୍ରମ ସହାୟତାରେ ଫୋପାଡ଼ିବାକୁ ଯୋଜନା କରି ବନ୍ଧାପୋଖରୀ ନିକଟରେ ସୁରେଶଙ୍କର ଅଟୋରେ ଆଣି ଫୋପାଡ଼ି ଅଟୋକୁ ଦଧିମାଛଗାଡ଼ିଆରେ ଲୁଚାଇ ରଖିଥିଲେ। ପୁଲିସ୍ ୨୯ ତାରିଖ ଦିନ ମୃତଦେହ ଜବତ ସହ ଅନୁସନ୍ଧାନ ଚଳାଇଥିଲା। ଖୋର୍ଦ୍ଧା ଏସ୍‌ପିଙ୍କ ନିର୍ଦ୍ଦେଶରେ ତିନୋଟି ଟିମ୍ ଏହି ଘଟଣାର ଅନୁସନ୍ଧାନ କରିଥିଲେ। ଘଟଣାର ୫ ଦିନ ପରେ ପୁଲିସ ଏହାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ତିନି ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଖୋର୍ଦ୍ଧା ଏସପି ସୂଚନା ଦେଇଛନ୍ତି।

## ବାହୁଡ଼ାଯାତ୍ରା ଓ ସୁନାବେଶ ପାଇଁ ଆଇନ ମନ୍ତ୍ରୀଙ୍କ ଆଲୋଚନା

**ପୁରୀ,୪।୭/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ବାହୁଡ଼ା ଓ ପଅରଦିନ ସୁନାବେଶ ପାଇଁ ଆଜିଠାରୁ ନୀତିକୁ ଶୃଙ୍ଖଳିତ କରାଯାଉଛି। ସେବାୟତ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ସ୍ଥାପନ କରି ନୀତି ଓ ଦର୍ଶନକୁ ବ୍ୟବସ୍ଥିତ କରାଯାଉଥବା କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଜି ପୁରୀ ଗୁଣ୍ଡିଚା ଘରେ ସେବାୟତ ଓ ପ୍ରଶାସନ ମଧ୍ୟରେ ଆଇନ ମନ୍ତ୍ରୀ ଆଲୋଚନା କରିବା ସହ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲରୁମ୍‌ରୁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ମହାପ୍ରଭୁଙ୍କର ପବିତ୍ର ବାହୁଡ଼ା ଯାତ୍ରା ଏବଂ ସୁନାବେଶ ସହିତ ସମ୍ପୃକ୍ତ ସମସ୍ତ ସେବାୟତ ସମୟ ଅନୁଯାୟୀ ନୀତି କାନ୍ତି କରିବେ। ରଥଯାତ୍ରା ଓ ନୀତି କାନ୍ତି ନେଇ ରାଜନୀତି କରୁଥିବା ଲୋକଙ୍କୁ ଉତ୍ତର ଦେବା ପାଇଁ ମୁଁ ଉତ୍ତରଦାୟୀ ନୁହେଁ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ଏଆଇ କ୍ୟାମେରା ଲାଗିଛି। କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ଅନୁଧ୍ୟାନ କରାଯାଉଛି। ଚଳିତ ଥର ପ୍ରଥମ ଥର ପାଇଁ ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଟ୍ରାଫିକ୍ ଓ ଗହଳି ନିୟନ୍ତ୍ରଣ ପାଇଁ ଏହା ବେଶ୍ ସହାୟକ ହେଉଛି। ଆଡ଼ପ ମଣ୍ଡପରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଛି। ମନୁଷ୍ୟକୃତ ଭୁଲ୍ ଯୋଗୁ ଗୁଣ୍ଡିଚା ମନ୍ଦିରଠାରେ ଅଘଟଣ ଘଟିଥିଲା। ତେବେ କ୍ୟାମେରା ଲାଗି ନଥିବା କଥାକୁ ମନ୍ତ୍ରୀ ଏଡ଼ାଇ ଯାଇ ଥିଲେ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଥିଲେ।

## ଶ୍ରୀରାମ ଅବତାରରେ ଦର୍ଶନଦେଲେ ମହାପ୍ରଭୁ

**ଦଶପଲ୍ଲା,୪।୭/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପରେ ମହାପ୍ରଭୁ ପତିତପାବନଙ୍କ ଶ୍ରୀରାମ ଅବତାର ଦର୍ଶନ କଲେ ଶହ ଶହ ଶ୍ରଦ୍ଧାଳୁ। ନବମ ଦିନରେ ମହାପ୍ରଭୁ ପତିତପାବନ ଶ୍ରୀରାମ ଅବତାରରେ ଭକ୍ତଜନଙ୍କୁ ଦର୍ଶନ ଦେଇଛନ୍ତି। ଶହ ଶହ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଳତି ଦେଖିବାକୁ ଭିଡ଼ ଜମାଇଥିଲେ। ମହାପ୍ରଭୁଙ୍କ ଶ୍ରୀରାମ ଅବତାର ହେଉଛି ନବମ ଅବତାର। ଅସୁର ରାଜା ରାବଣର ଅତ୍ୟାଚାରରେ ଦେବତା ଓ ମୁନିଋଷି ଗଣ ଭୟଭୀତ ହୋଇ ପଡ଼ିଥିବା ବେଳେ ଅସୁରମାନଙ୍କଠାରୁ ଦେବତାମାନଙ୍କୁ ରକ୍ଷା କରିବା ଏବଂ ଧର୍ମରାଜ ବିଭୀଷଣଙ୍କ ଦ୍ୱାରା ଲଙ୍କାରେ ଧର୍ମ ପ୍ରତିଷ୍ଠା ପାଇଁ ମହାପ୍ରଭୁ ଶ୍ରୀରାମ ଅବତାର ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ତତ୍ତ୍ୱ ଅନୁଯାୟୀ ଆଜିର ଦିନରେ ରାଜା ବିଭୀଷଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀରାମ ଅବତାରରେ ବିଭୀଷଣଙ୍କୁ ଦର୍ଶନ ଦିଅନ୍ତି। ଏଣୁ ନବମୀ ତିଥିରେ ମହାପ୍ରଭୁ ଶ୍ରୀରାମ ଅବତାରରେ ସମସ୍ତ ଭକ୍ତଗଣଙ୍କୁ ଦର୍ଶନ ଦେଇଥାନ୍ତି। ବିଶେଷ ଭାବେ ଆଡ଼ପ ମଣ୍ଡପରେ ଆଜିର ଦିନରେ ବହୁ ସାଜସଜ୍ଜା ଦେଖିବାକୁ ମିଳିଥାଏ। ଦଶପଲ୍ଲାରେ ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀର ପ୍ରତ୍ୟକ୍ଷ ହୋଇଥିବାରୁ ଆଡ଼ପ ମଣ୍ଡପରେ ମହାପ୍ରଭୁ ପତିତପାବନଙ୍କୁ ଶ୍ରୀରଘୁନାଥ (ଶ୍ରୀରାମ)ଙ୍କ ବେଶରେ ବହୁ ସାଜସଜ୍ଜା କରାଯାଇଥାଏ। ଏପରିକି ଆଜିର ଦିନରେ ମହାପ୍ରଭୁ ତାଙ୍କର ସମସ୍ତ ଅଳଙ୍କାର ପରିଧାନ କରିଥାନ୍ତି। ଯାହାକୁ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥାଏ।

## ୧୧ରେ ସମ୍ବିଧାନ ବଞ୍ଚାଅ ମହାସମାବେଶ

# ଜିଲ୍ଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଚଲୋ ଡାକରା



**ଜଗତସିଂହପୁର,୪।୭/ଏନ୍ଏନ୍ଏସ୍:** ଆସନ୍ତା ଜୁଲାଇ ୧୧ ତାରିଖରେ ଭୁବନେଶ୍ୱର ଠାରେ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସହା ସମାବେଶ ହେବାକୁଯାଉଛି । ନାରୀ ନିର୍ଯାତନା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାରେ ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଆଦି ପ୍ରତିବାଦରେ ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ପଡିଆ ଠାରେ କଂଗ୍ରେସ ପକ୍ଷରୁ ମହା ସମାବେଶର ଡାକରା ଦିଆ ଯାଇଥିବା, ମଧ୍ୟାହ୍ନରେ ଜଗତସିଂହପୁର ସଦର ମହକୁମା ନିକଟସ୍ଥ ଯୋଗଧାରୀ ସ୍ଥିତ ସର୍କିଟ୍ ହାଉସ ପରିଷରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସମ୍ବିଧାନ ବଞ୍ଚାଅ ସମାବେଶ ନିମନ୍ତେ ପ୍ରସ୍ତୁତି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଜୟ କୁମାର ଲଲ୍ଲୁ ଯୋଗଦେଇ ସୂଚନା ପ୍ରଦାନ କରିଛନ୍ତି । ଏହି ମହା ସମାବେଶରେ ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ, ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦକ କେ.ସି ବେନୁଗୋପାଲ ପ୍ରମୁଖ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କଳାକାର ନାମା ସମ୍ପର୍କରେ ଅଭିଭାଷଣ ଦେଇ ସମ୍ବିଧାନ ବଂଚାଅ ଦାବି କରିବେ ବୋଲି ଶ୍ରୀ ଲଲ୍ଲୁ ସୂଚନା ପ୍ରଦାନ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ଅଧ୍ୟକ୍ଷତା କରି ଏହି ସମାବେଶକୁ ସଫଳ କରିବା ପାଇଁ ଜଗତସିଂହପୁର ଜିଲ୍ଲାରୁ ବିପୁଳ ସଂଖ୍ୟାରେ ୧୧ ତାରିଖରେ ଭୁବନେଶ୍ୱର ଚାଲୋ ଡାକରାକୁ ଉପସ୍ଥିତ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ନେତା /ନେତ୍ରୀ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ବୈଠକରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳିର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ଜଗତସିଂହପୁର ସାଂସଦସ୍ତରୀୟ କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ପାରାଦୀପ ନିର୍ବାଚନ ସ୍ତରୀୟ ନେତା ନିରଞ୍ଜନ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ ପ୍ରମୁଖ ଯୋଗ ଦେଇ ସମାବେଶକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପ-ସଭାପତି ମହନି ଚରଣ ରାଉତ, ନେଉଗାଁ ବ୍ଲକର ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୁଲିଆ ସଂଘର ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ବରିଷ୍ଠ କଂଗ୍ରେସ ନେତା ରୋହିତ କୁମାର ସେଠୀ, ଅଭୟ କୁମାର ମହାନ୍ତି, ମାନସ କୁମାର ରଥ, ବିକ୍ରମ ପରିଡା, ବିରେନ କୁମାର ଦଳାଇ, ସର୍ବେଶ୍ୱର ପଣ୍ଡା, କେଦାର ବିଶ୍ୱାଳ, ସୌମ୍ୟଜିତ୍ ଦାଶ, ଦିପ୍ତୀ ରାଣୀ ପ୍ରଧାନ, ରୂପଶ୍ରୀ ରାଗିଣୀ ଦାସ, ସମିର ଖୁଣ୍ଟିଆ, ମନୋରଞ୍ଜନ ଜେନା, ସୁବ୍ରତ କୁମାର ରାୟ, ମନୋଜ ଦାଶ, କୃଷ୍ଣ ଚନ୍ଦ୍ର ପ୍ରଧାନ, ଅବନିକାନ୍ତ ମହାରଣ, ସ୍ୱରୂପ କାନୁନଗୋ, ପଙ୍କଜ କୁମାର ପଣ୍ଡା, ରାଜେନ୍ଦ୍ର ସ୍ୱାଇଁ, ଉମେଶ ସ୍ୱାଇଁ ପ୍ରମୁଖ ଜିଲ୍ଲାର ବିଭିନ୍ନ ପ୍ରାନ୍ତରର ନେତା , ନେତ୍ରୀ, ଯୁବ ନେତା ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ସମ୍ବିଧାନ ବଂଚାଅ ସମ୍ପର୍କରେ ନିଜ ନିଜ ମତଦାନ କରିଥିଲେ । ପ୍ରାରମ୍ଭରେ ବର୍ଷିୟାନ କଂଗ୍ରେସ ନେତା ତଥା ପୂର୍ବତନ ସରପଂଚ ମୁରଲୀଧର ରଥଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରର୍ଥନା କରା ଯାଇଥିଲା ।

# ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

**ରାଜନଗର,୪।୭/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଡା. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶତବାର୍ଷିକ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ପୌରହିତ୍ୟ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡା. ପ୍ରଣତି ନାୟକ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ରାଜଶ୍ରୀ ସାମନ୍ତ, ଅଧ୍ୟାପକ ପ୍ରତାପ ସ୍ୱାଇଁ, ସଂଗ୍ରାମକେଶରୀ ବେହୁରା ବିଚାରକ ଭାବେ ମୂଲ୍ୟାୟନ କରିଥିଲେ । ନୂତନ ଭାରତବର୍ଷ ଗଠନରେ ଡା. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଭୂମିକା ରହିଥିଲା । ଛାତ୍ରଛାତ୍ରୀମାନେ ଡା. ମୁଖାର୍ଜୀଙ୍କର ଭାରତୀୟ ସମ୍ବିଧାନ, ରାଜନୀତିରେ ଗୁରୁତ୍ୱ ଓ ଅଖଣ୍ଡ ଭାରତବର୍ଷ ନିର୍ମାଣରେ ତାଙ୍କର ଉଲ୍ଲେଖନୀୟ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ଏହି ପ୍ରତିଯୋଗୀତାରେ ଶୁଭଶ୍ରୀ ବଳ(ପ୍ରଥମ), ସ୍ୱର୍ଣ୍ଣଲତା ଦାସ(ଦ୍ୱିତୀୟ) ଓ ଶ୍ରାବଣୀ ସ୍ୱାଇଁ(ତୃତୀୟ) ସ୍ଥାନ ଅଧିକାର କରିଛନ୍ତି ।

# କ୍ୱାର୍ଟର୍ସକୁ ଭଡ଼ା ଦେଇଛନ୍ତି ଜେଇ



**କେନ୍ଦ୍ରାପଡ଼ା,୪।୭/ଏନ୍ଏନ୍ଏସ୍:** ମାର୍ଶାଘାଇ ଜଳସମ୍ପଦ ବିଭାଗରେ ଅଚଳାବସ୍ଥା ଦେଖାଦେଇଛି । ଦିନ ୧୧ଟାରୁ ଅପରାହ୍ଣ ୪ଟା ମଧ୍ୟରେ ଯେତେବେଳେ ଯେଉଁ କାମରେ ଯିବେ ଜଳସମ୍ପଦ ବିଭାଗର ଜେଇଙ୍କ କାର୍ଯ୍ୟାଳୟରେ ତାଲା ପଡିଥିବାର ଦେଖିବାକୁ ମିଳିଥାଏ । ମାର୍ଶାଘାଇ ଜଳସମ୍ପଦ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ । ନଦୀନାଳ ଘେରା ମାର୍ଶାଘାଇ ବ୍ଲକର ଅନେକ ଅଞ୍ଚଳରେ ଜଳସେଚନ ବିଭାଗ ପକ୍ଷରୁ ରାସ୍ତାଘାଟ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ହୋଇଥାଏ । କିନ୍ତୁ ଜେଇଙ୍କର ଦେଖାଦର୍ଶନ ମିଳେନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଳସେଚନ ବିଭାଗ କାର୍ଯ୍ୟାଳୟ ପରିସରରେ ଜେଇ.ଙ୍କ ପାଇଁ ମିଳିଥିବା କ୍ୱାର୍ଟରଟିକୁ ମହାଶୟ ଭଡାରେ ଦେଇ ସେ ଏଠାରୁ ୧୦ କି.ମି ଦୂର କେନ୍ଦ୍ରାପଡାରେ ଭଡାରେ ରହୁଛନ୍ତି । ସେ ଯେଉଁ କ୍ୱାର୍ଟର୍ସଟିକୁ ଭଡାରେ ଦେଇଛନ୍ତି ତାର ଭଡା କିଏ ଆଦାୟ କରୁଛି ତାହା ତଦନ୍ତ ସାପେକ୍ଷ । ବିଭିନ୍ନ କାର୍ଯ୍ୟ ନେଇ ଜଳସେଚନ ବିଭାଗକୁ ସାଧାରଣ ଲୋକେ ଯାଇଥାନ୍ତି । କିନ୍ତୁ ଜେଇଙ୍କ କାର୍ଯ୍ୟାଳୟରେ ତାଲା ପଡିଥିବାର ଦେଖି ନିରାଶରେ ଫେରିଥାନ୍ତି । ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିଲେ ମଧ ଜେଇଙ୍କ ଖାମଖିଆଲ ନୀତି ଏବଂ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବେଖାତିର କରି କାର୍ଯ୍ୟାଳୟରେ ତାଲା ପକାଇ ସେ କେଉଁଆଡେ ଯାଉଛନ୍ତି ତାହା ଏସ୍.ଇ ତଦନ୍ତ କରିବା ନିହାତି ଜରୁରୀ ଅଟେ ।

# ଜିଲ୍ଲା ଆଇନ୍‌ସେବା ପକ୍ଷରୁ ବନମହୋତ୍ସବ

**କେନ୍ଦ୍ରାପଡ଼ା,୪।୭/ଏନ୍ଏନ୍ଏସ୍:** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଶ୍ୟାମସୁନ୍ଦରପୁର ନୋଡାଲ ହାଇସ୍କୁଲ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ତଥା ମାନ୍ୟବର ଜିଲ୍ଲା ଦୌରାଜଜ ଲୁନା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଜ ବିଜୟ କୁମାର ପାତ୍ର, ଦେବାଶିଷ ପଣ୍ଡା, ପ୍ରଜ୍ଞା ପରମିତା ରାଉଳ, ବିଷ୍ଣୁଦେବ ଜେନା, ଶୁଭ ଗୌତମ ମିଶ୍ର, ଋତୁପର୍ଣ୍ଣା ମିଶ୍ର, ଚିନ୍ମୟୀ ଜେନା, ସୁଜିତ କୁମାର ଦାସ ପ୍ରମୁଖଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଜିଲ୍ଲା ବନ ଅଧିକାରୀ ନରେଶ କୁମାର ଟୁଡୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ଔଷଧୀୟ ଗଛ ରୋପଣ କରାଯିବା ସହିତ ସେହି ପରିସରରେ ଔଷଧୀୟ ବୃକ୍ଷର ଏକ ବଗିଚା କରାଯାଇଛି ।

## ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଡିଜେ ଗାଡ଼ି

# ଜଣେ ମୃତ, ୫ ଗୁରୁତର

**ଢେଙ୍କାନାଳ,୪।୭/ଏନ୍ଏନ୍ଏସ୍:** ବାହାଘର ବରଯାତ୍ରୀ ଶୋଭାଯାତ୍ରାରେ ଘଟିଛି ଅଘଟଣ । ବରଯାତ୍ରୀ ଡିଜେ ଗାଡ଼ିରେ ଲାଗିଯାଇଛି ୧୧କେଭି ବିଦ୍ୟୁତ ତାର । ଫଳରେ ବିଦ୍ୟୁତ ସକ ଲାଗି ଜଣେ ବରଯାତ୍ରୀର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲା ତୁମୁସିଂହା ଥାନା କଦଳୀ ପାଳ ଗ୍ରାମରେ ଘଟିଛି ଏହି ଅଘଟଣ । ଗୁରୁତରମାନଙ୍କୁ ପ୍ରଥମେ ସ୍ଥାନୀୟ ଅଁଳାବେରଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମାତ୍ର ତାଙ୍କ ଭିତରୁ କେତେକଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ହେବାରୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି । ତେବେ ଢେଙ୍କାନାଳ ଡାକ୍ତରଖାନାରେ ମଣ୍ଟୁ ପଲେଇ ନାମକ ଜଣେ ଯୁବକର ମୃତ୍ୟୁ ଘଟିଛି । ମୃତ ମଣ୍ଟୁ ପଲେଇ ଢେଙ୍କାନାଳ ସହରର ଗୁଡିଆନାଳୀ ଅଞ୍ଚଳର ବୋଲି ଜଣାପଡିଛି । ଢେଙ୍କାନାଳ ସହର ଗୁଡ଼ିଆ ନାଳୀରୁ ଏହି ବାହାଘର ତୁମୁସିଂହା ଥାନା ଅନ୍ତର୍ଗତ କଦଳୀ ପାଳ କନ୍ଧ ସାହି ଝିଅ ଘରକୁ ଯାଉଥିଲା । କଦଳୀ ପାଳ ଠାରେ ରାସ୍ତା ପାର୍ଶ୍ୱରେ ଝୁଲି ରହିଥିବା ୧୧କେଭି ବିଦ୍ୟୁତ୍ ତାରରେ ଡିଜେ ଗାଡିର ଉପର ଭାଗ ଲାଗି ଯାଇଥିଲା । ଫଳରେ ଡିଜେ ଗାଡ଼ି ହାଇ ଭୋଲ୍ଟେଜ ବିଦ୍ୟୁତ କରେଣ୍ଟରେ ଚାର୍ଜ ହୋଇଯାଇଥିଲା । ଡିଜେ ଗାଡି ଉପରେ ନାଚୁଥିବା ଏହି ବରଯାତ୍ରୀର ଯୁବକମାନେ ବିଦ୍ୟୁତ୍ କରେଣ୍ଟର ଶିକାର ହୋଇଥିବା ଜଣାପଡିଛି । ଚିକିତ୍ସିତ ହେଉଥିବା ଆହତମାନେ ଢେଙ୍କାନାଳ ସହର ଗୁଡ଼ିଆନାଳୀର ମଣ୍ଟୁ ଦେହୁରୀ, କଣ୍ଟାନାଳୀ ବାଇପାସର ସାୟାନ ନାଏକ, ତୁମୁସିଂହା ଥାନା ଅନ୍ତର୍ହତ କନ୍ତିଓ କାଟେଣି ଗ୍ରାମର ନିଶିକାନ୍ତ ପଳେଇ, ଭୁବନ ଜିରାଳର ସାହିଲ ସାହୁ,କଦଳୀ ପାଳ ଗ୍ରାମର ସୁନୀଲ ପଳେଇ ବୋଲି ଜଣାପଡିଛି । ଏହି ଘଟଣା ପରେ ତୁମୁସିଂହା ଥାନା ପୁଲିସ ଡିଜେ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଶ୍ରୀ ଶ୍ରୀ ଧନଲକ୍ଷ୍ମୀଙ୍କ ପ୍ରତିଷ୍ଠା ଉତ୍ସବ

**ଢେଙ୍କାନାଳ,୪।୭/ଏନ୍ଏନ୍ଏସ୍:** ଢେଙ୍କାନାଳ ଜବାହାରଚୌକସ୍ଥିତ ପୂଜା ମଣ୍ଡପରେ ଶ୍ରୀ ଶ୍ରୀ ଧନଲକ୍ଷ୍ମୀଙ୍କର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି । ନୀତିକାନ୍ତି ପୂଜା ସହ ଷୋଡଶ ଉପଚାରରେ ଅତି ଆଡମ୍ବର ସହ ମା' ମହାଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଅଛି । ବିଭିନ୍ନ ପ୍ରକାର କାକରା, ପୁଳି, ପିଠା, କ୍ଷୀରି, ମିଠା ଆଦି ୧୩ ପ୍ରକାର ଫଳମୂଳ ମା' ଙ୍କ ପୂଜା ପ୍ରତିଷ୍ଠାରେ ଲାଗି କରାଯାଇଥିଲା । ପୂଜକ ଲିଙ୍ଗରାଜ ପତି ଶର୍ମା, କର୍ତ୍ତା ଦୀପକ କୁମାର ଦାସ, କର୍ତ୍ତୀ ଅଞ୍ଜନା ଦାସ, ସଭାପତି ଅଶୋକ କୁମାର ସ୍ୱାଇଁ, ସମ୍ପାଦକ ନବୀନ ଦଳେଇ, ଅଧକ୍ଷ ନବୀନ ଚନ୍ଦ୍ର ନାରାୟଣ ଦାସ ଏବଂ ଜବାହର ଚୌକର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମା' ଧନଲକ୍ଷ୍ମୀଙ୍କର ପ୍ରତିଷ୍ଠା ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ବନମହୋତ୍ସବ ସପ୍ତାହ



**ଯାଜପୁର,୪।୭/ଏନ୍ଏନ୍ଏସ୍:** ନନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପରିବେଶ ସମିତି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଦଶରଥପୁର ବ୍ଲକର ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ତଥା ମୁଖ୍ୟ ଅତିଥି ଅର୍ଣ୍ଣଦା ପ୍ରସାଦ ରଣକ୍ଷଙ୍କ ଦ୍ୱାରା ଉଦଘାଟନ ହୋଇଯାଇଛି । ବର୍ଷା ଋତୁରେ ବୃକ୍ଷ ରୋପଣ କରି ତାହାର ଯତ୍ନ ନେଇ କିପରି ପରିବେଶ ସୁରକ୍ଷା କରାଯାଇ ପାରିବ ତାହା ସେ ବର୍ଣ୍ଣନା କରିଥିଲେ । ରିଜିଓନାଲ ମହାବିଦ୍ୟାଳୟର ଅଧକ୍ଷ ଶାନ୍ତନୁ କୁମାର ନାୟକ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ବୃକ୍ଷ ରୋପଣର ମହତ୍ତ୍ୱ ଓ ଏହାର ଉପାଦେୟତା ସମ୍ବନ୍ଧରେ ଅଲୋଚନା କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପରିଡା ସାମ୍ମାନୀୟ ଅତିଥି ରୂପେ ଯୋଗଦେଇ ବନ ମହୋତ୍ସବ ପାଳନଓ ବୃକ୍ଷ ରୋପଣ ସମ୍ବନ୍ଧରେ ଆଲୋଚନା କରିଥିଲେ । ନନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୁପ କୁମାର ଧଳ, ସଭାପତି ରୂପେ ସଭା ପରିଚାଳନା କରିଥିଲେ । ସମିତିର ସମ୍ପାଦକ ଡା. ଶରତ କୁମାର ସାହୁ ଆଲୋଚନା ଚକ୍ର ଓ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପେର ସୂଚନା ପ୍ରଦାନ କରିଥିଲେ । ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଷ୍ଣୁ ଚରଣ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ପରିବେଶ ସଚେତନତା ବିଶେଷତଃ ବୃକ୍ଷ ରୋପଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଇକୋ କ୍ଲବର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର, ପ୍ରମାଣପତ୍ର ଓ ଏକ ଫଳ ଗଛ ଚାରା ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଉକ୍ତ ବିଦ୍ୟାଳୟର ଛାତ୍ରୀମାନେ ସଂଗୀତ ପରିବେଷଣ କରିଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସରୋଜ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଆଜି ସକାଳେ ବୃକ୍ଷ ରୋପଣ ଓ ପରିବେଶ ସଚେତନତା ପାଇଁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ନନ୍ଦିପୁର ବଜାରରେ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରାଯାଇଥିଲା । ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । କୃତି ପ୍ରତିଯୋଗୀ ଓ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଗୋଟିଏ ଫଳ ଗଛ ଚାରା ବଣ୍ଟନ ସହିତ ଅନ୍ୟାନ୍ୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗଛ ଚାରା ବଣ୍ଟନ କରାଯାଇଥିଲା । ଦବଳଗିରିର ପ୍ରକୃତି ବନ୍ଧୁ ପ୍ରଣତି ପ୍ରୀତି ନନ୍ଦା ନାୟକ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଗୋଟିଏ ଗଛ ଚାରା ପ୍ରଦାନ କାରିଥିଲେ । ଉକ୍ତ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ,ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃକ୍ଷ ରୋପଣ କରିଥିଲେ । ଆଲୋଚନା ଚକ୍ରରେ ବିଦ୍ୟାଳୟର ଶିକ୍ଷଜ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି ପରିବେଶ ଦିବସ ପାଳନରେ ସହଯୋଗ କରିଥିଲେ ।

# କଳାହୀରା ସହରରେ ହାତୀ ଆତଙ୍କ

**ତାଳଚେର,୪।୭/ଏନ୍ଏନ୍ଏସ୍:** ତାଳଚେର ବନାଞ୍ଚଳ ଅନ୍ତର୍ଗତ ଭରତପୁର ଠାରୁ ନନ୍ଦିରା ଦେଇ ହିଙ୍ଗୁଳା ଯାଇଥିବା ରାସ୍ତା ମଝିରେ ଦୁଇଟି ଦନ୍ତାହାତୀ ଘୁରୀବୁଲୁଥିବାରୁ ସେହି ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି । ଗତକାଲି ପ୍ରାୟ ବଳଣ୍ଡା ପାଖାପାଖି ଅଞ୍ଚଳରେ ହାତୀପଲ ରହିଥିଲେ ।

**OFFICE OF THE PANCHAYAT SAMITI CHILIKA** i-188

At/Po: Gangadharpur, Dist: Khordha, Odisha, Pin-752034

Phone : 06756-255026, E-mail : ori-chilika@gramsat.nic.in

Letter No. 1726 Dt.30.06.2025

**DETAIL TENDER CALL NOTICE NO. 01/CPS/2025-26**

1. Number of Civil works : 4 (Four)
2. Estimated cost : As per DTCN
3. Period of completion : 06 (Six) calendar months
4. Availability of tender online for bidding : 03.07.2025 at 11.00 AM to 17.07.2025 up to 5.0 PM
5. Last date / time of seeking tender clarification : 17.07.2025 up to 5.00 PM
6. Date & time of opening of tender : 18.07.2025 at 11.00 AM
7. Further the details can be seen from the website (http://www.tenderodisha.gov.in)

Sd/- Block Development Officer, Chilika

OIPR-19387/11/0005/2526

B-262

**GOVERNMENT OF ODISHA**

**Office of the Superintending Enigneer**

**Bhanjanagar (R&B) Division, Bhanjanagar**

(Phone/Fax : (06821) 241133 / E-mail: eembbngr@yahoo.in)

Ltr. No. 6203 // Dtd. 02.07.2025

**INVITATION FOR BIDS (IFB)**

**E-Procurement Bid Identification No. S.E - BNJ-R&B-04 / 2025-26**

1. Name of work : Electrical Works
2. No. of works : 1 No. Electrical Work
3. No. of Covers : Single Cover
4. Estimated cost : Rs.48.42 lakhs
5. Period of completion : Three calendar month
6. Date of time of availability of bid document in the portal : From 12.00 Noon of dated 09.07.2025 to 5.00 PM of dated 19.07.2025
7. Last date / time for receipt of bids in the portal : Up to 5.00 PM of dated 19.07.2025
8. Date of opening of bid documents : At 11.00 AM of dated 21.07.2025
9. Class of contractor : "HT" Elect. Contractor
10. Name and address of the officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The addendum / corrigendum if any will be hosted in the website only.

Sd/- Superintending Engineer, Bhanjanagar (R&B) Division

OIPR-34015/11/0028/2526

C-616

**OFFICE OF THE GENERAL MANAGER, WATCO DIVISION, CUTTACK**

Telephone/e-mail/Fax : 0671-2547115/gmwatcoctc@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. GMWATCO (W)-06/2025-26 Dtd. 02.07.2025**

Name of the work : Supplying, installation, testing & commissioning of water purifier cooler (80/20 SS UV model) at different Hostel's inside SCBMCH, Cuttack

1. Estimated cost : Rs.31.38 Lakhs (Approx.)
2. Period of completion : 1 (One) month
3. Date & Time of availability of bid document in the portal : From 11 AM of dt.07.07.2025 to 5.00 PM of dt.15.07.2025
4. Last date / time of receipt of bids in the portal : 15.07.2025 up to 05.00 PM
5. Date & time of opening of bids : 16.07.2025 at 12.30 PM
6. Name and address of the Officer Inviting Bid : The General Manager, WATCO Division Cuttack-753003, Odisha, Ph. (0671)-2547115, email : gmwatcocto@gmail.com
7. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

Sd/- General Manager, WACTO Division, Cuttack

OIPR-13170/11/0037/2526

B-267

**OFFICE OF THE SUPERINTENDING ENGINEER**

**GOVERNMENT OF ODISHA "e" procurement Notice**

E-mail Id : eepwdcuttack2@gmail.com,

Tel./Fax No. (0671) - 2973399

**e-Procurement Notice for Building works**

**Bid Identification No. S.E. CTC (R&B) - II-07 of 2025-26**

1. Name of the work : 01 Nos of Building works
2. Estimated Cost : Rs.51,99,382.00/-
3. Period of completion : 4 (Four) calendar months
4. Date & time of sale & receipt of bid document : From 05.07.2025 to 5PM of 21.07.2025
5. Last date / time of receipt of bids : 5 PM of 21.07.2025
6. Date & time of opening of Bids : 11AM of 22.07.2025
7. Name & address of the officer inviting bid : Superintending Enigneer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersodisha.gov.in

Any addendum / corrigendum / cancellation of tender can also be seen in the said website.

Sd/- Superintending Engineer, Cuttack (R&B) Division No-II

OIPR-34137/11/0020/2526

**AFFIDAVIT**

By virtue of an affidavit sworn before the Executive Magistrate, Kanika on dtd 04.07.2025; I Tapan Sahoo S/o- Trilochan Sahoo, resident of Vill- Tarapada, P.O.- Koilipur, P.S.- Rajkanika, Dist.- Kendrapara hereby declare that my actual name is Tapan Sahoo as recorded in my Caste Certificate & Bank Pass Book etc but in my Aadhaar Card bearing No.- 6622 8141 0890, my name has been wrongly mentioned as Tapan Sahu instead of Tapan Sahoo. Now I want to rectify such error & record my name as Tapan Sahoo S/o- Trilochan Sahoo in place of Tapan Sahu S/o- Trilochan Sahu in my above mentioned Aadhaar Card.

**AFFIDAVIT**

By virtue of an affidavit sworn before the Executive Magistrate, Puri, affidavit no. 3752, dtd. 19.06.2025, I, Mamata Mallick, W/o- Saroj Kumar Mallick, permanent resident of Gopalji Nagar, Gopalpur, Near Bhoisahi, Ps- Talabania, Dist-Puri, Pin-752002 do hereby declare that I have changed my name from Lija Jally (Old name) to Mamata Mallick (New name). Henceforth, I shall be known as Mamata Mallick for all purposes.

Mamata Mallick

**AFFIDAVIT**

By virtue of an affidavit sworn before the Executive Magistrate, Puri, affidavit no. 391, dtd. 30.06.2025, I, Pramila Devi, W/o- Shridhar Panda, permanent resident of Biman Badu Sahi, Baseli Sahi, Puri-1, Ps- Baseli Sahi, Dist-Puri, Pin-752001 do hereby declare that I have changed my name from Pramila Panda (Old name) to Pramila Devi (New name). Henceforth, I shall be known as Pramila Devi for all purposes.

Pramila Devi

O-384

**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER**

**RURAL WORKS CIRCLE, RAYAGADA**

Email ID-ccerwcrayagada@gmail.com

**1st Corrigendum**

Letter No. 1323 Date: 03.07.2025

In Continuation to this office bid identification No. NCB-11/ RWCRGDA/2025-26 invited vide this office letter No-1154 dated-13.06.2025 partial modification of TCN has been made as follows:

| Sl.No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.20.06.2025 at 11.00 A.M. to Dt.11.07.2025 Up to 5.00 P.M. | Extended up to 5.00 PM of 16.07.2025 |
| 2 | Date & time of seeking tender clarification if any | Dt.10.07.2025 Up to 5.00 P.M. | Dt.15.07.2025 Up to 5.00 P.M. |
| 3 | Date & time of opening of tender (Technical Bid) | Dt.14.07.2025 At 11.00 A.M. | Dt.17.07.2025 At 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

Chief Construction Engineer, Rural Works Circle, Rayagada

OIPR-25196/11/0021/2526

O-375

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER ,RWSS DIVISION, KORAPUT**

e-mail-eerwss_kpt@rediffmail.com Ph.No. 06852-250281(Off) Ph.No. 06852-250680 (Res) Fax.No.06852-251098.

**National Competitive Bidding Through E-Procurement**

**Tender Identification No. 07/SE/RWSS/KPT/2025-26/30.06.2025**

The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | Power supply to PWS Point at Alasidusura inconnection with PWS to Dusura G.P Hataguda under Semiliguda Block . |
| 2 | Time period for completion | 2 (Two) Months. |
| 3 | Estimated Cost. | 6.49 Lakhs |
| 4 | Total Nos of works | 1 nos. |
| 5 | Tender cost | Rs.4,000.00 |
| 6 | Class of Contractor. | HT, (Elect.) |
| 7 | Availability of Bid document in the web site | Dt. 10.07.2025 at 17.00 hours to 19.07.2025 up to 17.00 hours. |
| 8 | Date of Seeking clarification. | During the Office hours of 10.07.2025 to 18.07.2025 |
| 9 | Date of Opening of Bid. | Dt. 21.07.2025 at 11.00 AM |

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Sd/- Superintending Engineer, RWS&S. Division, Koraput

OIPR-25034/11/0041/2526

**AFFIDAVIT**

By virtue of an affidavit sworn before Notary Public, Balliguda dated 24.06.2025, I Sanju Malik, Wife of Late Subas Mallick of Village- Barikia, P.O- Midiakia, P.S- Balliguda, Dist- Kandhamal, PIN- 762109, Odisha have changed the name of my minor son from "SUBENDU MALLICK" to "SUBENDRA MALLICK", and henceforth he shall be known as "SUBENDRA MALLICK" for all purpose.

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

[illegible] the Chief Project Manager, Gati Shakti, [illegible] ଟେଣ୍ଡର ନୋଟିସ୍ ନଂ: E-KGP-GS-05-2025, [illegible] www.ireps.gov.in [illegible] www.ireps.gov.in [illegible] (PR-356)

A-363

**OFFICE OF THE EXECUTIVE ENGINEER**

**BRUTANG IRRIGATION DIVISION:DASAPALLA,NAYAGARH**

E-mail: eebiddasapalla@gmail.com

ଓଡ଼ିଶା ସରକାର

**NOTICE INVITING TENDER**

Bid Identification No.EE-BID-BIP-02(01) of 2025-26, Dt.26.06.2025

'e' Procurement Notice No. EE-BID-02(01)/2025-26, Dt.26.06.2025

Invites online percentage rate tender in single cover through e-procurement for execution of the Electrical works. The bid should be submitted by eligible class of contractors obtained from Electrical Licensing Board of Odisha .

1. Type of Work : Electrification of Administrative building for Chief Construction Engineer, Brutang & Hadua Irrigation Project, At-Dasapalla Irrigation Colony,District-Nayagarh
2. Total No. of Works : 01 nos.
3. Approximate value of work : Rs. 30.85 lakh/- (Excluding GST)
4. Tender Paper Cost : Rs. 6,000/-
5. Bid Security/E.M.D : Rs.30,900/-
5. Period of Completion : 04 (four calendar months).
6. Class of Contractor : Electrical Contractor License Class HT

| | e-procurement Notice No. | | Availability of online viewing of Tender prior to Bidding | | Submission &Availability bid on-line | Date & time of opening of Bid |
|---|---|---|---|---|---|---|
| | | | From | To | | |
| 1 | 2 | | 3 | 4 | 6 | 7 |
| EXECUTIVE ENGINEER, BRUTANG IRRIGATION DIVISION, AT/PO-DASAPALLA, DIST-NAYAGARH, ODISHA, PIN-752084. | EE,BID – 02(01)/2025-26 | Rs. 30.85/- (Excluding GST) | 07.07.2025 (10.00 AM) | 21.07.2025 (up to 5.00 PM) | 07.07.2025 (10.00 AM) to 21.07.2025 (up to 5.00 PM) | 22.07.2025 at 11:00 AM |

Date of opening of bid :Dt-22.07.2025 at 11.00 AM in the O/O the Executive Engineer, Brutang Irrigation Division, Dasapalla, Nayagarh, Odisha, PIN-752084.

Further details can be seen from the Govt. Website www.tendersorissa.gov.in

The Corrigendum/ cancellation of Tender, if any, will be uploaded and can be seen from the above website only.

Sd/- Executive Engineer, Brutang Irrigation Division, Dasapalla

OIPR-32553/11/0001/2526

ନିତିଦିନ NITIDIN



## ତୃତୀୟ ପୃଷ୍ଠାରୁ

### ଟ୍ରାଫିକ୍ ଆଡ୍‌ଭାଇଜରୀ ଜାରି ...

ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ୍‌ଗୁଡ଼ିକ ମାଳତିପାଟପୁର ବସ୍‌ଷ୍ଟାଣ୍ଡରେ ରହଣି କରିବେ। ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ୍ ଫ୍ଲୋରିସ୍ ଇଣ୍ଡିଆଠାରେ ରହିବେ। କୋଣାର୍କ ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ୍‌ଗୁଡିକ ସ୍ୱାମୀ ନାରାୟଣ ମନ୍ଦିର ଠାରେ ରହଣି କରିବେ। ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ନିୟମିତ ଯାତ୍ରୀବାହୀ ବସ୍ ମାଳତିପାଟପୁର ବ୍ରିଜ୍, ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେଶନ ଛକ ଦେଇ ତାଳବଣିଆ ବସ୍ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ପୁଣି ସେଠାରୁ ଗ୍ରୀଡ୍ ଷ୍ଟେଶନ ଛକ, ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକଠାରୁ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ। ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ନିୟମିତ ଯାତ୍ରୀବାହୀ ବସ୍ ମଙ୍ଗଳାଘାଟ ଛକ, ମାଳତିପାଟପୁର ବ୍ରିଜ୍, ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେଶନ୍ ଛକ ଦେଇ ତାଳବଣିଆ ବସ୍ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ପୁଣି ସେଠାରୁ ଗ୍ରୀଡ୍ ଷ୍ଟେଶନ ଛକ, ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକ ଠାରୁ ବ୍ରହ୍ମଗିରି ପାଇଁ ପ୍ରସ୍ଥାନ କରିବେ। କୋଣାର୍କ ପଟୁ ଆସୁଥିବା ସମସ୍ତ ନିୟମିତ ଯାତ୍ରୀବାହୀ ବସ୍ ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେଶନ ଛକ ଦେଇ ତାଳବଣିଆ ବସ୍ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ପୁଣି ସେଠାରୁ ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନ ମାଳତିପାଟପୁର ବ୍ରିଜ୍, ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେଶନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର୍ ଷ୍ଟାଡିୟମ୍, ଉଦ୍ୟାନ କୃଷି ପଡ଼ିଆ ଓ ସ୍ୱଚ୍ଛ ମାଛ ବଜାର ଠାରେ କ୍ରମାନ୍ୱୟରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ପୁଣି ସେଠାରୁ ପିକେଆର୍ ଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୁଦାନ ଛକ, ଗ୍ରୀଡ୍ ଷ୍ଟେଶନ୍ ଛକ, ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକଠାରୁ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ। ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ମଙ୍ଗଳାଘାଟ ଛକ ଠାରୁ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଯିବେ ଓ ସେଠାରେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳରେ ରହିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ। କୋଣାର୍କ ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନ ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେଶନ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣିସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର୍ ଷ୍ଟାଡିଅମ୍, ଉଦ୍ୟାନ କୃଷି ପଡ଼ିଆ ଓ ସ୍ୱଚ୍ଛ ମାଛ ବଜାରଠାରେ କ୍ରମାନ୍ୱୟରେ ଯାନଗୁଡ଼ିକୁ ରଖିବା ସହ ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସୁଦୃଢ଼ ହେଉଛି ବୈଦ୍ୟୁତିକ ଭିତ୍ତିଭୂମି

# ସାମାଜିକ ଦାୟିତ୍ୱବୋଧତାରେ ଟାଟା ପାୱାର୍‌ର ଉତ୍କର୍ଷ ଯୋଗଦାନ

**ବାଲେଶ୍ୱର,୪।୭/ଏନ୍ଏନ୍ଏସ୍:** ଉତ୍ତର ଓଡ଼ିଶାର ୫ଟି ଜିଲ୍ଲାରେ ବିଦ୍ୟୁତ୍ ଆବଣ୍ଟନ କ୍ଷେତ୍ରରେ ଟାଟା ପାୱାର୍ ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍)ର ସାମାଜିକ ଦାୟିତ୍ୱବୋଧତାରେ କମ୍ପାନୀର ଉତ୍କର୍ଷ ଯୋଗଦାନ ସମ୍ପର୍କରେ କମ୍ପାନୀର ନୂଆ ସିଇଓ ଗଜାନନ କାଲେ ସାମ୍ବାଦିକଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି। ଏଥିରେ ଚିଫ୍ ଅଫ୍ ଅପରେସନ୍ ନିଲେଶ ପୋଟଫୋଡ଼େ, ଚିଫ୍ ଅଫ୍ କମର୍ସିଆଲ୍ ସର୍ଭିସେସ୍ ଆଣ୍ଡ ସିଏସ୍ଆର୍ ଜୟଦୀପ ରାୟ, ଚିଫ୍ ଫାଇନାନ୍‌ସିଆଲ୍ ଅଫିସର୍ ଶିଳାଦିତ୍ୟ ସେନଗୁପ୍ତ ଓ ଏଚ୍ଆର୍ ହେଡ୍ ରମେନ୍ଦ୍ର ବଣିକ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ସିଇଓ ଶ୍ରୀ କାଲେ ଗତ ଜୁନ୍ ୫ରେ ଟାଟା ପାୱାରରେ ଯୋଗଦେବା ପରେ କମ୍ପାନୀର ଆଗାମୀ ଆଭିମୁଖ୍ୟ ବାବଦରେ ଆଲୋକପାତ କରିଥିଲେ।




ବିଦ୍ୟୁତ୍ ଆବଣ୍ଟନର ଦାୟିତ୍ୱ ନେବାର ମାତ୍ର କିଛି ବର୍ଷ ମଧ୍ୟରେ ଉତ୍ତର ଓଡ଼ିଶାରେ ବିଦ୍ୟୁତ୍ ସଂସ୍କାର କ୍ଷେତ୍ରରେ ଟାଟା ପାୱାର ଉଦାହରଣ ସୃଷ୍ଟି କରିଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଦ୍ୟୁତ୍ ଆବଣ୍ଟନ ଦାୟିତ୍ୱ ନେଇଥିବା ଟିପିଏନ୍ଓଡିଏଲ୍ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଉତ୍ତମ ସେବା ଓ ନିରାପତ୍ତା ପ୍ରଦାନ କ୍ଷେତ୍ରରେ ଆଶାତୀତ ସଂସ୍କାର ଆଣିଛି। ଦାୟିତ୍ୱସମ୍ପନ୍ନ ଅଧିକାରୀ ଓ କର୍ତ୍ତବ୍ୟରତ କର୍ମଚାରୀଙ୍କ ନିଷ୍ଠାପରତା ଯୋଗୁ ସମ୍ପ୍ରତି ସମଗ୍ର ଉତ୍ତର ଓଡ଼ିଶାରେ ବେଶ୍ ସୁଧାର ଆସିଥିବା ପରିଲକ୍ଷିତ ହୋଇଛି। ୨୪ ଘଣ୍ଟିଆ ପିଏସ୍‌ସିସି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ଦ୍ୱାରା ବନ୍ୟା, ବାତ୍ୟା, ଝଡ଼, ତୋଫାନ ଓ କାଳବୈଶାଖୀ ଭଳି ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ଭୂତଳ ଏବଂ ଓଭରହେଡ୍ ବିଦ୍ୟୁତ୍ ଲାଇନ୍ ଯୋଗୁ ବୈଦ୍ୟୁତିକ ଭିତ୍ତିଭୂମି ସୁଦୃଢ଼ ହେଉଛି। ସିଏସ୍ଆର୍ ଫଣ୍ଡ ଜରିଆରେ ୨ ଲକ୍ଷ ୭୪ ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା, ଶିକ୍ଷାରୁ ବଞ୍ଚିତ ପିଲାଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପ୍ରଶିକ୍ଷଣ, ନିରକ୍ଷର ମହିଳାଙ୍କୁ ଶିକ୍ଷାଦାନ, ଟାଟା ପାୱାର୍ ପ୍ରଶିକ୍ଷଣ କେନ୍ଦ୍ର (ଭିଟିସି) ଗୁଡ଼ିକରୁ ତାଲିମପ୍ରାପ୍ତ ଯୁବବର୍ଗ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି, ଏସ୍ଏଚ୍‌ଜି ମହିଳାଙ୍କୁ ଟେଲରିଂ ଓ ବ୍ୟୁଟିସିଆନ୍ ଆଦି ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ମଧ୍ୟ ଟିପିଏନ୍ଓଡିଏଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର୍ ପ୍ୟାନେଲ୍ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ବିଶେଷ ଗୁରୁତ୍ୱ ଦେଉଛି। ପିଏମ୍ ସୂର୍ଯ୍ୟ ଘର ପୋର୍ଟାଲ୍‌ରେ ପଞ୍ଜୀକରଣ ପରେ ନିର୍ଣ୍ଣିତରେ ପ୍ରକଳ୍ପ ଯୋଗାଇବାଠାରୁ ଆରମ୍ଭ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରିହାତିଠୁ ଆରମ୍ଭ କରି ସମସ୍ତ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ଟିପିଏନ୍ଓଡିଏଲ୍ ସହାୟତା ପ୍ରଦାନ କରୁଛି। ପିଏମ୍ ସୂର୍ଯ୍ୟଘର ପୋର୍ଟାଲ୍‌ରେ ଉପଭୋକ୍ତା ଏହି ଯୋଜନା ପାଇଁ ଆବେଦନ କରୁଥିବା ବେଳେ ସବ୍‌ସିଡି ଓ ଋଣ ବ୍ୟବସ୍ଥା ରହିଛି। ଏହି ଯୋଜନା ପାଇଁ ସରକାର ଆକର୍ଷଣୀୟ ସବ୍‌ସିଡି ସୁବିଧା କରିଛନ୍ତି। ୩ କିଲୋୱାଟ୍ ପର୍ଯ୍ୟନ୍ତ ସୋଲାର୍ ପ୍ୟାନେଲ୍ ସ୍ଥାପନ ଉପରେ ଉପଭୋକ୍ତାଙ୍କୁ ୧ଲକ୍ଷ ୩୮ହଜାର ଟଙ୍କାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବ୍‌ସିଡି ମିଳୁଛି। ପ୍ରତି କିଲୋୱାଟ ପିଛା ପ୍ରାୟ ୭୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଆକର୍ଷଣୀୟ ସବ୍‌ସିଡି ସାଙ୍ଗକୁ ବ୍ୟାଙ୍କ ଋଣ ବ୍ୟବସ୍ଥା ମଧ୍ୟ ଉପଲବ୍ଧ କରାଯାଇଛି। ଏହା ଉଠାଇବା ପାଇଁ ହିତାଧିକାରୀଙ୍କ ଘରେ ଆବଶ୍ୟକୀୟ ଜାଗାର ଉପଲବ୍ଧତା ସହ ସମ୍ପୃକ୍ତ ଘର ବିଜୁଳି ସଂଯୋଗ ହୋଇଥିବା ଆବଶ୍ୟକ ବୋଲି ଶ୍ରୀ କାଲେ କହିଥିଲେ। ଉପସ୍ଥିତ ଅଧିକାରୀଗଣ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଲୋକ ସମ୍ପର୍କ ଅଧିକାରୀ ପରିଚାଳନା କରିଥିଲେ।

### ଖୁବ୍‌ଶୀଘ୍ର ବିଶ୍ୱସ୍ତରୀୟ ...

ପାରିନାହିଁ। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ବିଶେଷ କିଛି ପଦକ୍ଷେପ ନିଆଯାଇ ନାହିଁ। ଚିନ୍ତା କରନ୍ତୁ, ଆଜି ଜଣେ ପର୍ଯ୍ୟଟକ ପୁରୀ ଆସିଲେ, ତା' ପାଇଁ ମୁଖ୍ୟତଃ ଦୁଇଟି ଠିକଣା। ଜଗନ୍ନାଥ ମନ୍ଦିର ଏବଂ ବେଳାଭୂମି। ଏହାକୁ ଛାଡ଼ିଦେଲେ ଅନ୍ୟ କୌଣସି ମନୋରଞ୍ଜନ କିମ୍ବା ପର୍ଯ୍ୟଟନ ଭିତ୍ତିଭୂମି ନାହିଁ, ଯେଉଁଠାରେ ସେ କିଛି ସମୟ ବିତାଇ କରିପାରିବେ। ଯେ'କୌଣସି ପର୍ଯ୍ୟଟନ ସ୍ଥଳକୁ ବିକାଶ କରିବାକୁ ହେଲେ, ପ୍ରଥମ ନିୟମ ହେଉଛି କିପରି ଜଣେ ପର୍ଯ୍ୟଟକ ସେଠାରେ ଅଧିକରୁ ଅଧିକ ସମୟ ବ୍ୟତୀତ କରିବ। ଯାହାଦ୍ୱାରା ସେ ଅଧିକ ଖର୍ଚ୍ଚ ବି କରିବ। କିନ୍ତୁ, ପୁରୀଠାରେ ସେମିତି କିଛି ବ୍ୟବସ୍ଥା ନାହିଁ। ତେଣୁ ଏହି ଦୁଇ ସମସ୍ୟାକୁ ସମାଧାନ କରିବା ପାଇଁ ଆମ ସରକାର ପୁରୀଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ୍, ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗୋଟିଏ ପରିସରରେ ଏହା ନିର୍ମିତ ହେବ। ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ। ଏହି ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ। ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମାଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇପାରିବେ। ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ (ଅଡିଟୋରିୟମ୍) ନିର୍ମାଣ କରାଯିବ। ଏଥିରେ ପ୍ରତିଦିନ ଲାଇଟ୍ ଓ ସାଉଣ୍ଡ୍ ଶୋ' ପ୍ରସ୍ତୁତ କରାଯିବ। ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି। ଏହିସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଅଧ୍ୟାୟ (ଏପିସୋଡ୍) ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରିକି ଓଡ଼ିଆ, ହିନ୍ଦୀ, ଇଂରାଜୀ ଏବଂ ବଙ୍ଗାଳୀ ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ। ତା'ଛଡ଼ା ଏହି ପରିସର ମଧ୍ୟରେ ଏକ ମୁକ୍ତାକାଶ ରଙ୍ଗମଞ୍ଚ ବି ନିର୍ମିତ ହେବ ଯେଉଁଠି ରାଜ୍ୟର କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ। ଏହି ପ୍ରକଳ୍ପ ଜଗନ୍ନାଥ ସଂସ୍କୃତି, ପରମ୍ପରା ଏବଂ ସାହିତ୍ୟକୁ ସୁଦୃଢ଼ ଏବଂ ପରିପୁଷ୍ଟ କରିବା ସହିତ ପୁରୀ ଜଗନ୍ନାଥ ଧାମକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ଉତ୍କୃଷ୍ଟ ସମୟ ବ୍ୟତୀତ କରିବା ପାଇଁ ସୁଯୋଗ ପ୍ରଦାନ କରିବ। ଏହା ପୁରୀକୁ ଦେଶର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି।







### ୫୯%କୁ ବୃଦ୍ଧି ପାଇବ ...

ଶିଳ୍ପ ଶ୍ରମିକ ମୂଲ୍ୟ ସୂଚକାଙ୍କ (ଏଆଇସିପିଆଇ-ଆଇଡବ୍ଲ୍ୟୁ) ମେ ୨୦୨୫ରେ ୦.୫ ପଏଣ୍ଟ ବୃଦ୍ଧି ପାଇ ୧୪୪ରେ ପହଞ୍ଚିଛି। ଗତ ତିନି ମାସ ମଧ୍ୟରେ ସୂଚକାଙ୍କରେ ନିରନ୍ତର ବୃଦ୍ଧି ଦେଖାଦେଇଛି, ଏହା ମାର୍ଚ୍ଚରେ ୧୪୩, ଏପ୍ରିଲରେ ୧୪୩.୫ ଥିଲା ଏବଂ ବର୍ତ୍ତମାନ ମେ' ମାସ ପାଇଁ ଏହା ୧୪୪ରେ ଅଛି। ତେବେ ଯଦି ସୂଚକାଙ୍କରେ ଏପ୍ରକାର ଊର୍ଦ୍ଧ୍ୱଗାମୀ ଧାରା ଜାରି ରହେ ଏବଂ ଜୁନ୍‌ରେ ଏହା ୧୪୪.୫ ପଏଣ୍ଟକୁ ବୃଦ୍ଧି ପାଏ, ତେବେ ଏଆଇସିପିଆଇ-ଆଇଡବ୍ଲ୍ୟୁ ୧୨ ମାସର ହାରାହାରି ପ୍ରାୟ ୧୪୪.୧୭ରେ ପହଞ୍ଚିବାର ଆଶା କରାଯାଉଛି। ୭ମ ବେତନ କମିଶନ ସୂତ୍ର ଆଧାରରେ ଏହା ଏହା ପ୍ରାୟ ୫୮.୮୫%ର ଡିଏ ହାରରେ ପରିଣତ ହେବ। ସାମଗ୍ରିକ ଭାବରେ, ସରକାର ଜୁଲାଇ ୨୦୨୫ ରୁ ୫୯% ଡିଏକୁ ଅନୁମୋଦନ କରିପାରନ୍ତି।

ସୂଚନାଯୋଗ୍ୟ, ଏହା ସପ୍ତମ ବେତନ କମିଶନ ଅଧୀନରେ ଶେଷ ଡିଏ ବୃଦ୍ଧି ହେବ, ଯାହାର କାର୍ଯ୍ୟକାଳ ଡିସେମ୍ବର ୩୧, ୨୦୨୫ ରେ ଶେଷ ହେଉଛି। ସେହିପରି ଯଦିଓ ୮ମ ବେତନ କମିଶନ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବ, କେନ୍ଦ୍ର ସରକାର କିନ୍ତୁ ନୂତନ ଦରମା ଗଠନକୁ ଜାନୁଆରୀ ୧, ୨୦୨୬ରୁ କାର୍ଯ୍ୟକାରୀ କରିବେ ବୋଲି ମଧ୍ୟ ଅନୁମାନ କରାଯାଉଛି। ଏହାର ଅର୍ଥ ନୂତନ ବେତନ କମିଶନ ଅଧୀନରେ ଦରମା କିମ୍ବା ପେନ୍‌ସନ୍‌ରେ ଯେକୌଣସି ବୃଦ୍ଧି ଜାନୁଆରୀ ୨୦୨୬ ଏବଂ ପ୍ରକୃତ କାର୍ଯ୍ୟ ଆରମ୍ଭ ତାରିଖ ମଧ୍ୟରେ ବକେୟା ଭାବରେ ପ୍ରଦାନ କରାଯିବ। ପ୍ରକାଶ, ସରକାର ମୁଦ୍ରାସ୍ଫୀତି ଟ୍ରାକ କରିବା, ମହଙ୍ଗା ଭତ୍ତା ନିୟନ୍ତ୍ରଣ କରିବା ଏବଂ ନୀତି ପ୍ରସ୍ତୁତ କରିବା ପାଇଁ ଏଆଇସିପିଆଇ-ଆଇଡବ୍ଲ୍ୟୁ ସୂଚକାଙ୍କ ବ୍ୟବହାର କରିଥାନ୍ତି। ଜାନୁଆରୀ ଏବଂ ଜୁଲାଇରେ ବର୍ଷକୁ ଦୁଇଥର ମହଙ୍ଗା ଭତ୍ତା ସଂଶୋଧନ କରାଯାଇଥାଏ।

### ୨୦ରେ ସ୍ପେସାଲ୍ ଓଟିଇଟି ...

ବନ୍ଦୋବସ୍ତ କରାଯାଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୧ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଓଟିଇଟି ସାର୍ଟିଫିକେଟ୍ ନଥିଲେ ପଦୋନ୍ନତି ମିଳିବ ନାହିଁ ବୋଲି ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିବାରୁ ବହୁ ବରିଷ୍ଠ ଶିକ୍ଷକ ପରୀକ୍ଷା ଦେବାକୁ ବାଧ୍ୟ ହୋଇଛନ୍ତି।

ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ପରେ ଆବେଦନକାରୀଙ୍କ ସଂଖ୍ୟା ୭୫ ହଜାର ପାର ହୋଇଛି ବୋଲି କୁହାଯାଇଛି।

ତେବେ ପରୀକ୍ଷାରେ କପିକରି ଯଦି କୌଣସି ଶିକ୍ଷକ ଧରାପଡ଼ିବେ, ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡର ଜଣେ ଅଧିକାରୀ କହିଛନ୍ତି। ତେଣୁ ଓଟିଇଟି ଆବେଦନକାରୀମାନେ ପରୀକ୍ଷା ଦେବା ବେଳେ ସତର୍କତା ଅବଲମ୍ବନ କରିବାକୁ ବୋର୍ଡ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି।

### ମାଙ୍କଡ଼ ଆକ୍ରମଣରେ ୨ ଆହତ

**ସୋର,୪।୭/ଏନ୍ଏନ୍ଏସ୍:** ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ଦିଗି ଗ୍ରାମରେ ମାଙ୍କଡ଼ କାମୁଡ଼ାରେ ୨ ଜଣ ଆହତ ହୋଇଛନ୍ତି। ଏହି ଗ୍ରାମର ସୂର୍ଯ୍ୟସ୍ମିତା ନାୟକ ଘରେ ଥିବା ବେଳେ ଏକ ମାଙ୍କଡ଼କୁ ଦେଖି ବିସ୍କୁଟ୍ ଖାଇବାକୁ ଦେଇଥିଲେ। ଏହି ସମୟରେ ମାଙ୍କଡ଼ଟି ତାଙ୍କ ହାତକୁ ଆକ୍ରମଣ କରିଥିଲା। ପରେ ତାଙ୍କ ଶାଶୁ ମାଳତୀ ନାୟକ (୬୨) ଘରେ ଥିବା ବେଳେ ତାଙ୍କ ହାତକୁ ମଧ୍ୟ ମାଙ୍କଡ଼ଟି ଆକ୍ରମଣ କରିଥିଲା।




### ୭ ଯାଏ ପ୍ରବଳ ବର୍ଷିବ ...

କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ବାଲେଶ୍ୱର। ଏସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ବିଜୁଳି, ଘଡ଼ଘଡ଼ି ସହ ବଜ୍ରପାତର ମଧ୍ୟ ଆଶଙ୍କା ରହିଛି। ଆଗାମୀ ଦୁଇଦିନ ଧରି ରାଜ୍ୟରେ ବର୍ଷାର ପରିମାଣ ସାଧାରଣ ୭୬ରୁ ୧୦୦ ପ୍ରତିଶତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବର୍ଷା ଜାରି ରହିବ। ପବନର ବେଗ ମଧ୍ୟ ୩୦ରୁ ୪୦କିମି ବେଗରେ ଘଣ୍ଟା ପ୍ରତି ବହିବାର ସମ୍ଭାବନା ରହିଛି। ସେହିପରି ଆଗାମୀ ୫ତାରିଖ ଓ ୬ ତାରିଖ ପାଇଁ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣି ରହିଛି। ଅର୍ଥାତ୍ ପାଞ୍ଚ ତାରିଖରେ ମୟୂରଭଞ୍ଜ, ଦେବଗଡ଼, କେଉଁଝର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲ୍ଲା ପାଇଁ ୟୋଲୋ ୱାର୍ଣ୍ଣିଂ ସହ ବର୍ଷା ପ୍ରବଳରୁ ପ୍ରବଳ କେବଳ ଜାରି ରହିବ। ୬ ତାରିଖ ପାଇଁ ସୁନ୍ଦରଗଡ଼ ସହ ଝାରୁସୁଗୁଡ଼ା ଜିଲ୍ଲା ପାଇଁ ମଧ୍ୟ ପ୍ରବଳରୁ ପ୍ରବଳ ବର୍ଷାର ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅନ୍ୟପଟେ ଆସନ୍ତା ୧୦ତାରିଖ ଆଡ଼କୁ ବର୍ଷାରେ ବ୍ରେକ୍ ଲାଗିବ ଅର୍ଥାତ୍ ଟିକେ କମ୍ ହୋଇପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟରେ ସର୍ବାଧିକ ବର୍ଷା କଳାହାଣ୍ଡିର ଥୁଆମୂଳ ରାମପୁରଠାରେ ୯୬.୦ମିମି ରେକର୍ଡ ହୋଇଛି। ସେହିପରି ବାରିପଦାରେ ସର୍ବାଧିକ ୩୪.୦ଡିଗ୍ରୀ ସେଲସିୟସ୍‌ରୁ ତାପମାତ୍ରା ରେକର୍ଡ ହୋଇଛି। ସର୍ବନିମ୍ନ ଦେବଗଡ଼ ୨୧.୦ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି।




### ପୁରୀ ପୌରପାଳିକା ହେବ ...

ନିଜ ନିଜ ସେବା ପ୍ରଦାନ କରୁଛନ୍ତି। ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀ ଠାରୁ ଅନନ୍ୟ। ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଯାଆନ୍ତି। ନବଦିନାତ୍ମକ ଏହି ପବିତ୍ର ଯାତ୍ରା ସମୟରେ ବଡ଼ଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ। ମୁଁ ବି ଏହି ଅସଂଖ୍ୟ ଜଗନ୍ନାଥ ଭକ୍ତଙ୍କ ମଧ୍ୟରୁ ଜଣେ ସାଧାରଣ ଭକ୍ତ। ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା ମୋର ପ୍ରଥମ ଦାୟିତ୍ୱ। କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ ପୌରପାଳିକା ଉଭୟ ଭକ୍ତ ଓ ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇ ନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡ଼ିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଓ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଅବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏକ ସୁନ୍ଦର, ସବୁଜ, ବିକଶିତ ପୁରୀ ସହର ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନ୍‌ର ଏକ ଅଂଶବିଶେଷ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।






ପୃଥିବୀ ସବୁ ମନୁଷ୍ୟଙ୍କର ଆବଶ୍ୟକତାକୁ ପୂରା କରିବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ପ୍ରଦାନ କରିଥାଏ, କିନ୍ତୁ ଲୋଭକୁ ପୂରା କରିବା ପାଇଁ ନୁହେଁ। - ଗାନ୍ଧୀ ବାଣୀ

ନିତିଦିନ NITIDIN

## ମୋ ବାପା



ସସ୍ମିତା ସ୍ୱାଇଁ

ତୁମେ ଦେଖାଇଛ ପୁନେଇ ଜହ୍ନକୁ
ତାରା ଭରା ଏଇ ଆକାଶ
ତୁମଲାଗି ଆଜି ଏଇ ଜଗତରେ
ମଣିଷ ମୁଁ ପରିପ୍ରକାଶ।
ବାହାର ଦୁନିଆ ଦେଖାଇଛ ମୋତେ
ଦେଖାଇଛ ପରମାତ୍ମାଙ୍କୁ
ସୁଆଦିଆ ଚିଜ ଚଖାଇଚ କେତେ
ଚିହ୍ନାଇଛ ଅନ୍ତରାତ୍ମାକୁ।
ସମୟ ମୋ ପାଇଁ ଦେଇ ନ ତଥାପି
ସଂପର୍କ ଦେଇନ ହଜାଇ
ଦୀନଦୁଃଖୀ ବ୍ୟଥା ବାଣୀ ଶୁଣାଇଛ
ଅନ୍ତର ଦେଇଛ ଭିଜାଇ।
ସରଳ ଜୀବନ ଉଚ୍ଚ ଚିନ୍ତାଧାରା
ଏହା ତୁମ ଶିକ୍ଷା ଆଦର୍ଶ
ଧନ ନଥିଲେ ବି ମନ ଛୋଟ ନୁହେଁ
ଅଳପରେ ତୁମେ ସନ୍ତୋଷ।

**ଶିଶିଲୋ, ବାଳକାଟି, ଖୋର୍ଦ୍ଧା**
**ମୋ: ୯୪୩୮୦୯୭୨୫୫**

## ଆସିଛି ବାହୁଡା ଯାତ



ଦେବେନ୍ଦ୍ର କୁମାର ରାଉଳ

ଆସିଛି ଆଜି ବାହୁଡା ଯାତ
ରଥରେ ବିଜେ ଜଗତନାଥ
ଭକତ ଅଛି ଚାହିଁ
ବଡଦାଣ୍ଡରେ ପ୍ରବଳ ଭିଡ
ରଥ ନେଇଛି ଦକ୍ଷିଣ ମୋଡ
ଶ୍ରୀମନ୍ଦିର ଯିବା ପାଇଁ।
ସାଥିରେ ଆଣି ଭାଇ ଭଉଣୀ
ମାଉସୀ ଘରୁ ଫେରିଛି ପୁଣି
କାଳିଆ ଚକାଆଖି
ନଅଦିନର ଯାତରା ସାରି
ଆସୁଛି ଜଗା ଗହଳି କରି
ଆଖି ଯାଉଛି ଲାଖି।
ବଡଦେଉଳୁ ବାହାରି ଆସି
ଭକତ ପ୍ରାଣେ ଭରେ ସେ ଖୁସି
ରଥେ ଦର୍ଶନ ଦେଇ
ଲୀଳାଖେଳା ସିଏ ସଅଳ ସାରି
ରତ୍ନବେଦୀକୁ ଯିବରେ ଫେରି
ସଭିଙ୍କ ମନ ମୋହି।

**ଜୁଣଗଡି, ରାଜନଗର, କେନ୍ଦ୍ରାପଡା**
**ମୋ: ୮୮୯୫୭୪୬୫୬୫**

## ଝାଡୁ



ଧୀରେନ୍ଦ୍ର ମଲ୍ଲିକ

ଗାଆଁ ହେଉ ଅବା ବଜାର ସହରେ
ଝାଡୁ ଥାଏ ପ୍ରତି ଘରେ,
ଅଳପ ଦାଆମ ହେଲେବି ତାହାର
ବଡ଼ କାମଟିଏ କରେ।
ଘର ଦାଣ୍ଡ ପିଣ୍ଡା ସଫା ରହିଥାଏ
କେବଳ ତାହାରି ପାଇଁ,
ସେବାକରି ପଛେ ଭାଙ୍ଗି ଝଡ଼ିପଡ଼େ
ଦୁଃଖ ଟିକେ କରେ ନାହିଁ।
ଦରକାର ହୁଏ ସବୁଦିନ ସିଏ
ଦିନେ ହୁଏନାହିଁ ଛାଡ଼,
ତଥାପି ଜୀବନେ ନିଜକୁ କେବେବି
ଭାବିନାହିଁ ଯମା ବଡ଼।
ପରିବେଶ ସ୍ୱଚ୍ଛ ରହୁଛି ତା' ଲାଗି
ହେଉନି ଆମକୁ ରୋଗ,
ଅଳିଆକୁ ସଫା କରିଦିଏ ଭଲେ
ରଖେନାହିଁ ଟିକେ ଦାଗ।
ଖରାପ ଜିନିଷ ନୁହେଁ ତେଣୁ ଝାଡୁ
ନ' ଫୋପାଡ଼ି ଏଣେ ତେଣେ,
କାମ ସରିଗଲେ ଯତନରେ ନେଇ
ରଖିଦେବା କେଉଁ କୋଣେ।

**ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର**
**ମୋ: ୭୯୦୪୩୯୨୬୮୬**

## ଗରମ ଗରମ




ନନ୍ଦ କିଶୋର ସିଂହ

ଗରମ ଗରମ ପାଗ ଗୁଳୁଗୁଳି ଗରମ
ସବୁଠୁ ବେଶୀ ଗରମ ରାଗିଗଲେ ପଞ୍ଚମ
ଭଲ ଲାଗେ ନାହିଁ ତାହା ଜାଳିଦିଏ ମରମ।
ପୋଇ ବଇତାଳୁ କୋବି ପଡ଼ି ମାଛ ଛେଁଚଡ଼ା
ଭଲ ଲାଗେ ନାହିଁ ଦେଖି କାହା ମୁହଁ ଛିଂଚଡ଼ା।
ଦିନରାତି ମେଘ ହୁଏ ଧାରା ଶିରାବଣ
ଭଲ ଲାଗେ ନାହିଁ କାର ମୁହଁ ଫଣ ଫଣ।
ଫୁଟି କି ସୁନ୍ଦର ଦିଶେ ତରାଟ ଟଗର
ଭଲ ଲାଗେ ନାହିଁ କଥା ଶୁଣା ଗର ଗର।
ଫଗୁଣ ଆସିଲେ ଶୁଭେ କୋଇଲିର କୁହୁ,
ଭଲ ଲାଗେ ନାହିଁ କାର ଦେଖି କଷ୍ଟ 'ଉହୁ'।
ଭଲ ବି ଲାଗେନା ମିଛ ବାହାଦୁରୀ ଭାଉ।
ମିଛେ ଦେଖି ନାହାକଠୁ ଜାତକର ଗଣନା
ପାଠ ନପଢ଼ି ପରୀକ୍ଷା ଭଲ ଆଶା ରଖନା
କମି କରି ପାଶ୍ କଲେ ଭଲ କେବେ ଲାଗେନା।
ଏଣୁ ପିଲେ ସବୁବେଳେ ଭଲକୁ ଆଦର କର
ସବୁଠାରୁ ଭଲ ହେବ ଖରାପଠୁ ରୁହ ଦୂର।

**କୋରଇ, ଯାଜପୁର-୨୨**
**ମୋ:୯୮୬୧୪୩୫୨୯୯**

## ଆମେରେ ଦୁଇ ସାଙ୍ଗ



କୁଞ୍ଜ ବିହାରୀ ସାହୁ

ଡେଙ୍ଗାଗୋଡ଼ିଆ ବାଉଁଶ ଗଛ
ଭାବିଲାନାହିଁ ଆଗ କି ପଛ
ଟେକିଲା ଉଁଚେ ମଥା,
ଆମ୍ବଗଛର ପାଖକୁ ଯାଇ
କହିଲା ନିଜ କଥା।
ଦେହଟା ମୋର ସଳଖ ସିଧା
ଦେହରୁ ହୁଏ କାଗଜ ଗଦା
ସବୁରି କାମେ ଲାଗେ,
ଘର କାମରେ ଆଗରେ ଥାଇ
ଖୋଜନ୍ତି ଲୋକ ଆଗେ।
ଆମ୍ବଗଛଟି ନରମି ଯାଇ
କହିଲା- ଶୁଣ ବାଉଁଶ ଭାଇ
କଥାଟି ବଡ଼ ମଜା,
ମୋଅରି ଫଳ ସୁଆଦ ଲାଗେ
ଫଳ ଭିତରେ ରଜା।
ନିଜ ଦୋଷକୁ ପାରିଲା ବୁଝି
ଲାଜରେ ଆଖି ଗଲା କି ବୁଜି
ବାଉଁଶ ଗଛ କହେ,
ବଣ ଭିତରେ ସାଙ୍ଗ ହୋଇକି
ରହିବା ଆମେ ଦୁହେଁ।
ବାଃ ବାଃରେ ବାଉଁଶଗଛ
ଜାଣିପାରିଲୁ ସତ କି ମିଛ
ଆମରେ ଦୁଇ ସାଙ୍ଗ,
ଖୁସିବାସିରେ ରହିବା ଏଠି
ମନରୁ ତେଜି ରାଗ।

**ପାତ୍ରପଡା, ଭୁବନେଶ୍ୱର**
**ମୋ: ୭୦୦୮୧ ୪୨୦୪୦**

## ଆମ ଗର୍ବ, ଆମ ଗୌରବ



### ସୁଶାନ୍ତ କୁମାର ସେନାପତି

ଜନ୍ମ ତାରିଖ: ୨୦ ମେ, ୧୯୬୯
ଜନ୍ମସ୍ଥାନ: ସିଠାଲୋ, ନିଆଳି, ଜି-କଟକ
ବର୍ତ୍ତମାନ ଠିକଣା: ଏମ୍.ଆଇ.ଜି-(୧) ୨୦/୪, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬
ମୋ: ୭୯୭୮୦୦୫୮୬୭

ଜଣେ ଶିଶୁସାହିତ୍ୟିକ ଓ ଜନପ୍ରିୟ ବିଜ୍ଞାନ ଲେଖକ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ୧୮ଟି ପୁସ୍ତକର ସେ ରଚୟିତା। ସେଗୁଡ଼ିକ ମଧ୍ୟରେ ରହିଛି 'ପକ୍ଷୀଙ୍କ ସଭା କି ମନଲୋଭା, ଛୋଟ ପିଲାର ଓକିଲାତି, ଆସରେ ମିତ ଗାଇବା ଗୀତ, ବିଲୁଆ ବଡ଼ ଚତୁର, ବୈଜ୍ଞାନିକ ହେଲା ମୂଷା ଛୁଆଟି, ଭାରତର ଜାତୀୟ ଉଦ୍ୟାନ ଓ ଭାରତର ଶୈଳ ନିବାସ' ଆଦି ପୁସ୍ତକ। ମାଣିକ ବିଶ୍ୱନାଥ ସ୍ମୃତିନ୍ୟାସ, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ପରଶମଣି, ଶିଶୁ ସାହିତ୍ୟ ଲେଖକ ସମ୍ମେଳନ, ଚନ୍ଦ୍ରମା, ତେଲିଙ୍ଗିବାଜା, ଝୁମୁକା ଓ ଗୁଞ୍ଜନ ପ୍ରଭୃତି ବହୁ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ଓ ପୁରସ୍କୃତ। ନିଖିଳ ଉତ୍କଳ ଶିଶୁସାହିତ୍ୟ ସଂସଦ ଓ ନିଖିଳ ଉତ୍କଳ-ପରଶମଣି-ଶିଶୁସାହିତ୍ୟ ସଂଗଠନର ସମ୍ପାଦକ। ବେଙ୍ଗୁଲୀ ନାନୀ ଶିଶୁ ପତ୍ରିକାର ମଧ୍ୟ ସମ୍ପାଦକ।

**ଆମ ପ୍ରଶ୍ନ:** ସ୍ୱୀକୃତି ପ୍ରାପ୍ତ ପୁରସ୍କାର ବିନା କ'ଣ ଜଣେ ଲେଖକ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ନାହିଁ?

**ଆପଣଙ୍କ ଉତ୍ତର:** ସ୍ୱୀକୃତିପ୍ରାପ୍ତ ପୁରସ୍କାର କହିଲେ ସାଧାରଣତଃ ସରକାରୀସ୍ତରରେ ଦିଆଯାଉଥିବା ରାଜ୍ୟ ସାହିତ୍ୟ ଏକାଡ଼େମୀ, କେନ୍ଦ୍ରସାହିତ୍ୟ ଏକାଡ଼େମୀ ଅବା ବେସରକାରୀ ସ୍ତରରେ ଦିଆଯାଉଥିବ ସେହିଭଳି କିଛି ଉଚ୍ଚମାନର ପୁରସ୍କାରକୁ ହିଁ ବୁଝାଇଥାଏ। ମୋ ମତରେ ସମ୍ମାନ, ସ୍ୱୀକୃତି, ପୁରସ୍କାର ପ୍ରକୃତ ସ୍ରଷ୍ଟାର ଅସଲ ପରିଚୟ ନୁହେଁ। ପାଠକୀୟ ସ୍ୱୀକୃତି ହିଁ ସ୍ରଷ୍ଟାଙ୍କୁ କାଳକାଳ ପାଇଁ ଅମର କରି ରଖେ। ଓଡ଼ିଆ ସାହିତ୍ୟ/ଶିଶୁ ସାହିତ୍ୟରେ ଏମିତି ଅନେକ ପ୍ରତିଭା ଅଛନ୍ତି ଯେଉଁମାନେ ସରକାରୀ ସ୍ୱୀକୃତିରୁ ବଞ୍ଚିତ ଅଥଚ ସେମାନଙ୍କ ଲେଖା କାଳଜୟୀ। ପାଠକଙ୍କୁ ଏବେବି ବିମୋହିତ କରେ। ଲେଖକଟିଏ ବଞ୍ଚି ରହେ ତା'ର ଲେଖାରେ। ପୁରସ୍କାର ପ୍ରାପ୍ତିରେ ନୁହେଁ। ପୁରସ୍କାର ଏକ ସାମୟିକ ଆନନ୍ଦ। ପ୍ରକୃତ ସ୍ରଷ୍ଟାଟିଏ ପୁରସ୍କାରକୁ ଆଶାରଖି କଲମ ଚାଳନା କରେନାହିଁ।



## ଦୁଇଟି କୁନି ଗୀତ

### ମାଆ

ଅକଲ ମକଲ ଟକଲ ଟିଆଁ
ମାଆଙ୍କ କାଖରେ ପାଣି ମାଠିଆ।
ମାଠିଆରେ ପାଣି ଡଅବ ଡବ
ମାଆ ପରି ଆଉ କିଏ ସେ ହେବ?
ଗୋଟିଏ କାଖରେ ମାଠିଆ ଧରି
ଆର କାଖେ ନିଏ ସେ କୋଳ କରି।
ମାଆ କୋଳ ଅଟେ ସରଗପୁର
ଶୁଝି ପାରିବ କେ' ତା ଋଣ ଭାର!

### ବାପା

କଇଁଚି କାକୁଡ଼ି ନଳିତା ପିତା
କୁନିପୁଅ ହାତେ ରଙ୍ଗିନ ଛତା।
ମେଘ ଘଡ଼ଘଡ଼ି ବରଷା ଝରେ
ଡରରେ ବାପାଙ୍କ ଛାତିଟା ଥରେ।
ଓଦା ଜଡ଼ସଡ଼ ବାପାଙ୍କ ଦେହ
ହସହସ କୁନିପୁଅର ମୁହଁ।
ବାପାଙ୍କ ପରିକେ' ହୋଇବ କାହିଁ
ଖରାରେ ସେ ବରଗଛର ଛାଇ!

## ଗପ

## କୁନିଝିଅ ହସିଲା



ଇଂ. ପ୍ରେମାନନ୍ଦ ନାୟକ

ମାମା ଅଫିସକୁ ବାହାରିଲା ବେଳେ ତିନି ବରଷର କୁନିଝିଅ ତାଙ୍କ ଗୋଡ଼ଧରି କାନ୍ଦେ, ଆଉ କହେ- ମାମା, ତୁ ଯାଆନା। ମାମା କୁନିଝିଅକୁ ଗେଲ କରି କହନ୍ତି- ସୁନାଝିଅମାନେ ଜମା କାନ୍ଦନ୍ତି ନି। ଶୁଣ, ମୁଁ ଆଜି ତୋ ପାଇଁ ବହୁତ ଚକୋଲେଟ୍ ଆଣିବି। କୁନିଝିଅ ମନ ବୁଝେନା। ବାଲ୍‌କୋନୀକୁ ଯାଇ କାନ୍ଦି କାନ୍ଦି ମାମାକୁ ବାୟ ବାୟ କହେ। ତାପରେ ଘର ଭିତରକୁ ଯାଇ ମାମାଙ୍କ ଫଟୋ ଆଗରେ ଛିଡ଼ା ହେଇ କହେ- ତୋ ସାଙ୍ଗରେ ମୋର କଟି-କଟି, ଡବଲ କଟି। ଖୁଆଇ ଦେଲା ବେଳେ ମାମା କହନ୍ତି ନି, ଆଁ କରିବାକୁ। ହେଲେ କୁନିଝିଅ ବଡ଼ ଆଁ କରିଦିଏ। ତାକୁ ଏମିତି ଭୋକ ଲାଗେ ଯେ, ସେ ଟାଉ-ଟାଉ କରି ସବୁ ଖାଇଦିଏ। କିନ୍ତୁ ସୁମିମାଉସୀ ଆଁ କରିବାକୁ କହିଲେ କୁନିଝିଅ ମୋଟେ ଆଁ କରେନି। ତା' ପେଟରୁ ଭୋକ କୁଆଡ଼େ ପଳେଇ ଯାଏ।

ଶୋଇଲା ବେଳେ ମାମା କୁନିଝିଅକୁ ଆଉଜେଇ ଆଣିଲା ମାତ୍ରକେ ତାକୁ ନିଦ ଲାଗିଯାଏ। ହେଲେ ସୁମିମାଉସୀ ପିଠି ଥାପୁଡ଼େଇ ନାନାବାୟା ଗୀତ ବୋଲିଲେ ବି ତା ଆଖିକୁ ଜମା ନିଦ ଆସେନି। ମାମା ଯେମିତି ଭଲ ପାଆନ୍ତି, ସୁମିମାଉସୀ ତ ସେମିତି ଭଲ ପାଆନ୍ତି!

ମାସେ, ଦି' ମାସ ପରେ ମାମା ଅଫିସକୁ ଗଲା ବେଳେ କୁନିଝିଅ ଆଉ ବାୟ-ବାୟ କହିଲାନି। ସୁମିମାଉସୀ କ'ଣ ପଚାରିଲେ କିଛି କହିଲାନି। ଯେତେ ମଜା କଥା କହିଲେ ବି ଟିକେ ହସିଲାନି। ବାପା, ମାଆ ଅଫିସରୁ ଫେରିଲେ ଖୁସି ହେଇ ତାଙ୍କୁ କୁଣ୍ଢେଇ ପକେଇଲାନି। ନଚିହ୍ନିଲା ଭଳିଆ ତାଙ୍କୁ କଟ୍-ମଟ୍ କରି ଅନେଇଲା।



ବାପା, ମାମା ବ୍ୟସ୍ତ ହେଇ ଡାକ୍ତରଙ୍କୁ ଦେଖେଇଲେ। ଡାକ୍ତର ପରୀକ୍ଷା କରି କହିଲେ- ପିଲାଟି ତାର ପ୍ରିୟ ଲୋକଙ୍କ ଠାରୁ ସ୍ନେହ ମମତା ପାଉନି ବୋଲି ତାକୁ ବହୁତ ଆଘାତ ଲାଗିଛି। ଯଦି ଏବେ ତାକୁ ସ୍ନେହ, ମମତା ଦିଆଯାଏ, ତେବେ ସେ ଖୁବ୍ କମ୍ ଦିନ ଭିତରେ ଭଲ ହୋଇଯିବ।

ଘରେ ପହଞ୍ଚି ବାପା କହିଲେ- କାର୍ କିଣିବା ନିଶାରେ ତମେ ଜିଦ୍ କରି ଚାକିରି କଲ। ଏବେ କ'ଣ ହେଲା ଦେଖିଲ ତ? ମାମା କିଛି ନକହି କାନ୍ଦି କାନ୍ଦି ହାତ ଯୋଡ଼ିଲେ। ତା'ପର ଦିନଠୁ ଆଉ ଅଫିସ୍ ଗଲେନି। କୁନିଝିଅକୁ ଧରି କାନ୍ଦିଲେ ଆଉ କହିଲେ- ତୋତେ ଛାଡ଼ି ମୁଁ ଆଉ କୁଆଡ଼େ ଯିବିନି। ତୋ' ସାଙ୍ଗରେ ଖେଳିବି, ମଜାଗପ ଶୁଣେଇବି। ମାମୁନୁ କିଛି କହ, ଟିକେ ହସିଦେ। କୁନିଝିଅ କିଛି ନ କହି ବୋକିଙ୍କ ଭଳିଆ ମାମାଙ୍କୁ ଅନାଏ।

ଏମିତି ଚାଲି ଗଲା ଗୋଟେ ମାସ। ଦିନେ ସକାଳୁ ମାମା କୁନିଝିଅକୁ ଧରି କାନ୍ଦୁଥିଲେ। କୁନିଝିଅ ମାମାଙ୍କ ଲୁହ ପୋଛି ଦେଇ କହିଲା- ତୁ କାନ୍ଦନା ମାମା। ଦେଖ ମୁଁ ହସୁଛି। ଫିକ୍‌କିନା ହସି ଦେଲା କୁନିଝିଅ।

**ମାତୃନିଳୟ, ସାଲେପୁର, କଟକ-୭୫୪୨୦୨**
**ମୋ: ୯୪୩୭୨୨୭୯୨୫**

## ଅଭୁଲା କୀର୍ତ୍ତି

## ଡ୍ରାଗନ ବ୍ରିଜ



ପୋଲଟିର ଇଂରାଜୀ ନାମ ଡ୍ରାଗନ ବ୍ରିଜ। ଭିଏତନାମର ଦାନାଙ୍ଗ ନଗରୀ ଦେଇ ବହି ଯାଉଥିବା ହାନ ନଦୀ ଉପରେ ଏହି ପୋଲଟି ରହିଛି। ଏହା ହେଉଛି ପୃଥିବୀର ଡ୍ରାଗନ ଆକୃତିରେ ନିର୍ମିତ ପୃଥିବୀର ସବୁଠୁ ବଡ଼ ପୋଲ। ଏହାର ଲମ୍ବ ହେଉଛି ୬୬୬ ମିଟର ଏବଂ ଓସାର ୩୭ ମିଟର ୫୦ ସେଣ୍ଟିମିଟର। ଏହା ୬ ଲେନ୍ ବିଶିଷ୍ଟ। ୨୦୧୩ ମାର୍ଚ୍ଚ ୨୯ ତାରିଖରେ ଏହା ଉଦ୍‌ଘାଟିତ ହୋଇଥିଲା। ପୋଲ ଉପରେ ରହିଥିବା ଡ୍ରାଗନ ପ୍ରତିକୃତିର ଲମ୍ବ ୫୬୮ ମିଟର। ରାତିରେ ଏହି ପୋଲ ବିଶେଷ କରି ଡ୍ରାଗନ ପ୍ରତିକୃତିଟି ରଙ୍ଗିନ ଆଲୋକମାଳାରେ ଝଲସୁ ଥାଏ। ପ୍ରତି ଶୁକ୍ରବାର, ଶନିବାର ଓ ରବିବାର ରାତିରେ କିଛି ସମୟ ପାଇଁ ଡ୍ରାଗନ ପାଟିରୁ ଅଗ୍ନି ଉଦ୍‌ଗୀରଣ ହେବା ସହ ପାଣି ମଧ୍ୟ ବହୁ ଦୂରକୁ ଛିଟ୍‌କୁ ଥାଏ। ଭିଏତନାମ ସଂସ୍କୃତିରେ ଡ୍ରାଗନର ବିଶେଷ ଗୁରୁତ୍ୱ ରହିଛି। ଏହା ଶକ୍ତି, ସମୃଦ୍ଧି ଓ ସୌଭାଗ୍ୟର ପ୍ରତୀକ। ଏହି ପୋଲଟି ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ରୂପେ ପରିଚିତ। ରାତିରେ ଝଲସୁ ଥିବା ଏହାର ଆକର୍ଷଣୀୟ ରଙ୍ଗୀନ ଶୋଭା ଦେଖିବା ପାଇଁ ଦର୍ଶକ ଓ ପର୍ଯ୍ୟଟକମାନଙ୍କ ଭିଡ଼ ଜମେ।

## ନୂଆ ନୂଆ




ଆକି ହେଉଛି ଏକ ସୁଆଦିଆ ଫଳ। ପ୍ରଥମେ ପଶ୍ଚିମ ଆଫ୍ରିକାର କେତେକ ଅଞ୍ଚଳରେ ଏହା ଚାଷ କରାଯାଉଥିଲା। ବର୍ତ୍ତମାନ ଅନ୍ୟ କେତେକ ଦେଶରେ ମଧ୍ୟ ଆକି ଗଛ ଦେଖିବାକୁ ମିଳୁଛି। ଜାମାଇକାର ଏହା ଜାତୀୟ ଫଳ। କଞ୍ଚାବେଳେ ଏହାର ରଙ୍ଗ ସବୁଜମିଶା ହଳଦିଆ। କିନ୍ତୁ ପାଚିଲେ ଏହା ହଳଦୀ ମିଶା ଲାଲ ହୋଇଯାଏ। ଫଳଟିର ଲମ୍ବ ଅଢ଼େଇ ଇଞ୍ଚରୁ ୪ଇଞ୍ଚ ମଧ୍ୟରେ। ଓଜନ ୭୦ ଗ୍ରାମରୁ ୧୫୦ ଗ୍ରାମ। କଞ୍ଚାଫଳ ବିଷାକ୍ତ ହୋଇଥିବାରୁ ତାହା ଶାରୀରିକ କ୍ଷତି କରିଥାଏ। କିନ୍ତୁ ପାଚିଲା ଫଳ ସୁଆଦିଆ ଓ ସଂପୂର୍ଣ୍ଣ ଖାଦ୍ୟ ଉପଯୋଗୀ। ପାଚିଲେ ଉପର ଖୋଳପା ଆପେ ଆପେ ଫାଟିଯାଏ ଏବଂ ଭିତରେ ଥିବା ଶସଟିକୁ ଲୋକେ ଖାଇଥାନ୍ତି। ଜାମାଇକା ଲୋକମାନଙ୍କ ଏହା ଏକ ପ୍ରିୟ ଖାଦ୍ୟ।


## ଧନ୍ଦା

ଏଥିରେ ୫ଟି ଶବ୍ଦ ସହ ଅର୍ଥ ମଧ୍ୟ ରହିଛି। ତେବେ ସେଗୁଡ଼ିକ ସଠିକ କ୍ରମରେ ନାହିଁ। କେଉଁ ଶବ୍ଦର ସଠିକ ଉତ୍ତର କ'ଣ ତାହା ଖୋଜି ବାହାର କର?

୧- ଦନୁଜ, ୨- ପୂଗ, ୩- ବୋଧି,
୪- ଚକ୍ରଧର, ୫- ଶିଖାଳ
୧- ଗୁଆ, ୨- ସାପ, ୩- ରାକ୍ଷସ, ୪- ମୟୂର,
୫- ଅଶ୍ୱତ୍ଥ ବୃକ୍ଷ

୧-୫ '୬-୧ '୫-୪ '୧-୬ '୪-୧ -ଉତ୍ତର

## ଜ୍ଞାନବିଜ୍ଞାନ



## ହାତୀ ବହୁ ଦୂରରୁ ଶୁଣିପାରେ

ହାତୀଙ୍କ ଶ୍ରବଣ ଶକ୍ତି ଖୁବ୍ ପ୍ରଖର। ଜାତୀ ରଡ଼ି ଛାଡ଼ିବା ବେଳେ ପ୍ରାୟ ୪ କିଲୋମିଟର ଦୂରରେ ଥିବା ଅନ୍ୟ ହାତୀମାନେ ତାହା ଶୁଣିପାରନ୍ତି। ଯଦି ପରିବେଶ ନିଃଶବ୍ଦ ଥାଏ, ତେବେ ତାହା ୧୦ କିଲୋମିଟର ଦୂରରେ ଥିବା ହାତୀଟିଏ ମଧ୍ୟ ଶୁଣିପାରେ। କେତେକ ଶବ୍ଦକୁ ହାତୀମାନେ ପ୍ରାୟ ୧୫ କିଲୋମିଟର ଦୂରରୁ ମଧ୍ୟ ଶୁଣିପାରନ୍ତି ବୋଲି ପ୍ରାଣୀ ବିଜ୍ଞାନୀମାନେ ମତ ଦିଅନ୍ତି।

## ତୁମ ପାଇଁ ବହି





### ମା' ପରି କିଏ ହେବ

ଲେଖକ/ ପ୍ରକାଶକ: କିରଣବାଳା ସ୍ୱାଇଁ
ଠିକଣା: ୬୨୨, ମହାନଦୀ ବିହାର, ନୂଆବଜାର, କଟକ-୪
ମୂଲ୍ୟ: ୧୨୦ ଟଙ୍କା

ଏହା ଏକ ଶିଶୁ କବିତା ସଂକଳନ। କିନ୍ତୁ ପୁସ୍ତକର ଶେଷ ଭାଗରେ କେତୋଟି ଆଧୁନିକ କବିତାକୁ ମଧ୍ୟ ସ୍ଥାନ ଦିଆଯାଇଛି। ଶିଶୁ କବିତାଗୁଡ଼ିକ ବେଶ୍ ସରଳ ଓ ଛନ୍ଦମୟ ହୋଇଛି। ଲେଖିକା ବିଭିନ୍ନ କବିତାରେ ପିଲାଙ୍କ ମନୋରଞ୍ଜନ ପାଇଁ ଚେଷ୍ଟା କରିବା ସହ ସେମାନଙ୍କୁ ନୀତି ଶିକ୍ଷା ମଧ୍ୟ ଦେବାକୁ ଉଦ୍ୟମ କରିଛନ୍ତି। ସଂକଳନଟି ସବୁ ବର୍ଗର ପାଠକଙ୍କ ଚାହିଦା ପୂରଣ କରିବା ଆଶା କରାଯାଏ।

## କୁନାକୁନିଙ୍କ






ସାନ୍ୱି ଶନାୟା ସା
କ୍ଲାସ୍-୪, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର



ଦିବ୍ୟାଂଶୁ କୁମାର
କ୍ଲାସ୍-୬, ଡି.ଏ.ଭି. ପବ୍ଲିକ ସ୍କୁଲ, ନିମାପଡ଼ା, ପୁରୀ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

ରାମଚରିତ ମାନସ ମନ୍ଦିରର ଭୂମିପୂଜନ ସମାରୋହ

# ସଂସ୍କୃତି ଓ ସଂସ୍କାରଧର୍ମୀ କାର୍ଯ୍ୟ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ



**ପୁରୀ,୪।୭/ଏନ୍ଏନ୍ଏସ୍:** ପୁରୀର ମଙ୍ଗଳାଘାଟ ଠାରେ ରାମଚରିତ ମାନସ ମନ୍ଦିରର ଭୂମିପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସଂସ୍କୃତି ଓ ସଂସ୍କାରଧର୍ମୀ କାର୍ଯ୍ୟ ଓ ଏହାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପଦ୍ମଭୂଷଣ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜ ଅଧ୍ୟକ୍ଷତା କରି ଏହି ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ। ସୂଚନା ଯୋଗ୍ୟ ଯେ ରାଘବ ପରିବାର ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ପାଟଣା ଗ୍ରାମରେ ଭଗବାନ ଶ୍ରୀରାମ ଚରିତ ମାନସ ଭବ୍ୟ ମନ୍ଦିର ହେବା ଏକ ସୌଭାଗ୍ୟର ବିଷୟ ଏବଂ ଏହି ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜନ କରିବାକୁ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜଙ୍କ ଆଗମନ ଆମ ପାଇଁ ଆଶୀର୍ବାଦ। ଏଠାରେ ରାମ ଚରିତ ମାନସ ମନ୍ଦିର ପ୍ରତିଷ୍ଠା ହିନ୍ଦୁ ପରମ୍ପରାର ଏକ ଅନନ୍ୟ ନିଦର୍ଶନ। ପ୍ରଧାନମନ୍ତ୍ରୀଙ୍କ ସମାଜର ୪ଟି ବର୍ଗ- ଅନ୍ନଦାତା, ଗରିବ, ମହିଳା ଓ ଯୁବାଙ୍କ ବିକାଶକୁ ପ୍ରାଧାନ୍ୟ ଦେଇ ସମସ୍ତ ଯୋଜନାକୁ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଭାବରେ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ବିକଶିତ ଭାରତକୁ ସାକାର କରିବ। ରାଜ୍ୟରେ ସମସ୍ତ ଜନହିତକର ଯୋଜନା ଲୋକଙ୍କ ପର୍ଯ୍ୟନ୍ତ ପହଁଚୁଛି ଏବଂ ଓଡ଼ିଶା ବିକାଶର ଶିଖର ଛୁଇଁବ। ଭୂମି ପୂଜନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ସେହି ସ୍ଥାନରେ ଏକ ନିମ୍ବ ଗଛ ଲଗାଇଥିଲେ ଏବଂ ଭୂମି ପୂଜନ ଯଜ୍ଞରେ ନିର୍ମାଣ ପ୍ରସ୍ତରର ଶୁଭ ଦେଇଥିଲେ। ଏହି ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଦେବଗଡ଼ରେ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ'

# ଡବଲ୍ ଇଞ୍ଜିନ୍‌ର ସରକାର ଗରିବଙ୍କ ମୁହଁରେ ହସ ଫୁଟାଉଛି: ଧର୍ମେନ୍ଦ୍ର

**୧୬୩ କୋଟି ମୂଲ୍ୟର ୪୫ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ**

**ନୂତନ ବସ୍ ଟର୍ମିନାଲ୍ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ**

**କୃଷି ବ୍ୟବସାୟ ଆଧାରିତ ଅର୍ଥନୀତି ହେବ ଦେବଗଡ଼**



**ଦେବଗଡ଼,୪।୭/ଏନ୍ଏନ୍ଏସ୍:** ରାଜ୍ୟରେ ପ୍ରଥମ ଥର ପାଇଁ ହୋଇଥିବା ଡବଲ୍ ଇଞ୍ଜିନର ସରକାର ଗରିବଙ୍କ ମୁହଁରେ ହସ ଫୁଟାଉଛି। ସମସ୍ତ ସରକାରୀ ଯୋଜନାର ଲାଭ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଦିଗରେ ଆମ ସରକାର ନିରନ୍ତର ପ୍ରୟାସ କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ଦେବଗଡ଼ ଠାରେ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ'ରେ ଯୋଗଦେବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି।

ଶ୍ରୀ ପ୍ରଧାନ ଡବଲ ଇଞ୍ଜିନ ସରକାରର ୧୪ଟି ବିଭାଗର ପ୍ରାୟ ୧୬୩ କୋଟି ଟଙ୍କା ମୂଲ୍ୟର ୪୫ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ କହିଛନ୍ତି ଯେ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଗୋଟି ଗୋଟି କରି ପୂରଣ କରାଯାଉଛି। ଓଡ଼ିଶାରେ ଯେଉଁ ସରକାର ହୋଇଛି ତାହା ଲୋକଙ୍କ ସରକାର, ଲୋକଙ୍କ ପାଇଁ ସରକାର ଏବଂ ଲୋକଙ୍କ ଦ୍ୱାରା ସରକାର। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତୋଦୟ ଯୋଜନାରେ ଗରିବଙ୍କୁ ଘର ମିଳୁଛି। ପୂର୍ବ ସରକାର ମୋଦୀଙ୍କ ଲୋକପ୍ରିୟତା ବଢ଼ିଯିବ ବୋଲି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦିଲ୍ଲୀ ପଠାଉନଥିଲେ। ଲୋକଙ୍କୁ ଦଳୀୟ ଆଧାରରେ ଘର ଦିଆଯାଉଥିଲା, ଫଳସ୍ୱରୂପ ଗରିବ ଲୋକମାନେ ଘର ପାଇବା ପାଇଁ ବଞ୍ଚିତ ହେଉଥିଲେ। ଆମ ସରକାରରେ ଦଳୀୟ ରାଜନୀତି ଶେଷ ହୋଇଛି। ଯୋଗ୍ୟ ଲୋକମାନଙ୍କୁ ଘର ପ୍ରଦାନ କରାଯାଉଛି। ଡବଲ ଇଞ୍ଜିନ ସରକାରରେ ଗରିବ ଲୋକ ନିଜର ଅଧିକାର ପାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ଦେବଗଡ଼ ଜିଲ୍ଲା ଏକ ଚଷା ଚାଷୀର ଅଞ୍ଚଳ। ପଶୁପାଳନ ସହ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଏଠାରେ ଅପାର ସମ୍ଭାବନା ରହିଛି। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷାଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ। ଦେବଗଡ଼ ଜିଲ୍ଲାକୁ ଏକ କୃଷି ବ୍ୟବସାୟ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ଆମ ସରକାର ବଦ୍ଧ ପରିକର। ଦେବଗଡ଼ ଜିଲ୍ଲାକୁ ନୂଆ ରୂପ ଦେବା ପାଇଁ ପ୍ରୟାସ ହେଉଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲାର ସବୁ ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଥିବା ଯୋଜନାର ତାଲିକା, ଅନଲାଇନ୍ ଆବେଦନର ପ୍ରକ୍ରିୟା ଏବଂ ବିଭିନ୍ନ ଚାଷର ଯୋଜନା ଓ ସରକାରୀ ପ୍ରୋତ୍ସାହନର ତାଲିକା ମାରିବା ପାଇଁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଦେବଗଡ଼ରେ ନୂତନ ବସ ଟର୍ମିନାଲ ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ୫ଟି ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ଓ ମଶା ଧୂଆଁ ଗାଡିର ଲୋକାର୍ପଣ କରିଥିଲେ।

ବିଜେପି ରାଜ୍ୟ ସଭାପତିଙ୍କ ଦୃଢ଼ୋକ୍ତି

# ଯୋଗ୍ୟ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଫେରସ୍ତ କରାଯିବ ଟଙ୍କା




- ରାଜ୍ୟ ସରକାର କ୍ଷତିଗ୍ରସ୍ତ ଜମାକାରୀଙ୍କ ପ୍ରତି ସମ୍ବେଦନଶୀଳ
- ୩-୪ ମାସ ମଧ୍ୟରେ ୫ ଲକ୍ଷ ଜମାକାରୀ ଫେରି ପାଇବେ ଟଙ୍କା

**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:** ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବାପରେ ଚିଟଫଣ୍ଡ ସଂସ୍ଥାରେ କ୍ଷତିଗ୍ରସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ମାତ୍ର ୧ ବର୍ଷ ମଧ୍ୟରେ ୧ ଲକ୍ଷ ୨୬ ହଜାର ୧୩୭ ଜଣ ଯୋଗ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଇଛି। ଆସନ୍ତା ୩-୪ ମାସ ମଧ୍ୟରେ ୫ ଲକ୍ଷ ଯୋଗ୍ୟ ଜମାକାରୀକାରୀଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ତେବେ ବିଜେପି ସରକାରଙ୍କ ନିଷ୍ପପର ଉଦ୍ୟମ ପାଇଁ ଚିଟ୍‌ଫଣ୍ଡରେ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀମାନେ ଟଙ୍କା ଫେରିପାଇବେ ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ମନମୋହନ ସାମଲ କହିଛନ୍ତ। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ବିଜେଡି ସରକାରଙ୍କ ଉପରେ ବିଶ୍ୱାସ ଓ ଭରସା ରଖି ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ଓଡ଼ିଶାର ଜନସାଧାରଣ ସେମାନଙ୍କ କଷ୍ଟ ଅର୍ଜିତ ଟଙ୍କା ଜମା କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଜନସାଧାରଣଙ୍କ ଭରଷା ସହ ଖେଳିଥିଲା ବିଜେଡି ସରକାର। ୧୭୪ଟି ଚିଟଫଣ୍ଡ କମ୍ପାନୀ ଓଡ଼ିଶାର ଜନସାଧାରଣଙ୍କ ଟଙ୍କା ହରିଲୁଟ୍ କରିଥିଲେ। ବିଜେଡି ସରକାରର ଅନେକ ମନ୍ତ୍ରୀ, ସାଂସଦ, ବିଧାୟକମାନେ ପ୍ରାୟୋଜିତ ଭାବେ ଚିଟଫଣ୍ଡ ନାଁରେ ଲୋକଙ୍କ ଟଙ୍କା ଆତ୍ମସାତ କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ହୋଇ ବିଜେଡିର ବହୁ ନେତା ଓ ମନ୍ତ୍ରୀ ବିଗତ ଦିନରେ ଜେଲ୍ ଯାଇଛନ୍ତି। ଚିଟଫଣ୍ଡ ସଂସ୍ଥାରେ ଟଙ୍କା ଲଗାଇ ଲକ୍ଷଲକ୍ଷ ଯୋଗ୍ୟ ଜମାକାରୀ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଥିଲେ। ଫଳରେ ସାଧାରଣ ଲୋକଙ୍କ ବିଶ୍ୱାସ ସରକାରଙ୍କ ଉପରୁ ଉଠିଯାଇଥିଲା। ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲା। ଏହାପରେ କର୍ପସ ଫଣ୍ଡ ଓ କମିଶନ ଗଠନ ହୋଇଥିଲା, ମାତ୍ର କ୍ରିୟାନ୍ୱୟନ ହୋଇପାରି ନଥିଲା। ଏପରିକି ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇ ନଥିଲା।

ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପାଇଁ ତୁରନ୍ତ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ଚିଟ୍‌ଫଣ୍ଡ କ୍ଷତିଗସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯିବ। ଏନେଇ ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ନିଜର ସଂକଳ୍ପପତ୍ରରେ ଘୋଷଣା କରିଥିଲ। ବିଜେପି ସରକାର କ୍ଷତିଗସ୍ତ ଜମାକାରୀଙ୍କ ପ୍ରତି ସମ୍ବେଦନଶୀଳ। ସମସ୍ତ କ୍ଷତିଗସ୍ତ ଯୋଗ୍ୟ ଜମାକାରୀ କିପରି ଟଙ୍କା ପାଇବେ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ସାମାନ୍ୟ ପ୍ରମାଣ ଦେଖାଇଲେ ଯେପରି ଜମାକାରୀ ଟଙ୍କା ଫେରସ୍ତ ପାଇପାରିବେ ସେଭଳି ବିଧି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ କଣ୍ଟାବାଞ୍ଜୀ ବିଧାୟକ ଲକ୍ଷ୍ମଣ ବାଗ, ରାଜ୍ୟ ବିଜେପି ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୮ରେ ରାଜ୍ୟ ବିଜେପିକୁ ମିଳିବ ନୂଆ ସଭାପତି

**୬ରେ ମତଦାତା ସୂଚୀ, ୭ରେ ନାମାଙ୍କନପତ୍ର ଦାଖଲ**

**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:** ଚଳିତ ମାସ ୮ରେ ରାଜ୍ୟ ବିଜେପିକୁ ମିଳିବ ନୂଆ ସଭାପତି। ଏନେଇ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ତାହା ଆସନ୍ତା ୬ରୁ ଆରମ୍ଭ ହୋଇ ୮ରେ ଶେଷ ହେବ। ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସହ ନିର୍ବାଚନ ଅଧିକାରୀ ଡ. ଯତୀନ ମହାନ୍ତି ଏହି ସୂଚନା ଦେଇଛନ୍ତି। ଡ. ମହାନ୍ତି କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ବିଜେପିର ସାଙ୍ଗଠନିକ ନିର୍ବାଚନ ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହୁଏ। ଏଥିରେ ଦଳର ବୁଥ୍‌ସ୍ତରରୁ ଆରମ୍ଭ କରି କେନ୍ଦ୍ରସ୍ତର ପର୍ଯ୍ୟନ୍ତ ନିର୍ବାଚନ କରାଯାଏ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏବେ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଜୁଲାଇ ୬ ତାରିଖ ପୂର୍ବାହ୍ଣ ୧୧ଟାରେ ଅନ୍ତରୀଣ ମତଦାତାଙ୍କ ସୂଚୀ ପ୍ରକାଶ ପାଇବ। ମଧ୍ୟାହ୍ନ ୧୨ଟାରୁ ୨ଟା ସୁଦ୍ଧା ମତଦାତାଙ୍କ ସୂଚୀ ଉପରେ ବିଭିନ୍ନ ଆପତି ଅଭିଯୋଗର ଯାଞ୍ଚ କରାଯିବା ପରେ ଅପରାହ୍ଣ ୨ଟାରୁ ୫ଟା ମଧ୍ୟରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇବ। ଜୁଲାଇ ୭ ପୂର୍ବାହ୍ଣ ୧୧ଟାରୁ ୨ଟା ସୁଦ୍ଧା ଉପରୋକ୍ତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯିବ। ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସମ୍ପର୍କିତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଅନ୍ତିମ ସୂଚୀ ପ୍ରକାଶ କରାଯିବ ଏବଂ ଚିହ୍ନ ଆବଣ୍ଟନ କରାଯିବ। ଆବଶ୍ୟକ ହେଲେ ୮ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ। ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ତରଫରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି।




# କଂଗ୍ରେସ ଭବନରେ ମିଶ୍ରଣ ପର୍ବ




**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:** ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲାର ସୋରଡ଼ା ଏବଂ ବେଲଗୁଣ୍ଠା ବ୍ଲକର ୨୦୦ ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦାସରଥି ଗମାଙ୍ଗୋ, ଗଞ୍ଜାମ ଜିଲ୍ଲା (ପଶ୍ଚିମ) ସଂଯୋଜ ଦେବକାନ୍ତ ଶର୍ମା, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ପ୍ରଧାନ, ସୋରଡ଼ା ବିଧାୟକ ପ୍ରାର୍ଥୀ ହରେକୃଷ୍ଣ ରଥ, ବିଧାୟକ ପ୍ରାର୍ଥୀ ଖଲ୍ଲିକୋଟ ଚିତ୍ରସେନ ବେହେରା ଓ ଭଞ୍ଜନଗରର କୁଲୁ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରି ବିଧାୟକଙ୍କ ବିରୋଧରେ ଲେଖାଶ୍ରୀଙ୍କ ଏତଲା



**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:** ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯେଭଳି ବିଜେଡିର ମୁଖପାତ୍ର ତଥା ବାଲେଶ୍ୱର ସାଂସଦ ପ୍ରାର୍ଥୀ ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଗଣମାଧ୍ୟମ ସମ୍ମୁଖରେ ବ୍ୟକ୍ତିଗତ ଆକ୍ଷେପ କରି ତାଙ୍କ ଚରିତ୍ର ଉପରେ ଅରୁଚିକର ଟିପ୍ପଣୀ ଦେଇଥିଲେ, ଯାହା ଓଡ଼ିଶାର ସମସ୍ତ ନାରୀ ସମାଜ ପାଇଁ ଏକ ଲଜ୍ଜାକର ଘଟଣା ଅଟେ। ଶ୍ରୀ ଖଟୁଆଙ୍କ ବକ୍ତବ୍ୟକୁ ବିରୋଧ କରି ଡ଼ ସାମନ୍ତସିଂହାର ଆଜି ଭୁବନେଶ୍ୱର ସ୍ଥିତ ମହିଳା ଥାନାରେ ଶ୍ରୀ ଖଟୁଆଙ୍କ ବିରୋଧରେ ଏତଲା ଦାୟର କରିଥିଲେ। ତାଙ୍କ ସହିତ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ କ୍ୟାପଟେନ ମନ୍ମଥ ରାଉତରାୟ, ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ପନାଥ ପଣ୍ଡା, ଇପ୍ସିତା ସାହୁ, ସୋଫିଆ ଆଲାମ୍, ଅରୂପ ଶ୍ରୀଚନ୍ଦନ, ନାରାୟଣ ଜେନା, ଲୋରା ମହାପାତ୍ର, ଅଂଶୁ ତ୍ରିପାଠୀ, ଭାରତୀ ସିଂ, ମାନସୀ ସୁନ୍ଦରାୟ, ଇଲା ସ୍ୱାଇଁ ଓ ମହାମାୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ରଥଯାତ୍ରାରେ ବିଭ୍ରାଟ ଘଟଣା

# ରାଜ୍ୟପାଳଙ୍କୁ ଭେଟି ବିଚାର ବିଭାଗୀୟ ତଦନ୍ତ ଦାବି କଲା ବିଜେଡି



**ଭୁବନେଶ୍ୱର,୪।୭/ଏନ୍ଏନ୍ଏସ୍:** ଚଳିତ ବର୍ଷ ରଥଯାତ୍ରାରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁକୁ ନେଇ ଆଜି ବିଜୁ ଜନତା ଦଳ ତରଫରୁ ଶୁକ୍ରବାର ରାଜ୍ୟପାଳ ହରିବାବୁ କମ୍ଭମ୍ପତିଙ୍କୁ ଏକ ସ୍ମାରକପତ୍ର ମାଧ୍ୟମରେ ଉଚ୍ଚନ୍ୟାୟାଳୟର ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ଦାବି ରଖାଯାଇଛି। ସେହିପରି ରଥଯାତ୍ରାର ବାକିଥିବା ନୀତି ଓ କାର୍ଯ୍ୟସୂଚୀ କିପରି ତ୍ରୁଟିଶୂନ୍ୟ ଭାବେ ଅନୁଷ୍ଠିତ ହେବ, ସେନେଇ ରାଜ୍ୟପାଳ ମହୋଦୟ ନିଜେ ହସ୍ତକ୍ଷେପ କରି ତ୍ରୁଟିଶୂନ୍ୟ କରିବା ପାଇଁ ବିଜୁ ଜନତା ଦଳ ତରଫରୁ ଅନୁରୋଧ କରାଯାଇଛି। ବିଜୁ ଜନତା ଦଳର ବରିଷ୍ଠ ନେତୃତ୍ୱଙ୍କ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଚଳିତ ବର୍ଷ ରଥଯାତ୍ରା ସମୟରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ବିଭ୍ରାଟ ସମ୍ପର୍କରେ ଆଲୋଚନା କରିବା ସହିତ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ପବିତ୍ର ରଥଯାତ୍ରା ସମୟରେ ଘଟିଥିବା ଅବ୍ୟବସ୍ଥା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମନରେ ଗଭୀର ଆଘାତ ଦେଇଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ବେପରୁଆ ମନୋଭାବ ଓ ସମ୍ବେଦନହୀନତା ଯୋଗୁଁ, ଏ ବର୍ଷ ରଥଯାତ୍ରା ଦିନ ଭିଡ଼ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡିଥିଲା, ପରିଣାମସ୍ୱରୂପ ପ୍ରଥମ ଦିନ ରଥଟଣା ସମୟରେ ୭୫୦ ଜଣ ଭକ୍ତ ଆହତ ହୋଇଥିଲେ। ସେହିପରି, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ ଠିଆ ହୋଇଥିବା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ନଥିବା କାରଣରୁ ଭକ୍ତ ମାନଙ୍କ ଭିତରେ ଦଳାଚକଟା ହୋଇ ୩ ଜଣ ପ୍ରାଣ ହରାଇଥିଲେ। ରଥଯାତ୍ରା ଦିନ ଭୁବନେଶ୍ୱରରୁ ରଥଯାତ୍ରାର ସମ୍ବାଦ ସଂଗ୍ରହ ପାଇଁ ଯାଇଥିବା ବରିଷ୍ଠ ସାମ୍ବାଦିକ ମାନଙ୍କ ପାଖରେ କର୍ଡନ ପାସ ଥିବା ସତ୍ତ୍ୱେ ସେମାନଙ୍କୁ କର୍ଡନ ଭିତରକୁ ଛଡାଯାଇ ନଥିଲା, ଓଲଟି ପୋଲିସ ମାଡରେ ୬ ଜଣ ବରିଷ୍ଠ ସାମ୍ବାଦିକ ଆହତ ହୋଇଥିଲେ। ସନ୍ଧ୍ୟା ପରେ ରଥଟଣା ହେବାର ପରମ୍ପରା ନଥିବା ବେଳେ ସନ୍ଧ୍ୟା ୭.୪୫ ମିନିଟରେ ନନ୍ଦିଘୋଷ ରଥକୁ କିଛି ପାଦ ଟଣା ଯାଇଥିଲା, ଯାହା ରାଜ୍ୟବାସୀ ଓ ଜଗନ୍ନାଥପ୍ରେମୀ ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ଘଟିଥିବା ବ୍ୟାପକ ବିଭ୍ରାଟ ଓ ଅବ୍ୟବସ୍ଥା ଉପରେ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ଘୋଷଣା କରିଛନ୍ତି। କିନ୍ତୁ ଉଚ୍ଚ ନ୍ୟାୟାଳୟର ଏକ କାର୍ଯ୍ୟରତ ଜଜ୍‌ଙ୍କ ଦ୍ୱାରା ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଆମେ ଦାବି କରୁଛୁ ବୋଲି ବିଜୁ ଜନତା ଦଳ ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ କୁହାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସ୍ମାରକପତ୍ରରେ ରଥଯାତ୍ରା ବିଭ୍ରାଟକୁ ନେଇ ଦଳ ତରଫରୁ ଦିଆଯାଇଥିବା ବିଭିନ୍ନ ଅଭିଯୋଗ ଉପରେ ରାଜ୍ୟପାଳଙ୍କୁ ସୂଚନା ଦେଇଥିଲେ। ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଅଶୋକ ପଣ୍ଡା, ଚନ୍ଦ୍ର ଶେଖର ସାହୁ, କଳିକେଶ ନାରାୟଣ ସିଂଦେଓ, ପ୍ରୀତିରଂଜନ ଘଡେଇ, ସୁଲୋଚନା ଦାସ, ସୁଭାଶିଷ ଖୁଣ୍ଟିଆ ଓ ସୁନିଲ ମହାନ୍ତି ପ୍ରମୁଖ ରାଜ୍ୟପାଳଙ୍କ ସହିତ ରଥଯାତ୍ରା ବିଭ୍ରାଟ ସଂପର୍କରେ ମତ ବିନିମୟ କରିଥିଲେ। ରାଜ୍ୟପାଳଙ୍କୁ ଭେଟିଥିବା ଏହି ପ୍ରତିନିଧି ମଣ୍ଡଳୀରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅନନ୍ତ ନାରାୟଣ ଜେନା, ଉମାକାନ୍ତ ସାମନ୍ତରାୟ, ତୁଷାରକାନ୍ତି ବେହେରା, ସୁବାଷ ସିଂ, ମନ୍ମଥ ରାଉତରାୟ, ମଞ୍ଜୁଲତା କହଁର, ଦିଲ୍ଲୀପ ନାୟକ, ରାଜେନ୍ଦ୍ର ସାହୁ, ବିଭୁତି ବଳବନ୍ତରାୟ ପ୍ରମୁଖ ବହୁ ନେତା ଥିଲେ।



### ବର୍ମିଂହାମ୍ ଟେଷ୍ଟ: ବ୍ରୁକ୍-ସ୍ମିଥ୍‌ଙ୍କ ଶତକ; ସିରାଜ୍‌ଙ୍କୁ ୬ ୱିକେଟ୍

# ଇଂଲଣ୍ଡ ପ୍ରଥମ ଇନିଂସ୍ ୪୦୭ ରନ୍‌ରେ ସମାପ୍ତ



**ବର୍ମିଂହାମ୍,୪।୭/ଏଜେନ୍ସି:** ସ୍ଥାନୀୟ ଏଜ୍‌ବାଷ୍ଟନ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତର ପ୍ରଥମ ଇନିଂସ୍ ସ୍କୋର୍ ୫୮୭ ରନ୍ ଜବାବରେ ଇଂଲଣ୍ଡର ପ୍ରଥମ ଇନିଂସ୍ ୪୦୭ ରନ୍‌ରେ ଶେଷ ହୋଇଛି। ଇଂଲଣ୍ଡ ପକ୍ଷରୁ ହ୍ୟାରୀ ବ୍ରୁକ୍ (୧୫୮) ଓ ଜେମି ସ୍ମିଥ୍ (୧୮୪*) ଶତକ ହାସଲ କରିଥିବା ବେଳେ ଭାରତ ପକ୍ଷରୁ ମହମ୍ମଦ ସିରାଜ୍ ଘାତକ ବୋଲିଂ କରି ୬ ୱିକେଟ୍ ଏବଂ ଆକାଶ ଦୀପ୍ ୪ ୱିକେଟ୍ ଦଖଲ କରିଛନ୍ତି। ଜବାବରେ ତୃତୀୟ ଦିନ ଖେଳ ଶେଷ ବେଳକୁ ଭାରତ ଏକ ୱିକେଟ୍ ହରାଇ ୬୪ ରନ୍ କରିନେଇଛି। ଏହା ସହିତ ଭାରତ ମୋଟ ୨୪୪ ରନ୍‌ର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ବେଳକୁ କେଏଲ୍ ରାହୁଲ ୨୮ ଓ କରୁଣ ନାୟର ୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଯଶସ୍ୱୀ ଜୟସ୍ୱାଲ୍ ୨୨ ବଲ୍‌ରେ ୬ ଚୌକା ସହାୟତାରେ ୨୮ ରନ୍ କରି ଜୋଶ୍ ଟଙ୍ଗଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ।

**ଭାରତ ଦ୍ୱିତୀୟ ଇନିଂସ୍ ୬୪/୧**

ଶୁକ୍ରବାର ସକାଳେ ୭୭/୩ ରନ୍‌ର ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆରମ୍ଭ କରିଥିବା ଇଂଲଣ୍ଡକୁ ନିଜର ପ୍ରଥମ ଓଭର୍‌ରେ ମହମ୍ମଦ ସିରାଜ୍ ଲଗାତାର ଦୁଇଟି ଝଟ୍‌କା ଦେଇଥିଲେ। ତେବେ ହ୍ୟାଟ୍ରିକ୍‌ରୁ ବଞ୍ଚିତ ହୋଇଥିଲେ। ପ୍ରଥମେ ଜୋ ରୁଟ୍ (୨୨)ଙ୍କୁ ଆଉଟ୍ କରିବା ପରେ ସିରାଜ୍ ଇଂଲିଶ୍ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସଙ୍କୁ ଖାତା ଖୋଲିବାର ସୁଯୋଗ ଦେଇନଥିଲେ। ୮୪ ରନ୍‌ରେ ୫ ୱିକେଟ୍‌ର ପତନ ଘଟିବା ପରେ ହ୍ୟାରୀ ବ୍ରୁକ୍ ଓ ଜେମି ସ୍ମିଥ୍ ଇନିଂସ୍ ସମ୍ଭାଳି ଷଷ୍ଠ ୱିକେଟ୍ ପାଇଁ ରେକର୍ଡ ୩୦୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ବ୍ରୁକ୍‌ଙ୍କୁ ଆଉଟ୍ କରି ଆକାଶ ଦୀପ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ୮୦ ବଲ୍‌ରେ ଶତକ ହାସଲ କରିଥିବା ବ୍ରୁକ୍ ୨୩୪ ବଲ୍‌ରେ ୧୭ ଚୌକା ଓ ଗୋଟିଏ ଛକା ସହାୟତାରେ ୧୫୮ ରନ୍ କରିଥିଲେ। ଏହାପରେ ଇଂଲଣ୍ଡ ଆଉ ୨୦ ରନ୍ ମଧ୍ୟରେ ବାକି ୱିକେଟ୍ ହରାଇଥିଲା। ଜେମି ସ୍ମିଥ୍ ୧୮୪ ରନ୍ କରି ଅପରାଜିତ ଫେରିଥିଲେ। ତାଙ୍କ ୨୦୭ ବଲ୍‌ର ଇନିଂସ୍‌ରେ ୨୧ ଚୌକା ଓ ୪ ଛକା ସାମିଲ ଥିଲା। ଇଂଲଣ୍ଡର ଛଅଜଣ ବ୍ୟାଟ୍ସମ୍ୟାନ୍ ଖାତା ଖୋଲିପାରି ନଥିଲେ।

## ବ୍ରୁକ୍-ସ୍ମିଥ୍ ଯୋଡ଼ିଙ୍କ ରେକର୍ଡ




**ବର୍ମିଂହାମ୍,୪।୭/ଏଜେନ୍ସି:** ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଶତକ ହାସଲ କରିଥିବା ହ୍ୟାରୀ ବ୍ରୁକ୍ ଓ ଜେମି ସ୍ମିଥ୍ ମିଳିତ ଭାବେ ଇତିହାସ ରଚିଛନ୍ତି। ଉଭୟ ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍‌ରେ ୬ଷ୍ଠ ୱିକେଟ୍ ପାଇଁ ୩୦୩ ରନ୍‌ର ସବୁଠୁ ବଡ଼ ପାର୍ଟନରଶିପ୍ କରିଛନ୍ତି। ଏହା ପୂର୍ବରୁ ବର୍ମିଂହାମ୍‌ରେ ସବୁଠୁ ବଡ଼ ପାର୍ଟନରଶିପ୍ ରବୀନ୍ଦ୍ର ଜାଡ଼େଜା ଓ ଋଷଭ ପନ୍ତଙ୍କ ନାମରେ ଥିଲା। ଉଭୟ ୨୦୨୨ରେ ୬ଷ୍ଠ ୱିକେଟ୍ ପାଇଁ ୨୨୨ ରନ୍ କରିଥିଲେ। ସେହିପରି ଇଂଲଣ୍ଡ ବିପକ୍ଷ ଏହି ମ୍ୟାଚ୍‌ରେ ଶୁଭମନ ଗିଲ୍ ଓ ରବୀନ୍ଦ୍ର ଜାଡ଼େଜା ୬ଷ୍ଠ ୱିକେଟ୍ ପାଇଁ ୨୦୩ ରନ୍ ଯୋଡ଼ିଥିଲେ। ଏହା ବ୍ୟତୀତ ବ୍ରୁକ୍ ଓ ସ୍ମିଥ୍ ୬ଷ୍ଠ ୱିକେଟ୍ ପାଇଁ ଭାରତ ବିପକ୍ଷରେ ସବୁଠୁ ବଡ଼ ପାର୍ଟନରଶିପ୍‌ର ରେକର୍ଡ କରିଛନ୍ତି। କେବଳ ଏତିକି ନୁହେଁ, ଦୁହେଁ ଘରୋଇ ପଡ଼ିଆରେ ୬ଷ୍ଠ ୱିକେଟ୍ ପାଇଁ ସବୁଠୁ ବଡ଼ ପାର୍ଟନରଶିପ୍‌ର ରେକର୍ଡ ମଧ୍ୟ କରିଛନ୍ତି।

## ବିସିସିଆଇ ନିୟମ ଭାଙ୍ଗିଲେ ଜାଡ଼େଜା

**ନୂଆଦିଲ୍ଲୀ,୪।୭/ଏଜେନ୍ସି:** ବର୍ମିଂହାମ୍‌ରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନ ରବୀନ୍ଦ୍ର ଜାଡ଼େଜା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ)ର ନୂଆ ନିୟମ ଭଙ୍ଗ କରିଛନ୍ତି। ଅଷ୍ଟ୍ରେଲିଆ ଗସ୍ତ ପରେ ବିସିସିଆଇ କରିଥିବା ନୂଆ ନିୟମ ଅନୁସାରେ କୌଣସି ଖେଳାଳି ଏକୁଟିଆ ପଡ଼ିଆକୁ ଯିବା ଆସିବା କରିବେ ନାହିଁ। ସମସ୍ତ ଖେଳାଳି ଟିମ୍ ବସ୍‌ରେ ଏକାଠି ଯାତ୍ରା କରିବେ। ମାତ୍ର ଜାଡ଼େଜା ଏହି ନିୟମ ଭଙ୍ଗକରି ଗୁରୁବାର ଶୀଘ୍ର ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍ ଗ୍ରାଉଣ୍ଡ୍‌ରେ ପହଞ୍ଚି ବ୍ୟାଟିଂ ପ୍ରାକ୍ଟିସ୍ କରିଥିଲେ। ବୁଧବାର ଏଜ୍‌ବାଷ୍ଟନ୍ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଖେଳ ଶେଷ ବେଳକୁ ଶୁଭମନ ଗିଲ୍‌ଙ୍କ ସହ ଜାଡ଼େଜା ଅପରାଜିତ ଫେରିଥିଲେ। ଜାଡ଼େଜାଙ୍କ ପାଇଁ ଏହି ମ୍ୟାଚ୍ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲଶ। କାରଣ ଲିଡ୍ସ ଟେଷ୍ଟରେ ଟିମ୍ ଇଣ୍ଡିଆର ପରାଜୟ ପରେ କ୍ରିକେଟ୍ ବିଶେଷଜ୍ଞ ଟିମ୍‌ରେ ତାଙ୍କ ସ୍ଥାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହି କାରଣରୁ ୪୧ ରନ୍‌ରେ ଅପରାଜିତ ଫେରିଥିବା ଜାଡ଼େଜା ଏହି ଇନିଂସ୍ ଆଗକୁ ବଢ଼ାଇବାକୁ ଚାହୁଁଥିଲେ। ତେଣୁ ସେ ସକାଳରୁ ଶୀଘ୍ର ଉଠି ଟିମ୍ ବସ୍‌ର ଅପେକ୍ଷା ନକରି କାର୍‌ରେ ଷ୍ଟାଡିୟମ୍ ଯାଇଥିଲେ। ସେଠାରେ ସେ ସ୍ଥାନୀୟ ବୋଲର୍‌ଙ୍କ ସହ ନେଟ୍ସରେ ପ୍ରାୟ ୪୦ ମିନିଟ୍ ବ୍ୟାଟିଂ କରିଥିଲେ। ପରେ ସେ ନିଜ ଇନିଂସ୍‌ରୁ ୪୧ ରନ୍‌ରୁ ଆଗେଇ ନେଇ ୮୯ ରନ୍ ପର୍ଯ୍ୟନ୍ତ ପହଞ୍ଚାଇଥିଲେ।

## କାର୍ଲସନ୍‌ଙ୍କୁ ପୁଣି ହରାଇଲେ ଗୁକେଶ

### ଗୋଟିଏ ମାସରେ ଲଗାତାର ଦ୍ୱିତୀୟ ବିଜୟ




**ଜାଗ୍ରେଭ୍,୪।୭/ଏଜେନ୍ସି:** ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ୍ ଗୁରୁବାର କ୍ରୋଏସିଆର ଜାଗ୍ରେଭ୍‌ଙ୍କ ଚାଲିଥିବା ଗ୍ରାଣ୍ଡ ଚେସ୍ ଟୁର୍ଣ୍ଣାମେଣ୍ଟ୍‌ର ଷଷ୍ଠ ରାଉଣ୍ଡ୍‌ରେ ବିଶ୍ୱ ନଂ.୧ ନରଓ୍ୱେର ମ୍ୟାଗ୍ନସ୍ କାର୍ଲସନ୍‌ଙ୍କୁ ହରାଇ ଦେଇଛନ୍ତି। ଗୁକେଶ ପ୍ରଥମ ଦିନ କାର୍ଲସନ୍‌ଙ୍କ ସହ ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ରହିଥିଲେ। ଏବେ କାର୍ଲସନ୍‌ଙ୍କୁ ହରାଇବା ପରେ ୧୦ ପଏଣ୍ଟ ହାସଲ କରି ଆଗୁଆ ହୋଇଛନ୍ତି। ଏହା ମାସକ ମଧ୍ୟରେ କାର୍ଲସନ୍‌ଙ୍କ ବିପକ୍ଷରେ ଗୁକେଶଙ୍କ ଲଗାତାର ଦ୍ୱିତୀୟ ବିଜୟ। ଗତ ମାସରେ ସେ କାର୍ଲସନ୍‌ଙ୍କୁ ନରଓ୍ୱେ ଚେସ୍‌ରେ ମାତ୍ ଦେଇଥିଲେ। ଗୁକେଶଙ୍କୁ ଟୁର୍ଣ୍ଣାମେଣ୍ଟ୍‌ର ପ୍ରଥମ ରାଉଣ୍ଡ୍‌ରେ ପୋଲାଣ୍ଡର ଡୁଡା ଜାନ୍ କ୍ରିଷ୍ଟୋଫ୍ ୫୯ତମ ବାଜିରେ ହରାଇଥିଲେ। ଏହାପରେ ଗୁକେଶ ପ୍ରତ୍ୟାବର୍ତ୍ତନ କରି ଫ୍ରାନ୍ସର ଅଲିରେଜା ଫିରୋଜା ଓ ସ୍ୱଦେଶର ଆର୍. ପ୍ରଜ୍ଞାନନ୍ଦଙ୍କୁ ହରାଇଥିଲେ। ଟୁର୍ଣ୍ଣାମେଣ୍ଟ୍‌ର ଚତୁର୍ଥ ଓ ପଞ୍ଚମ ରାଉଣ୍ଡ୍‌ରେ ଗୁକେଶ ଯଥାକ୍ରମେ ଉଜ୍‌ବେକିସ୍ତାନର ନାଦିରବେକ୍ ଅବ୍‌ଦୁସତୋରୋଭ୍ ଏବଂ ଆମେରିକାର ଫାବିୟାନୋ କାରୁଆନାଙ୍କୁ ହରାଇଥିଲେ। ର୍‍ୟାପିଡ୍ ବର୍ଗରେ ଦୁଇ ରାଉଣ୍ଡ ବାକି ଥିବାବେଳେ ଗୁକେଶ ୧୨ରୁ ୧୦ ପଏଣ୍ଟ ନେଇ ଶୀର୍ଷରେ ରହିଛନ୍ତି। ଅନ୍ୟପକ୍ଷରେ ଭାରତର ଆର୍. ପ୍ରଜ୍ଞାନନ୍ଦ ୫ ପଏଣ୍ଟ୍‌ରେ ଆମେରିକାର କାରୁଆନାଙ୍କ ସହିତ ଯୁଗ୍ମ ସପ୍ତମରେ ରହିଛନ୍ତି।

## ବିଳମ୍ବିତ ହେବ ଭାରତର ବାଂଲାଦେଶ ଗସ୍ତ

- ସୁରକ୍ଷା କାରଣରୁ ମନାକଲା ବିସିସିଆଇ
- ମିଡିଆ ରାଇଟ୍ସ ବିକ୍ରି ଅଟକାଇଲା ବିସିବି

**ଢାକା,ନୂଆଦିଲ୍ଲୀ,୪।୭/ଏଜେନ୍ସି:** ଭାରତର ବାଂଲାଦେଶ ଗସ୍ତ ନିର୍ଦ୍ଧାରିତ ସମୟରେ ହେବନାହିଁ। ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଏହାର ଆଧିକାରିକ ଘୋଷଣା କରିନଥିଲେ ମଧ୍ୟ ଆଗାମୀ ମାସରେ ହେବାକୁ ଥିବା ଭାରତ ବିପକ୍ଷ ଦିନିକିଆ ଓ ଟି-୨୦ ସିରିଜ୍‌ର ପ୍ରସ୍ତୁତି ରୋକି ଦେଇଛି। ନିକଟରେ ଭାରତ-ବାଂଲାଦେଶ ସମ୍ପର୍କରେ ଅବନତି ଏବଂ ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏହା ସହିତ ବିସିବି ସିରିଜ୍‌ର ମିଡିଆ ରାଇଟ୍ସ ବିକ୍ରିକୁ ମଧ୍ୟ ରୋକି ଦେଇଛି। ପୂର୍ବରୁ ଜୁଲାଇ ୭ରେ ଟେକ୍ନିକାଲ୍ ବିଡ୍ ଏବଂ ଜୁଲାଇ ୧୦ରେ ଫାଇନାନ୍‌ସିଆଲ୍ ବିଡ୍ ହେବାର ଥିଲା। ମାତ୍ର ଏବେ ବୋର୍ଡ ପ୍ରଥମେ ପାକିସ୍ତାନ ସିରିଜ୍ (ଜୁଲାଇ ୧୭-୨୫) ପାଇଁ ମିଡିଆ ରାଇଟ୍ସ ବିକ୍ରି କରିବ ଏବଂ ପରେ ବାକି ମ୍ୟାଚ୍ ପାଇଁ ନିଷ୍ପତ୍ତି ନେବ। ସପ୍ତାହେ ପୂର୍ବରୁ ବିସିବି ଅଧ୍ୟକ୍ଷ ଅମିନୁଲ୍ ଇସ୍ଲାମ୍ କହିଥିଲେ ଯେ ଗସ୍ତରେ ଆସିବା ପୂର୍ବରୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ନିଜ ସରକାରଙ୍କ ମଞ୍ଜୁରୀ ଅପେକ୍ଷାରେ ରହିଛି।

କ୍ରିକ୍‌ବଜ୍ ରିପୋର୍ଟ ଅନୁସାରେ ବିସିବିର ଜଣେ ଅଧିକାରୀ କହିଛନ୍ତି, ଭାରତ ଅଗଷ୍ଟରେ ହେବାକୁ ଥିବା ଗସ୍ତ ପାଇଁ ମନା କରିଦେଇଛି। ବିସିସିଆଇ ଯଦିବା କୌଣସି ନିର୍ଦ୍ଦିଷ୍ଟ ତାରିଖ ଦେଇନାହିଁ, ତେବେ ଆସନ୍ତା ସପ୍ତାହରେ ଏହା ଉପରେ ଆଧିକାରିକ ବୟାନ ଜାରୀ ହୋଇପାରେ। ସିରିଜ୍ ପରେ ଆୟୋଜିତ କରାଯିବାର ସମ୍ଭାବନା ରହିଛି। ବାଂଲାଦେଶରେ ପ୍ରତ୍ୟେକ ଦିନ ହିଂସାକାଣ୍ଡ ଘଟୁଥିବାରୁ ଏପରି ସ୍ଥିତିରେ ବାଂଲାଦେଶ ଗସ୍ତରୁ ଦୂରେଇ ରହିବା ପାଇଁ ଭାରତ ସରକାର ବିସିସିଆଇକୁ ପରାମର୍ଶ ଦେଇଛନ୍ତି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra